# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୪/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 24/2025 Page 14 ₹ 7.00 | RAYAGADA

୫୧ଶ ଭାଗ ୨୬୯ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 269 ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୪/୨୦୨୫ | Bhubaneswar, Sunday, August 24/2025 | ପୃଷ୍ଠା-୧




**ରଶ୍ମିତା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍**

ଶ୍ରୀନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର ରଶ୍ମିତା ସାହୁ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି।

୧୨

୦୮

**'ଏମ୍‌ଏସ୍‌ଭିଜି'ରେ ଚିରଞ୍ଜୀବୀ, ଭେଙ୍କଟେଶ ଏକାଠି**

ଅନିଲ ରବିପୁଡ଼ିଙ୍କ ନିର୍ଦ୍ଦେଶିତ 'ଏମ୍‌ଏସ୍‌ଭିଜି' ଫିଲ୍ମରେ ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ଓ ଭେଙ୍କଟେଶଙ୍କୁ ଏକାଠି ଦେଖିବାକୁ ମିଳିବ।



## ଏସ୍‌ପିଙ୍କ କାର୍ଯ୍ୟାଳୟରେ ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଢେଙ୍କାନାଳ,୨୩।୮ (ରତନ ନାୟାର)**

ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟା ୬ଟାରେ ଜଣେ ମହିଳା ନିଜ ଦେହର ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀମାନେ ତାଙ୍କୁ ଅଟକାଇବା ସହିତ ତାଙ୍କଠାରୁ ଏକ ପ୍ଲାଷ୍ଟିକ୍ ବୋତଲରେ ଥିବା ପେଟ୍ରୋଲ ଓ ଦିଆସିଲିକୁ ଜବତ କରିଛନ୍ତି। ଖବରପାଇ ଏସ୍‌ପି ଅଭିନବ ସୋନକର କାର୍ଯ୍ୟାଳୟରେ ପହଞ୍ଚି ମହିଳାଙ୍କ ଅଭିଯୋଗ ଶୁଣିଛନ୍ତି। ମହିଳା ଜଣକ ସଦର ଥାନା ଓ ଟାଉନ ଥାନା ପୋଲିସ ଅଧିକାରୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଏପରି ଉଦ୍ୟମ କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅନୁଭୂତି ବଖାଣି ଥାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଭୟଭୀତ କିମ୍ବା ଖରାପ ବ୍ୟବହାର ନ କରି ସହଯୋଗ କରିବାକୁ ତାଗିଦ କରିଥିଲେ। ଏପରି କି ଏ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ତୁରନ୍ତ ☞ପୃଷ୍ଠା-୨




ବିଜ୍ଞାନର ପ୍ରଚାରପ୍ରସାର ସହ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି ପାଇଁ ସାରା ଦେଶରେ ଶନିବାର ଅନୁଷ୍ଠିତ 'ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ' ପରିପ୍ରେକ୍ଷୀରେ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଗେଟ୍‌ଠାରୁ ଆଚାର୍ଯ୍ୟବିହାରର ସାଇନ୍ସ ପାର୍କ ଛକ ଅଭିମୁଖେ ବାହାରିଥିବା ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଉଛନ୍ତି। (ଫଟୋ- ବିକାଶ ନାୟକ)

## ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

**ପୁରୀ,୨୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିସରରେ ଶିଶୁମାନଙ୍କ ପାଇଁ ସ୍ତନ୍ୟପାନ ଗୃହ ନିର୍ମାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶ୍ରୀମନ୍ଦିରକୁ ବହୁସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ଭକ୍ତମାନଙ୍କ ମଧ୍ୟରେ ଅନେକ ମା' ନିଜ ଶିଶୁଙ୍କୁ ନେଇ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ସେମାନେ ଏନେଇ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବଙ୍କି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନ ପାଇଁ ସ୍ଥାନ ନିରୂପଣ ☞ପୃଷ୍ଠା-୨

## ଟ୍ରକ ଆଗରେ ଶୋଇ ଜୀବନ ହାରିଲେ ଯୁବକ

**ଗୋପାଳପୁର,୨୩।୮ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲା ସୁମାଣ୍ଡି ଛକଠାରୁ ଜଗନ୍ନାଥପୁର ଛକ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଓଭରବ୍ରିଜ ନିକଟରେ ଶନିବାର ଅପରାହ୍ଣରେ ଜଣେ ଯୁବକ ଟ୍ରକ ଆଗରେ ଶୋଇପଡ଼ି ଜୀବନ ହାରିଛନ୍ତି। ତାଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗିପୁର ଗ୍ରାମର ଏସ. ପାପେୟା (୨୬)। ଏ ନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡ଼ିଛି, ଗୋପାଳପୁର ଥାନା ଅଧୀନ ଦିଗିପୁର ଗ୍ରାମର ପାପେୟା ଶନିବାର ଅପରାହ୍ଣରେ କୌଣସି କାମରେ ବ୍ରହ୍ମପୁର ଯାଉଥିବା କହି ଘରୁ ବାଇକ୍‌ରେ ଆସିଥିଲେ। ଗୋପାଳପୁର ଓଭରବ୍ରିଜ ନିକଟରେ ବାଇକ୍ ରଖି ସେ ଆସୁଥିବା ଟ୍ରକ (ଏପି୩୭ଟିଇ-୨୦୭୯) ଆଗରେ ହଠାତ୍ ଶୋଇ ☞ପୃଷ୍ଠା-୨

# ବନ୍ଧାହେଲେ ଅଭିଯୋଗକାରୀ

**ଧର୍ମସ୍ଥଳ ଗଣକବର ମାମଲା**

କର୍ନାଟକର ଧର୍ମଶାଳାସ୍ଥିତ ଶ୍ରୀମଞ୍ଜୁନାଥ ଶୈବପୀଠରେ ୧୯୯୦ ଦଶକରୁ ୨୦୧୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରି ପୋତି ଦିଆଯାଇଥିବା ନେଇ ଗତ ଜୁଲାଇରେ ଅଭିଯୋଗ ଆସିଥିଲା। ଉକ୍ତ ମନ୍ଦିରରେ ୨୦୧୪ ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ସଫେଇ କର୍ମଚାରୀ ରହି ଆସିଥିବା ଜଣେ ବ୍ୟକ୍ତି ହଠାତ୍ ହ୍ୱିସିଲବ୍ଲୋୟର ସାଜି ଏଭଳି ଚାଞ୍ଚଲ୍ୟକର ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗ ଜାତୀୟ ତଥା ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କ ଅଭିଯୋଗକ୍ରମେ କର୍ନାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ତଦନ୍ତ ବେଳେ ଗଣକବରରୁ ମଣିଷ କଙ୍କାଳ ଓ ଦେହାବଶେଷ ମଧ୍ୟ ଜବତ ହୋଇଥିଲା। ହ୍ୱିସିଲବ୍ଲୋୟରଙ୍କ ବୟାନ ଓ ସେ ଦାଖଲ କରିଥିବା ଦସ୍ତାବିଜରେ ତାଳମେଳ ନ ଥିବାରୁ ଶନିବାର ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇଟି କହିଛି। ପ୍ରାୟ ଦେଢ଼ମାସ ଧରି ଯେଉଁ ହ୍ୱିସିଲବ୍ଲୋୟରଙ୍କ ନାମ ଗୋପନ ରଖି ମୁହଁ ଢାଙ୍କି କୋର୍ଟକୁ ନିଆଯାଉଥିଲା, ତାଙ୍କୁ ଏସ୍‌ଆଇଟି ହଠାତ୍ ଅଭିଯୁକ୍ତ ଦର୍ଶାଇ ଗିରଫ କରିବା ପରେ ତଦନ୍ତର ସ୍ୱଚ୍ଛତାକୁ ନେଇ ସନ୍ଦେହ ଉପୁଜିଲାଣି। ଏହି ପ୍ରସଙ୍ଗରେ ଶାସକ କଂଗ୍ରେସ ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ସିଦ୍ଧାରାମାୟା ସରକାର ତଦନ୍ତକୁ ବାଟବଣା ଉଦ୍ୟମ କରୁଥିବା ଭାଜପା ଅଭିଯୋଗ ଆଣିଥିବାବେଳେ ବିରୋଧୀ ଦଳ କର୍ନାଟକକୁ ବଦ୍‌ନାମ କରିବା ପାଇଁ ଷଡ଼ଯନ୍ତ୍ର ରହିଥିବା କଂଗ୍ରେସ ସମାଲୋଚନା କରିଛି।

**ମାଙ୍ଗାଲୁରୁ,୨୩।୮**

କର୍ନାଟକର ମନ୍ଦିର ସହର ଧର୍ମସ୍ଥଳରେ ବହୁସଂଖ୍ୟାରେ ମହିଳା, କମ୍ ବୟସ୍କା ଓ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ପରେ ସେମାନଙ୍କୁ ପୋତିଦିଆଯାଇଥିବା ନେଇ ସେଠାକାର ପୂର୍ବତନ ସଫେଇ କର୍ମଚାରୀ ସି.ଏନ୍. ଚିନ୍ନାୟା ଗତ ମାସ ୩ ତାରିଖରେ ଅଭିଯୋଗ ଆଣିଥିଲେ, ଯାହା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏଭଳି କୁତ୍ସିତ କାର୍ଯ୍ୟ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ସେ କହିଥିଲେ। ହ୍ୱିସିଲବ୍ଲୋୟରଙ୍କ



ସି.ଏନ୍. ଚିନ୍ନାୟା

ଅଭିଯୋଗ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତିହୋଇ ରହିଥିବା ବେଦନାକୁ ଉଜାଗର କରିଥିବା କୁହାଯାଇଥିଲା। ତାଙ୍କର ବିଧିବଦ୍ଧ ଅଭିଯୋଗ ପରେ କର୍ନାଟକ ସରକାର ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ତେବେ ଏସ୍‌ଆଇଟି ଶନିବାର ଅଭିଯୋଗକାରୀ ଚିନ୍ନାୟାଙ୍କୁ ଗିରଫ କରିବା ଘଟଣାକୁ ନୂଆ ମୋଡ଼ ଦେଇଛି। ଅଦାଲତରେ ହାଜର ପରେ ତାଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଆଇଟି ଏବଂ ଏହାର ମୁଖ୍ୟ ପ୍ରଣବ ମହାନ୍ତି ଶୁକ୍ରବାର ଅଭିଯୋଗକାରୀଙ୍କୁ ଜେରା କରିଥିଲେ। ତାଙ୍କ ବୟାନ ଓ ସେ ଦାଖଲ କରିଥିବା ଦସ୍ତାବିଜ୍‌ରେ ତାଳମେଳ ନ ରହିବାରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇଟି କହିଛି।

ତଦନ୍ତ ଜାରି ରହିଥିବାରୁ ଅଧିକ ବିବରଣୀ ଦିଆଯାଇପାରିବ ନାହିଁ ବୋଲି ଗୃହମନ୍ତ୍ରୀ ଜି. ପରମେଶ୍ୱର ଗଣମାଧ୍ୟମକୁ କହିଛନ୍ତି। ମାମଲା ପଛରେ କୌଣସି ର୍ୟାକେଟ୍ ସମ୍ପୃକ୍ତ କି ନୁହେଁ, ଏସ୍‌ଆଇଟି ତାହାର ତଦନ୍ତ କରିବା ଆବଶ୍ୟକ। କେବଳ ଚୂଡ଼ାନ୍ତ ରିପୋର୍ଟରୁ ସବିଶେଷ ତଥ୍ୟ ମିଳିପାରିବ। ଅନ୍ୟପକ୍ଷରେ କର୍ନାଟକ ଭାଜପା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେବା ପାଇଁ ଦାବି କରିଛି। ଅଭିଯୋଗକାରୀଙ୍କ ପଛରେ ଷଡ଼ଯନ୍ତ୍ରକାରୀ, ବିଦେଶୀ ହାତ କିମ୍ବା ପାଣ୍ଠି ଥାଇପାରେ। ତାହାକୁ ପଦାକୁ ଆଣିବାକୁ ହେଲେ ଏନ୍‌ଆଇଏ ତଦନ୍ତ ଆବଶ୍ୟକ ବୋଲି ମୁଖ୍ୟ ବିରୋଧୀ ଦଳ କହିଛି।

ଅଭିଯୋଗକାରୀ ହ୍ୱିସିଲ୍‌ବ୍ଲୋୟର ଗିରଫ ଘଟଣାକୁ ଧର୍ମସ୍ଥଳ ମଞ୍ଜୁନାଥ ସ୍ୱାମୀ ମନ୍ଦିରର ଧର୍ମାଧିକାରୀ ବୀରେନ୍ଦ୍ର ହେଗଡେ ସ୍ୱାଗତ କରିଛନ୍ତି। ସତ୍ୟ ପଦାକୁ ଆସିବା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏସ୍‌ଆଇଟି ଅଭିଯୋଗକାରୀଙ୍କୁ ବେଲ୍‌ଥାଙ୍ଗଡି କୋର୍ଟରେ ହାଜର କରାଇବା ପରେ ହେଗଡେ ଉପସ୍ଥିତ ଲୋକଙ୍କୁ କହିଥିଲେ, ମନ୍ଦିର ସହର ଭିତ୍ତିହୀନ ଅଭିଯୋଗର ସମ୍ମୁଖୀନ ହୋଇଆସୁଛି। ଏହା ଶ୍ରଦ୍ଧାଳୁ ଓ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିଥିଲା। ଶନିବାରର ଘଟଣାରୁ ସତ୍ୟ ଉପରେ ଭରସା ସୃଷ୍ଟି ହୋଇଛି ଓ ନ୍ୟାୟ ବଜାୟ ରହିବ ବୋଲି ଧର୍ମାଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଦକ୍ଷିଣ କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ☞ପୃଷ୍ଠା-୨

## ବିପଦସଙ୍କେତ ଉପରେ ବୈତରଣୀ, ଫୁଲୁଛି ସୁବର୍ଣ୍ଣରେଖା

**ଭଣ୍ଡାରିପୋଖରୀ (ରାଜେନ୍ଦ୍ର ଶତପଥୀ)/ ଭୋଗରାଇ, (ପ୍ରଦୀପ ଦାସ), ୨୩।୮**

୪ ଦିନ ଧରି ବର୍ଷା ଲାଗି ରହିବାରୁ ବୈତରଣୀ ନଦୀର ଜଳସ୍ତର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବିପଦସଙ୍କେତ ଟପିଛି। ସେହିପରି ଝାଡ଼ଖଣ୍ଡର ଗାଲୁଡ଼ିହି ବ୍ୟାରେଜରୁ ପାଣି ଛଡ଼ାଯିବାରୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଜଘାଟଠାରେ ବୃଦ୍ଧି ପାଉଛି। ଶନିବାର ଅପରାହ୍ଣରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ନଦୀ ବିପଦସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଥିଲା। ରାତି ୯ଟା ସୁଦ୍ଧା ଜଳସ୍ତର ୧୮.୫୦ ମିଟର ଛୁଇଁଥିଲା। ଫଳରେ ଚଳିତବର୍ଷ ଏହି ନଦୀରେ ୩ୟ ବନ୍ୟା ଆସିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ ମି.ମି. ବେଗରେ ବୃଦ୍ଧି ପାଉଛି। ଗତ ୨୪ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ ମି.ମି., ସ୍ୱାମପାଟଣାରେ ୧୯.୮ ମି.ମି., ଆନନ୍ଦପୁରରେ ୬୮.୨ ମି.ମି. ଓ ଆଖୁଆପଦାରେ ୩୮.୧୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ**

**ଭାରତର ପାକ୍ ନୀତି**

# ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

**ବିଧାନସଭା ସୁରୁଖୁରୁରେ ଚଳାଇବା ନେଇ ସହଯୋଗ ଲୋଡ଼ିଲେ**

**ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ନବୀନଙ୍କ ସୁସ୍ଥତା କାମନା କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ବୋଲି ପଚାରିଥିଲେ। ଉତ୍ତରରେ ସୁସ୍ଥ ଅନୁଭବ କରୁଛନ୍ତି ବୋଲି ନବୀନ କହିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନବୀନଙ୍କ ସୁସ୍ଥ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରୁଥିବା କହିଛନ୍ତି। ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ଅସୁସ୍ଥ ଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିକଟରେ ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ନିବାସ ଯାଇ ତାଙ୍କୁ ସାକ୍ଷାତକରି ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ




ପଚାରି ବୁଝିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ୍ ଧରି ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସମୟରେ ☞ପୃଷ୍ଠା-୨

# ବିବାହ ନିମନ୍ତ୍ରଣ କାର୍ଡ ଖୋଲି ୧.୯ ଲକ୍ଷ ଟଙ୍କା ହରାଇଲେ

**ମୁମ୍ବାଇ, ୨୩।୮**

ମହାରାଷ୍ଟ୍ରର ଜଣେ ସରକାରୀ କର୍ମଚାରୀ ହ୍ୱାଟ୍ସଆପ୍‌ରେ ଏକ ନକଲି ବିବାହ ନିମନ୍ତ୍ରଣ କାର୍ଡ ଖୋଲି ୧ ଲକ୍ଷ ୯୦ ହଜାର ଟଙ୍କା ହରାଇଛନ୍ତି। ଠକେଇର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ଜଣକ ମହାରାଷ୍ଟ୍ରର ହିଙ୍ଗୋଲି ଜିଲାର ହୋଇଥିବାବେଳେ ତାଙ୍କୁ ହ୍ୱାଟ୍ସଆପ୍‌ରେ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ସେ ଚାଟ୍ ଖୋଲିବା ପରେ ସେଥିରେ ଲେଖା ହୋଇଥିଲା, 'ବିବାହରେ ନିଶ୍ଚିତ ଆସିବେ, ଆପଣଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷାରେ ରହିଛୁ। ପ୍ରେମ ହେଉଛି ଏପରି ଏକ ଚାବି, ଯାହା ଖୁସିର ଦ୍ୱାର ଖୋଲିଥାଏ।' ଉକ୍ତ ମେସେଜ୍ ତଳେ ଏକ ବିବାହ ନିମନ୍ତ୍ରଣ କାର୍ଡ ରହିଥିଲା, ଯାହା ଏକ ପୋର୍ଟେବଲ ଡକ୍ୟୁମେଣ୍ଟ ଫର୍ମାଟ (ପିଡିଏଫ୍) ଫାଇଲ ପରି ଦେଖାଯାଉଥିଲା।




ପୀଡ଼ିତ ବ୍ୟକ୍ତି ଜଣଙ୍କ କୌତୂହଳବଶତଃ ଉକ୍ତ ଫାଇଲରେ କ୍ଲିକ୍ କରିବା ପରେ ତାଙ୍କ ଫୋନରେ ଏକ ଆଣ୍ଡ୍ରଏଡ୍ ଆପ୍ଲିକେଶନ ପ୍ୟାକେଜ୍ (ଏପିକେ) ଫାଇଲ ଇନ୍‌ଷ୍ଟଲ ହୋଇଯାଇଥିଲା। ଫଳରେ ସାଇବର ଅପରାଧୀମାନେ ☞ପୃଷ୍ଠା-୨


No. T-71

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା25.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0186/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓୟୁଏଟିର ୬୪ତମ ଫାଉଣ୍ଡେଶନ ଦିବସ ପାଳନ, ସ୍ଥାନ: କୃଷି ଶିକ୍ଷା ସଦନ,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଇଏମ୍‌ବି ପକ୍ଷରୁ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍-ଆଇଏମ୍‌ବି ଇଗ୍‌ନାଇଟ୍ ୨୦୨୫, ସ୍ଥାନ: ଆଇଏମ୍‌ବି ଏକଲବ୍ୟ ସେମିନାର୍ ହଲ୍, ରସୁଲଗଡ଼, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ଭାରତୀୟ ବିଦ୍ୟା ଭବନ ପକ୍ଷରୁ ବିସିସିଏମ୍‌ର ସମ୍ମିଳନୀ ସମାରୋହ ୨୦୨୫, ସ୍ଥାନ: ବିସିସିଏମ୍ ମୁନ୍‌ସି ହଲ୍, ୟୁନିଟ୍ ୯, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ ଟା ।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ 'ଫେରିବାକୁ ହେବ' ପୁସ୍ତକ ଲୋକାର୍ପଣ, ସ୍ଥାନ: ହୋଟେଲ୍ ଆର୍ଯ୍ୟ ପ୍ୟାଲେସ, ସମୟ: ସନ୍ଧ୍ୟା ୬ ଟା ।
- ରାଜ୍ୟସ୍ତରୀୟ ଆମ୍ରୋତ୍ସର୍ଗ ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ ଟା ।
- ପଦ୍ମଶ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ୮୧ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା ।

## କଟକ

- ବିଦ୍ୟାଳୟସ୍ତରୀୟ ମାଟ୍ରିକ୍ ଟପ୍ପରଙ୍କୁ ଡାଳିଯୋଡ଼ା ସାହିତ୍ୟ ସଂସଦ ଚୌଦ୍ୱାର ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: କଳିଙ୍ଗ ବିଦ୍ୟାପୀଠ, ସମୟ ପୂର୍ବାହ୍ନ ୧୦ଟା ।
- ହାଇକୋର୍ଟ ପକ୍ଷରୁ ଜିଲା ଜଜ୍‌ମାନଙ୍କ ସମ୍ମିଳନୀର ଉଦ୍‌ଯାପନ ସମାରୋହ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା ୪୫ ।
- ବୈକୁଣ୍ଠ ସାହିତ୍ୟ ସଂସଦର ପାରମ୍ପରିକ ମୌସୁମୀ ଆସର, ସ୍ଥାନ: ରାଜ ବିଶ୍ୱମ୍ଭର କ୍ଲବ, ବଡ଼ମ୍ବା, ସମୟ: ଅପରାହ୍ନ ୨ଟା ।
- ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ୧୧୧ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷ, ଲିଙ୍କ ରୋଡ୍, ସମୟ : ଅପରାହ୍ନ ୪ଟା ୩୦ ।

## ପୁରୀ

- ସାଇ ଏକାଡେମୀର କ୍ରୀଡ଼ା ଛାତ୍ରାବାସ ଓ ଟେନିସ କୋର୍ଟ ଉଦ୍‌ଘାଟନ, ସ୍ଥାନ: ମୂଳଅଳସା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା ।

## ବାଲେଶ୍ୱର

- ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ରକ୍ତଭଣ୍ଡାର, ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ।

## ଭଦ୍ରକ

- ବଣିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।
- କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୭ ଟା ।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।

## ବ୍ରହ୍ମପୁର

- ଜିଲାସ୍ତରୀୟ ସ୍କୁଲ ବକ୍ସିଂ ଚାମ୍ପିୟନଶିପ, ସ୍ଥାନ: କେ.ସି.ହାଇସ୍କୁଲ ଗୋଷାଣୀନୂଆଗାଁ, ସମୟ: ସକାଳ ୮.୩୦ ।
- ବିଇଏମ୍‌ସି ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦ ।
- କଳା ଝଲକ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୮.୩୦ ।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅରବିନ୍ଦ ନଗର, ସମୟ: ସକାଳ ୯.୩୦ ।
- ଗରିମା ପ୍ରକୋଷ୍ଠ ଉନ୍‌ଘାଟନୀ, ସ୍ଥାନ: ଗୋଲାପଲୀ ସାହି ଓ ପୁରୁଣା ବ୍ରହ୍ମପୁର, ସମୟ: ଅପରାହ୍ନ ୩ ଟା ।
- ପୁସ୍ତକ ଉନ୍ମୋଚନ ପର୍ବ, ସ୍ଥାନ: ନୂଆ ବସଷ୍ଟାଣ୍ଡ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪.୩୦ ।
- ସିନ୍ଦୂର ଫେଷ୍ଟିଭାଲ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୫ ଟା ।

## କନ୍ଧମାଳ

- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ: ଦାରିଙ୍ଗିବାଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଗର୍ଭ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ ଗାୟତ୍ରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ଗଜପତି

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାଶୀନଗର ବ୍ଲକ୍ କେତିଙ୍ଗି ଗ୍ରାମ, ସମୟ: ସକାଳ ୯ ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସ୍‌କେସିଜି ଖେଳ ପଡ଼ିଆ ପାରଳାଖେମୁଣ୍ଡି, ସମୟ: ସକାଳ ୯ ଟା ।

## ଢେଙ୍କାନାଳ

- ନିତା ନୃତ୍ୟାଙ୍ଗନା ପକ୍ଷରୁ ନୂଆଖାଇ-୨୦୨୫, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସକାଳ ୯ଟା ।
- ଶ୍ରୀଜଗନ୍ନାଥ କୃପା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଦଧିବାବନଜୀଉ ମଠ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବଜାର, ପାରାଦୀପ, ସମୟ: ସକାଳ ୭ ଟା ।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା ।
- ନବସୃଜନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ଗରଜଙ୍ଗା ଦେବସ୍ଥାନମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଜଗନ୍ନାଥ ପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବଡପାଳ ଗଡା, ମହାକାଳପଡା, ସମୟ: ସକାଳ ୭ଟା ।
- ବନଫୁଲ ସାହିତ୍ୟ ମହୋତ୍ସବ, ସ୍ଥାନ: ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜରିମୂଳ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଉତ୍କଳ ସାମ୍ବାଦିକ ସଂଘ ଦଶରଥପୁର ବ୍ଲକ ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ମଙ୍ଗଳପୁରସ୍ଥିତ ଥାଲକୁଡି ବିଜୁ କଲ୍ୟାଣ ମଣ୍ଡପ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ନୟାଗଡ଼

- ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ଶିବସ୍ମୃତି ଭବନ , ସମୟ: ପୂର୍ବାହ୍ନ ୧୦ଟା ।
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ବ୍ଲକର ଗୋଛାବାରୀ, ସମୟ: ପୂର୍ବାହ୍ନ ୧୦ଟା ।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାୟଗଡ଼ା

- ଉତ୍କଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ, ସ୍ଥାନ: ରାୟଗଡ଼ା ଲାୟନ୍ସ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ।
- ଗ୍ରାମ ଦେବୀ ମନ୍ଦିରର ପ୍ରଥମ ବୈଠକ, ସ୍ଥାନ: ଗ୍ରାମଦେବୀ ମନ୍ଦିର, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର

- ଶହୀଦ ସ୍ମୃତି ଦିବସ, ସ୍ଥାନ:ପାପଡ଼ାହାଣ୍ଡି ଶହୀଦ ମିନାର, ସମୟ: ସକାଳ ୯ଟା ।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ଶିବଜ୍ୟୋତି ଭବନ, ସମ୍ବାରତୋଟା, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସେତୁବନ୍ଧ ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ଏରାସାନ୍ତାଗୁଡା ସଦର ମଣ୍ଡପ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ସକାଶେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସକାଳ ୯ଟା ।
- ଗଣେଷ ଚତୁର୍ଥୀ ସକାଶେ କାନଭାସରେ ଶ୍ରୀଗଣେଷ କର୍ମଶାଳା, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ଆର୍ଟ କର୍ଣ୍ଣର ପରିସର, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ବାପା ଛେଉଣ୍ଡ ଅସହାୟ ଶିଶୁଙ୍କ ସକାଶେ ଶିକ୍ଷା କର୍ମଶାଳା, ସ୍ଥାନ : ବଂସରା କଲ୍ୟାଣ ଆଶ୍ରମ, ସମୟ : ପୂର୍ବାହ୍ନ ୧୧ଟା ।
- ଯବାନ ଇ ହିନ୍ଦ କ୍ଲବ ଆୟୋଜନରେ ସ୍ୱରାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ସତ୍ୟନାରାୟଣ ସ୍ମୃତିକମିଟି ପକ୍ଷରୁ 'ନାରୀ ନିର୍ଯାତନା ଓ ସଶକ୍ତିକରଣ' ବିଷୟରେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ ଟା ।

## ରାଉରକେଲା

- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ବୌଦ୍ଧିକ ମଣ୍ଡପ, ସମୟ: ସକାଳ ୮ଟା ।
- ଶିଶୁ ମହୋତ୍ସବ ଓ କବି ସମ୍ମିଳନୀ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସିପିଆଇ ପକ୍ଷରୁ ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ଚିତ୍ରାଙ୍କନ ପ୍ରତିଯୋଗିତା ଓ ମଡେଲ ପ୍ରସ୍ତୁତି, ସ୍ଥାନ: ସେକ୍ଟର-୩ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆ, ସମୟ: ଅପରାହ୍ନ ୩ଟା ।
- ସତ୍‌ସଙ୍ଗ ବିହାରରେ ମାତୃ ସମ୍ମିଳନୀ, ସ୍ଥାନ: ଛେଣ୍ଡ ସତ୍‌ସଙ୍ଗ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼

- ଶିକ୍ଷା ବିକାଶ ସମିତି ପକ୍ଷରୁ ମଣ୍ଡଳ ସ୍ତରୀୟ ଦ୍ୱିଦିବସୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁନ୍ଦରଗଡ, ସମୟ: ସକାଳ ୯ଟା ୪୫ ।

## ବରଗଡ଼

- ପ୍ରଜାପତି ବ୍ରହ୍ମ କୁମାରୀ ସଂସ୍ଥା ପକ୍ଷରୁ ରକ୍ତ ଦାନ ଶିବିର, ସ୍ଥାନ:ପଦ୍ମପୁର ମେହେର ପଡ଼ା ସ୍ଥିତ ବ୍ରହ୍ମ କୁମାରୀ ଆଶ୍ରମ, ସମୟ:ସକାଳ ୯ଟା ।
- ୧ଟଙ୍କିଆ ସଙ୍ଗୀତ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ପଦ୍ମପୁର ରାଜାଜୀ ଟାଉନହଲ, ସମୟ: ସକାଳ ୧୦ଟା ୩୦ ।

## ବୌଦ୍ଧ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଦିବ୍ୟପ୍ରକାଶ ଭବନ ରାଜବାଟି, ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହରସ୍ଥିତ ବାବୁସାହି, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଚତୁର୍ଦ୍ଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ୮ତମ ନୂଆପଡ଼ା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୪ଟା ।

## ଝାରସୁଗୁଡ଼ା

- ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋଶାଳାସ୍ଥିତ ବ୍ରହ୍ମକୁମାରୀ ପୀଠ, ସମୟ: ସକାଳ ୮ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା କାରଣରୁ କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ । ଆତ୍ମୀୟଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ । ସାମାଜିକ ସ୍ତରରେ ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ସାଧାରଣ କଥାରେ କଳହ କରିପାରନ୍ତି ।

**ବୃଷ** – ସ୍ୱାସ୍ଥ୍ୟହାନି, ବନ୍ଧୁମାନଙ୍କ ବେଖାତିର ମନୋଭାବ ଓ ଅର୍ଥ ସଂକଟଜନିତ ମନ ଅଶାନ୍ତ ରହିବ । ପରିସ୍ଥିତି ଅନୁଯାୟୀ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ । ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ** – ଆଜି କାର୍ଯ୍ୟସିଦ୍ଧି ସାଙ୍ଗକୁ ଜମିଜମା କାରବାରରେ ଆଶା ପୂରଣ ହୋଇପାରିବ । ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କାମଗୁଡିକ ଠିକ୍ ସମୟରେ କରିପାରିବେ । ଅନ୍ୟମନସ୍କତା ପରିହାର କରି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ପାରିବାରିକ କ୍ଷେତ୍ରରେ ଅର୍ଥାଭାବ କେତେକ କାମକୁ ଅଟକାଇ ଦେଇପାରେ ।

**କର୍କଟ** – ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିଥିଲେ ମଧ୍ୟ ପରିସ୍ଥିତିବଶତଃ କାମରେ ଅବହେଳା କରିପାରିବେ ନାହିଁ । ତଥାପି ଏମିତି କେତେକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ । ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ । ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ।

**ସିଂହ** – ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଖୁସି ହେବେ । ସରକାରୀ ସ୍ତରରୁ ସାହାଯ୍ୟ, ସହଯୋଗ ପାଇବାର ଆଶା ରହିଛି । ପରିବାରରେ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ । ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବା କାରଣରୁ ମନ ଉଦ୍‌ବେଗଯୁକ୍ତ ରହିପାରେ ।

**କନ୍ୟା** – ସବୁ ସୁବିଧା ଥାଇ ମଧ୍ୟ ପାରିବାରିକ ଜୀବନରେ ମାନସିକ ଶାନ୍ତିର ଅଭାବ ଅନୁଭବ କରିବେ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ । ଗୃହ ନିର୍ମାଣ କିମ୍ବା ମରାମତିରେ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇବେ । କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ଅପ୍ରିୟତା ଅର୍ଜନ କରିପାରନ୍ତି ।

**ତୁଳା** – ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଆଜି କୌଣସି କାମ ଅଟକିବ ନାହିଁ । ବନ୍ଧୁଙ୍କ ପରାମର୍ଶରେ ସମାଧାନର ରାସ୍ତା ବାହାର କରିବେ । ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ । କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ମନ ଅନୁଯାୟୀ କାମ ନ ହେବାରୁ ବ୍ୟସ୍ତ ହେବେ । ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ । କ୍ରୀଡ଼ା, ପ୍ରତିଯୋଗିତା, ଲେଖାପଢ଼ା, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ । ପ୍ରିୟଜନଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାର ସୂଚନା ରହିଛି ।

**ଧନୁ** – ଆଜି କର୍ମାରମ୍ଭ, ବନ୍ଧୁମିଳନ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । କିନ୍ତୁ ଆଲୋଚନା ଅବକାଶରେ କଠୋର କଥା କହି କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ । ଅଫିସ କାମରେ ବ୍ୟସ୍ତ ରହି ଘରର ଆବଶ୍ୟକତାକୁ ଭୁଲିଯିବେ । ରାଜନୀତି, ସାଂଗଠନିକ, ପ୍ରଶାସନିକ ସ୍ତରରେ ପ୍ରଶଂସିତ ହେବେ ।

**ମକର** – କର୍ମପରିସର ବୃଦ୍ଧି କାରଣରୁ ଘରର ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ବିଳମ୍ବ ଘଟିବ । ସମସ୍ୟା ତ ଅନେକ ରହିଛି ତଥାପି ବନ୍ଧୁଙ୍କ ଜରିଆରେ କାମ ହାସଲ ମଧ୍ୟ କରିବେ । ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରି ଉପକୃତ ହେବେ । ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ।

**କୁମ୍ଭ** – ଆଜି ଆତ୍ମୀୟଙ୍କ ସହଯୋଗରେ ସହଜ ଓ ସୁବିଧାରେ କାମଗୁଡିକ ସମ୍ପନ୍ନ ହୋଇଯିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ଅନ୍ୟମାନଙ୍କର ପ୍ରତିବନ୍ଧକ ଯୁକ୍ତ କାମ ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି ।

**ମୀନ** – ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କ ସହଯୋଗରେ କାମକୁ ଆଗେଇ ନେବେ । ଅସନ୍ତୁଷ୍ଟ ରହିଥିବା ନିଜର ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି । ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ମତାନ୍ତରଜନିତ ଝଗଡ଼ା ଲାଗିପାରେ । ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ ।

ଆଜି ଅଗଷ୍ଟ ୨୪ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, (ଅଗଷ୍ଟ ଚତୁର୍ଥ ରବିବାର), ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା, ଖୁଦୁରୁକୁଣୀ ଓଷା ତୃତୀୟ ପାଳି । ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ ସିଂହ, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫.୩୨ ଗତେ ଘ.୦୯.୪୩ ମଧ୍ୟେ, ଘ.୦୧.୨୨ ଗତେ ଘ.୦୧.୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୩୦ ଗତେ ଘ.୦୬.୦୪ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଷାଠିଏ ଶ୍ଳୋକ ପଢ଼େ ଶୁଆ,**
**ବିଲେଇ ଦେଖିଲେ ଅଚାବୁଆ ।**

ନିଜର ଶତ୍ରୁକୁ ଦେଖିଲେ ଡରିଯିବା ସହ ହାକିମକୁ ଦେଖିଲେ ଚୁପ୍ ହୋଇଯାନ୍ତି । ତୁମ୍ବିତୋଫାନ ଦେଖାଉଥିବା ବ୍ୟକ୍ତି ବେଳେବେଳେ ଅନ୍ୟକୁ ଦେଖିବା ମାତ୍ରେ ନିଜକୁ ଅତ୍ୟନ୍ତ ଅସହାୟ ତଥା ଦୁର୍ବଳ ମନେକରିଥାନ୍ତି । ସମାଜରେ ଭାଉ ଦେଖାଉଥିବା ବ୍ୟକ୍ତି ଏମିତି ଧରା ପଡ଼ିଯାଆନ୍ତି ବୋଲି ଏଠାରେ ଦର୍ଶାଯାଇଛି ।

**ସକାଳ ମେଘ ମେଘ ନୁହେଁ,**
**ସକାଳ କୁଣିଆଁ କୁଣିଆଁ ନୁହେଁ ।**

ସାଧାରଣତଃ ସକାଳେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡ଼ିଯାଉଥିବାର ଜଣାଯାଇଥାଏ । ସେହିପରି ସକାଳୁ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## ଏସ୍‌ପିଙ୍କ କାର୍ଯ୍ୟାଳୟରେ ...

ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହାସତ୍ତ୍ୱେ ପୋଲିସର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆସୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି । ଅଭିଯୋଗରୁ ଜଣାପଡିଛି, ଜଗତ୍‌ସିଂହପୁର ଅଞ୍ଚଳର ଲିଜା ସେଠୀ (୨୮) ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଅଙ୍କରାନ୍ତିପୁର ଅଞ୍ଚଳର ଅମରନାଥ ଜେନାଙ୍କୁ ବିବାହ କରିଥିଲେ । ଉଭୟେ ଅନୁଗୋଳରେ ଭଡ଼ାରେ ରହୁଥିଲେ । ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ରହୁଥିବା ଲିଜାଙ୍କ ଜଣେ ସମ୍ପର୍କୀୟ ଦିଅର ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏ ନେଇ ଲିଜା ପ୍ରଥମେ ଟାଉନ ଥାନାରେ ଅଭିଯୋଗ କରିବାକୁ ଯିବାରୁ ପୋଲିସ ତାଙ୍କୁ ତାଙ୍କ ଶ୍ୱଶୁରଘର ଅଙ୍କରାନ୍ତିପୁର ହୋଇଥିବାରୁ ସଦର ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ । ସେ ସଦର ଥାନାରେ ଅଭିଯୋଗ କରିବାକୁ ଯିବାରୁ ପୋଲିସ ତାଙ୍କୁ ଅନୁଗୋଳ ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ । ନ୍ୟାୟ ପାଇଁ ଲିଜା କାକୁତିମିନତି ହୋଇ ଉଭୟ ଥାନା ଅଧିକାରୀମାନଙ୍କୁ କହିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା । ତେଣୁ ସେ ପେଟ୍ରୋଲ ଆଣି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ଏସ୍‌ପିଙ୍କୁ ଜଣାଇଛନ୍ତି । ଅଭିଯୋଗ ଶୁଣିବା ପରେ ଏସ୍‌ପି ମହିଳାଙ୍କୁ ସୁରକ୍ଷିତ ଭାବରେ ତାଙ୍କ ଘରେ ନେଇ ଛାଡିବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଉଭୟ ଥାନାର ଅଧିକାରୀଙ୍କୁ ଡାକି ବର୍ଷିଥିବା ଜଣାପଡ଼ିଛି । ଏସ୍‌ପି ସୋନକର କହିଛନ୍ତି, ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ପୋଲିସ ଅଧିକାରୀମାନେ ଅବହେଳା ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମହିଳା ଜଣକ ପ୍ଲାଷ୍ଟିକ ବୋତଲରେ କେଉଁଠୁ ପେଟ୍ରୋଲ ଆଣିଲେ, ସେ ସମ୍ପର୍କରେ ମଧ୍ୟ ତଦନ୍ତ କରାଯିବ ।

## ଶ୍ରୀମନ୍ଦିର ପରିସରରେ ...

କରିଛନ୍ତି । ଶ୍ରୀମନ୍ଦିର ପରିସର ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି । ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ । ଏହି ଗୃହ ପାଇଁ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ । ଦୀର୍ଘଦିନ ଧରି ଏନେଇ ଦାବି ହୋଇ ଆସୁଥିବା ବେଳେ ବିଶେଷ କରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ପ୍ରଶାସକ ପାଢ଼ୀ ନିର୍ଦ୍ଦେଶ ଦେଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଟ୍ରକ ଆଗରେ ଶୋଇ ...

ପଡ଼ିଥିଲେ । ଫଳରେ ଟ୍ରକ ତାଙ୍କ ଉପରେ ଚଢ଼ି ଯାଇଥିଲା । ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ପାପେୟାଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ଗୋପାଳପୁର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ମେଡ଼ିକାଲ ପଠାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପାପେୟାଙ୍କ ବାପା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତି କରି ନଂ. ୨୯୮/୨୫ରେ ପୋଲିସ ମାମଲା ରୁଜୁ କରି ଟ୍ରକକୁ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି ।

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା...

ନବୀନବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା କେମିତି ଅଛି ବୋଲି ପ୍ରଧାନମନ୍ତ୍ରୀ ପଚାରିଥିଲେ । ସେହି ସମୟରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିଲେ । ମୁଖ୍ୟମନ୍ତ୍ରୀ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ତାଙ୍କ ସହଯୋଗ କାମନା କରିଥିଲେ ।

## ବନ୍ଧାହେଲେ...


ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗରେ ଦର୍ଶାଇଥିଲେ, ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ କରାଯାଉଥିଲା । ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି । ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟାକରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା । ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ । ତାଙ୍କ କହିବା ଅନୁଯାୟୀ, ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ । ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ । କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା । ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା । ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା ।

## ବିବାହ ନିମନ୍ତ୍ରଣ କାର୍ଡ ...

ପୀଡ଼ିତଙ୍କ ଫୋନ୍‌ର ଆକ୍ସେସ୍ ପାଇଯାଇଥିଲେ ଏବଂ ସଙ୍ଗେସଙ୍ଗେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୯୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା । ଘଟଣାକୁ ନେଇ ପୀଡ଼ିତଙ୍କ ଅଭିଯୋଗ ଆଧାରରେ ହିଙ୍ଗୋଲି ଜିଲା ସାଇବର ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ କରାଯାଇଛି । ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି । ତେବେ ଏହିପରି ଠକେଇ ଦେଶରେ ପ୍ରଥମ ହୋଇନାହିଁ ବୋଲି ସାଇବର ବିଶେଷଜ୍ଞମାନେ କହିଛନ୍ତି । ହ୍ୱାଟ୍‌ସଆପ୍‌ରେ ଅଜଣା ନମ୍ବରରୁ ଆସିଥିବା ଫାଇଲକୁ ଖୋଲିବା ଦ୍ୱାରା ଫୋନ୍‌ରେ ଏପିକେ ଫାଇଲ ଇନ୍‌ଷ୍ଟଲ ହୋଇଯାଇଥାଏ । ଫଳରେ ସାଇବର ଅପରାଧୀମାନେ ପୀଡ଼ିତଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରିବା ସହ ତାଙ୍କ ଫୋନ୍‌କୁ ହ୍ୟାକ୍ ମଧ୍ୟ କରିପାରିଥାନ୍ତି । ସେହିପରି ସେମାନେ ଫୋନ୍‌ରୁ ମିଳିଥିବା ଡେଟାକୁ ବ୍ୟବହାର କରି ପୀଡ଼ିତ ବ୍ୟକ୍ତିଙ୍କ ନାଁରେ ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଠକିଥାନ୍ତି । ତେଣୁ ଅଜଣା ନମ୍ବରରୁ ଆସିଥିବା ଫାଇଲକୁ ଡାଉନ୍‌ଲୋଡ ନ କରିବାକୁ ସାଇବର ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି ।

## ବିପଦସଙ୍କେତ ଉପରେ ...

ପକ୍ଷରୁ ସୂଚନା ଦିଆଯାଇଛି । ସମ୍ଭାବ୍ୟ ବନ୍ୟା ସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି । ସେହିପରି ଝାଡ଼ଖଣ୍ଡ ମାଳାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଥିବା ବେଳେ ଗାଲୁଡ଼ିହି ଜଳାଧାରର ଉଦ୍‌ବୃତ୍ତ ବର୍ଷା ଜଳ ୧୩ଟି ଗେଟ୍ ଦେଇ ସୁବର୍ଣ୍ଣରେଖାକୁ ପ୍ରତି ସେକେଣ୍ଡରେ ୫ହଜାର ୪୦୦ କ୍ୟୁମେକ ପାଣି ନିଷ୍କାସନ ହେଉଛି । ଏତଦ୍‌ଭିନ୍ନ ଝାଡ଼ଖଣ୍ଡ ଜାମସେଦପୁରରେ ଶନିବାର ଅପରାହ୍ନ ସାଢେ ୬ଟା ସୁଦ୍ଧା ୧୨୨.୪୮୦ ମି.ମି., ଫେକଘାଟରେ ୪୪. ୬୬ମି.ମି., ଘାଟସିଲାରେ ୮୧. ୯୧୦ ମି.ମି., ଜାମଶୁଳାରେ ୫୧.୪୮୦ ମି.ମି. ବର୍ଷା ହୋଇଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି । ସୁବର୍ଣ୍ଣରେଖା ରାଜଘାଟଗେଜଠାରେ ସତର୍କ ସୂଚନା ୯.୪୫ମିଟର ଥିବା ବେଳେ ବିପଦ ସଂକେତ ୧୦. ୩୬ ମିଟର ରହିଛି । ଖବର ଲେଖାହେବା ବେଳକୁ ଜଳସ୍ତର ବୃଦ୍ଧି ପାଇ ୭.୫୬ମିଟର ଉର୍ଦ୍ଧ୍ୱରେ ଘଣ୍ଟାକୁ ୨୦ ମି.ମି.ରେ ପ୍ରବାହିତ ହେଉଥିବା ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ସୁବର୍ଣ୍ଣରେଖାରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସେଚ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସିଆଳ ଦୁର୍ବଳ ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ନଜର ରଖିଥିବା ସୂଚନା ଦିଆଯାଇଛି । ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକକୁ ସତର୍କ କରାଯାଇଛି ।




# ଓସିପିଏଲ୍‌କୁ ଟାଙ୍ଗିରଡିହି ନର୍ଥ କୋଲ୍ ବ୍ଲକ୍

**ଓଡ଼ିଶା କୋଲ୍ ପାୱାର ଲିମିଟେଡ୍(ଓସିପିଏଲ୍‌କୁ) ସୁନ୍ଦରଗଡ଼ ଟାଙ୍ଗରଡିହି ଉତ୍ତର କୋଇଲା ଖଣି ମିଳିଛି। ଗତ ୨୧ତାରିଖରେ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଏବଂ ଓପିସିଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଏଥିରୁ ବାର୍ଷିକ ୫୦ନିୟୁତ ଟନ୍ କୋଇଲା ଉତ୍ତୋଳନ କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ୧୦ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ହେବ। ଏଥିସହ ୫ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଛି।**

ଭୁବନେଶ୍ୱର,୨୩।୮(ରବିନାରାୟଣ ଜେନା)

ଓଡ଼ିଶା ଶକ୍ତି କ୍ଷେତ୍ରରେ ଆଉ ଗୋଟେ ପାଦ ଆଗକୁ ବଢ଼ିଛି। ଭାରତ ସରକାରଙ୍କର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ୧୨ ତମ ଟ୍ରାଞ୍ଚ ନିଲାମ ପ୍ରକ୍ରିୟାରେ ଓଡ଼ିଶା କୋଲ ଆଣ୍ଡ ପାୱାର ଲିମିଟେଡ୍ ଟାଙ୍ଗିରିଡିହି ନର୍ଥ କୋଲ ବ୍ଲକ୍‌କୁ ହାସଲ କରିଛି। ଏହା ରାଜ୍ୟ ସରକାରଙ୍କ ପ୍ରଥମ ବ୍ୟବସାୟ ଭିତ୍ତିକ କୋଇଲା ଖଣି ହେବାକୁ ଯାଉଛି। ଓସିପିଏଲ୍ ପୂର୍ବରୁ ଡିପ୍-ସାଇଡ ଅଫ ମନୋହରପୁର କୋଲ ବ୍ଲକ ପାଇଥିଲା। ଏହି ଦୁଇଟି ଖଣି ଓପିଜିସି ପାଇଁ ସୁଲଭ ମୂଲ୍ୟରେ କୋଇଲା ଯୋଗାଣ ପାଇଁ ଉଦ୍ଦିଷ୍ଟ।

ସୂଚନା ଅନୁସାରେ, ଟାଙ୍ଗରଡିହି ନର୍ଥ ବ୍ଲକ୍‌କୁ ଭବିଷ୍ୟତରେ ଅଧିକ ପରିମାଣର କୋଇଲା ଉତ୍ପାଦନ ହେବ, ଯାହା ରାଜ୍ୟର ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଇନ୍ଧନ ଯୋଗାଇବ। ଫଳରେ ଓଡ଼ିଶାରେ ବିଦ୍ୟୁତ୍ ସ୍ୱାଧୀନତା ସୁନିଶ୍ଚିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଔଦ୍ୟୋଗିକ କ୍ଷେତ୍ରକୁ ଗତି ମିଳିବ।

ଟାଙ୍ଗରଡିହି କୋଇଲାଖଣିରେ ପ୍ରାୟ ୧୧୦୦ ନିୟୁତ ଟନ୍ ଜି-୧୩ ମାନର କୋଇଲା ମହଜୁଦ ଅଛି। ପ୍ରାୟ ୪୧୦ ମିଟର ମଧ୍ୟରେ ୪୦୦ନିୟୁତ ଟନ୍ ଉଚ୍ଚମାନର କୋଇଲା ଗଚ୍ଛିତ ଅଛି। ଓସିପିଏଲ୍ ପାଇଁ ଏହା ଏକ କୌଶଳଗତ ସଫଳତା। ବୃଦ୍ଧିଶୀଳ ବିଦ୍ୟୁତ୍ ଚାହିଦା ପୂରଣ କରିବା ସହିତ, ରାଜ୍ୟ ଏବେ ଅନ୍ୟରାଜ୍ୟକୁ ମଧ କୋଇଲା ଓ ବିଦ୍ୟୁତ୍ ଯୋଗାଣ କରିବାରେ ସକ୍ଷମ ହେବ।

ଏହି ବାଣିଜ୍ୟିକ କୋଇଲା ଖଣି ବର୍ଷକୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ପ୍ରାୟ ୫ହଜାର ବ୍ୟକ୍ତିଙ୍କୁ କର୍ମ ଯୋଗାଇ ଦେଇପାରିବ। ବିଶେଷକରି ଏହି କୋଲ ବ୍ଲକ ଚାଲୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଅଧିକ ଆର୍ଥିକ କାର୍ଯ୍ୟକଳାପ ଆରମ୍ଭ ହେବ ଏବଂ ଲୋକଙ୍କୁ ଜୀବିକା ମିଳିପାରିବ।

ଓପିଜିସି(ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ)ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରୁ ୨,୬୪୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟରେ ୨୦୧୫ରେ ରାଜ୍ୟ ସରକାର ଓସିପିଏଲ୍ ଗଠନ କରିଥିଲେ। ସେହିବର୍ଷ ପୂର୍ଣ୍ଣ ବିକଶିତ ମନୋହରପୁର କୋଇଲା ଖଣିକୁ କେନ୍ଦ୍ର ସରକାର ଓସିପିଏଲ୍‌କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଅର୍ଥାତ୍ ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ଆବଣ୍ଟନ କରିଥିଲେ। ମନୋହରପୁର କୋଇଲାଖଣିର ଗଚ୍ଛିତ କୋଇଲା ୬୬୪ ନିୟୁତ ଟନ୍ କୋଇଲା ଆକଳନ ହୋଇଥିବାବେଳେ ବାର୍ଷିକ ୧୬ନିୟୁତ ଟନ୍ କୋଇଲା ଉତ୍ପାଦନ କରିବା ପାଇଁ ଓସିପିଏଲ୍ ସହିତ କେନ୍ଦ୍ର ସରକାର ଚୁକ୍ତି କରିଛନ୍ତି। ୨୦୧୯ରୁ ମନୋହରପୁର କୋଇଲା ଖଣିରୁ ଓସିପିଏଲ କୋଇଲା ଉତ୍ପାଦନ କରି ଓପିଜିସିକୁ ବିକ୍ରୟ କରୁଛି। ତେବେ ସୁନ୍ଦରଗଡ଼ର ଟାଙ୍ଗରଡିହି କୋଇଲା ଖଣିକୁ ଓସିପିଏଲ ବ୍ୟବସାୟିକ ଉଦ୍ଦେଶ୍ୟରେ ପରିଚାଳନା କରିବା ପାଇଁ ଗତ ୨୧ତାରିଖରେ କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତିବଦ୍ଧ ହୋଇଛି।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଇଲା ମନ୍ତ୍ରଣାଳୟର ନିଲାମ ପ୍ରକ୍ରିୟାରେ ଓସିପିଏଲ ଭାଗନେଇ ଏହି ସଫଳତା ହାସଲ କରିଛି।

ଏହି ଉପଲବ୍ଧି ରାଜ୍ୟ ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଓସିପିଏଲ୍ ଏବଂ ଶକ୍ତି ସଚିବଙ୍କ ଏହି ମିଳିତ ଉଦ୍ୟମକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ସମେତ ବିଭିନ୍ନ ମହଲରେ ଉଚ୍ଚପ୍ରଶଂସା କରାଯାଇଛି।

# ଅଜଣା ରୋଗରେ ୫୦ରୁ ଊର୍ଦ୍ଧ୍ୱ ପୀଡ଼ିତ

ପାରଳାଖେମୁଣ୍ଡି,୨୩।୮ (ଗିରିଧାରୀ ପରିଛା)

## କିତିଙ୍ଗି ଗ୍ରାମରୁ ପୀଡିତଙ୍କ ରକ୍ତନମୁନା ସଂଗ୍ରହ କଲା ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍



ଅଜଣା ରୋଗରେ ଆକ୍ରାନ୍ତ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରାଯାଉଛି।

ଗଜପତି ଜିଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ କିତିଙ୍ଗି ଗ୍ରାମରେ ଗତ କିଛିଦିନ ହେଲା ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଜଣା ରୋଗରେ ପୀଡ଼ିତ ହୋଇଛନ୍ତି। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ୨ଶହରୁ ଊର୍ଦ୍ଧ୍ୱ ଘର ଥିବା ଉକ୍ତ ଗ୍ରାମରେ ଗ୍ରାମବାସୀଙ୍କୁ ପ୍ରଥମେ ଜ୍ୱର ହେବା ସହ ହାତଗୋଡ଼ ବିନ୍ଧା ହୋଇ ଚାଲିବାକୁ ସେମାନେ ସକ୍ଷମ ହୋଇ ପାରୁନାହାନ୍ତି। ଏ ସମ୍ପର୍କରେ ସୂଚନା ପାଇବା ପରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏକ ଟିମ୍ କିତିଙ୍ଗି ଗ୍ରାମରେ ପହଞ୍ଚି ଜ୍ୱରପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ତେବେ ପୀଡ଼ିତମାନେ ଭୟଭୀତ ହୋଇ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଅଧିକ ଚିକିତ୍ସା ପାଇଁ ଯାଉଥିବା ଦେଖିବାକୁ ମିଳୁଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗ୍ରାମର ଚାରିପଟେ ଅଳିଆ ଆବର୍ଜନା ପଡ଼ି ରହିଛି। ବିଭିନ୍ନ ଜାଗାରେ କେନାଲ ନିର୍ମାଣ ହୋଇ ନ ଥିବା, ଯେଉଁ କେନାଲ ରହିଛି ସେଗୁଡିକ ସଫେଇ ହେଉ ନ ଥିବାରୁ ଆମେ ଦୂଷିତ ପାଣି ପିଇବାକୁ ବାଧ ହେଉଛୁ ; ଯାହାଦ୍ୱାରା ଏପରି ଅଜଣା ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମୁବାରକ ଅଲ୍ଲିଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ କିତିଙ୍ଗି ଗ୍ରାମକୁ ଯାଇ ପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରିଛି। ଏହା ଡେଙ୍ଗୁ କିମ୍ବା ଚିକୁନଗୁନିଆ ନୁହେଁ। ଭାଇରାଲ ଫିଭର ହୋଇଥାଇ ପାରେ। ସଂଗୃହୀତ ରକ୍ତ ନମୁନା ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଯାଇଛି। ସୋମବାର ରିପୋର୍ଟ ଆସିଲେ ପ୍ରକୃତ ରୋଗ ଜଣାପଡ଼ିବ ବୋଲି ସେ କହିଛନ୍ତି। ଡା. ଅଲ୍ଲି ସୂଚନା ଦେଇ କହିଛନ୍ତି, ଗ୍ରାମ ଚାରିପଟେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରାଯାଇ ମଶା ତେଲ ଛିଞ୍ଚାଯାଇଛି। ଗ୍ରାମରେ ଏକ ଟିମ୍ ରହି ପୀଡ଼ିତଙ୍କ ଚିକିତ୍ସା କରୁଛନ୍ତି। ସେହିପରି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ କିତିଙ୍ଗି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇ ସେ ଆଲୋଚନା କରିଥିଲେ। ରବିବାର ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର କରାଯିବ ବୋଲି ବିଧାୟକ କହିଛନ୍ତି।

# ହୀରାକୁଦ ଜଳଭଣ୍ଡାରର ୮ ସ୍ଲୁଇସ୍ ଗେଟ୍ ଖୋଲିଲା

ସମ୍ବଲପୁର,୨୩।୮(ପ୍ରମୋଦ ବହିଦାର)


ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ଅତିରିକ୍ତ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧିପାଇଛି। ଫଳରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପାଇଁ ଶନିବାର ପୁଣି ଥରେ ଦୁଇଟି ପର୍ଯ୍ୟାୟରେ ଜଳଭଣ୍ଡାରର ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏଥିରେ ବାମପାର୍ଶ୍ୱର ୫ ଓ ଦକ୍ଷିଣ ପାର୍ଶ୍ୱର ୩ଟି ରହିଛି। ଚଳିତବର୍ଷ ଏହା ହେଉଛି ଦ୍ୱିତୀୟ ଥର ପାଇଁ ଜଳଭଣ୍ଡାରରୁ ମହାନଦୀକୁ ଜଳ ନିଷ୍କାସନ ପ୍ରକ୍ରିୟା। ଏହାପୂର୍ବରୁ ଗତ ଜୁଲାଇ ୬ରେ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ପାଇଁ ଏକକାଳୀନ ୨୦ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ପରେ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗତ ଅଗଷ୍ଟ ୩ରେ ଜଳଭଣ୍ଡାରର ସମସ୍ତ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇଥିଲା। ଶନିବାର ଗେଟ୍ ଖୋଲାଯିବା ଦିନକ ପୂର୍ବରୁ ମହାନଦୀ ଅବବାହିକାରେ ଥିବା ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକଙ୍କୁ ବନ୍ୟାଜଳ ନିଷ୍କାସନ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଥିଲା।

ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳ ପତ୍ତନ ୬୨୧.୨୧ ଫୁଟ ରହିଥିଲା। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୨ ଲକ୍ଷ ୧୩ ହାଜର ୧୩୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୧ ଲକ୍ଷ ୬୧ ହାଜର ୬୯୪ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏନେଇ ମୁଖ୍ୟଯନ୍ତ୍ରୀ ତଥା ପ୍ରବନ୍ଧକ ମହାନଦୀ ବେସିନ୍ ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ବର୍ତ୍ତମାନ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିବା କଥା। ମାତ୍ର ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟିହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରକୁ ଆଗତୁରା ପାଖାପାଖି ୮ ଫୁଟ ଖାଲି ରଖିବା ଲକ୍ଷ୍ୟରେ ଶନିବାର ୮ଟି ସ୍ଲୁଇସ୍ ଗେଟ୍ ଖୋଲି ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଆଗକୁ ଆବଶ୍ୟକ ହେଲେ ଆହୁରି ଅଧିକ ଗେଟ୍ ଖୋଲା ଯିବ ବୋଲି ସେ କହିଛନ୍ତି।

# ୨୫ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି, ମୁକ୍ତ ବିଦ୍ୟାଳୟ ଖାତା ରିଚେକିଂ ଆବେଦନ

କଟକ,୨୩।୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳର ରିଚେକିଂ ଆବେଦନ ନିମନ୍ତେ ସୂଚୀ ଧାର୍ଯ୍ୟ ହୋଇଛି। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ବିଷୟରେ ପୁନଃ ଯାଞ୍ଚ ଓ ପରୀକ୍ଷା ଖାତାଗୁଡ଼ିକର ଅବିକଳ ନକଲ ପାଇବା ପାଇଁ ଆବେଦନ ଓ ଦେୟ ଦାଖଲ ଅଫ୍‌ଲାଇନ୍ ଜରିଆରେ ହେବ। ବୋର୍ଡ ମୁଖ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସଗୁଡ଼ିକରେ ଏଥିନିମନ୍ତେ ଆବେଦନ କରାଯାଇପାରିବ। ଆବେଦନ କରିବାର ଦରଖାସ୍ତ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେଉଛି। ବୋର୍ଡ କର୍ତ୍ତୃପକ୍ଷ ଏଥିନିମନ୍ତେ ପ୍ରକ୍ରିୟା ଶେଷ କରି ସଂଶୋଧିତ ମାର୍କ ତଥ୍ୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବେ। ଆବେଦନକାରୀମାନେ ବୋର୍ଡ ୱେବ୍‌ସାଇଟ୍‌ରୁ ତାହାକୁ ଡାଉନ୍‌ଲୋଡ୍ କରି ନେଇପାରିବେ। ଖାତାର ଅବିକଳ ନକଲ ଆବେଦନକାରୀଙ୍କୁ ଡାକ ଯୋଗେ ପ୍ରେରଣ କରାଯିବ। ଅନ୍ୟ କୌଣସି ପ୍ରକାର ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଥବା ପରେ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଓଡ଼ିଶାରେ ବୁଲା କୁକୁରଙ୍କ ଗଣନା ହେବ: ପ୍ରାଣିସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,୨୩।୮(ବନ୍ଦନା ସେଠୀ)

## ନିର୍ଦ୍ଦିଷ୍ଟ ସ୍ଥାନରେ ମାଂସ କାଟିବାକୁ ନିର୍ଦ୍ଦେଶ

ଓଡ଼ିଶାରେ ବୁଲା କୁକୁରଙ୍କ ଗଣନା କରାଯିବ। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ, ଗଣନା ଏବଂ ଟିକାକାରଣ କରାଯିବ। ବୁଲା କୁକୁରଙ୍କ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟ ପରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ବିଭାଗ କାର୍ଯ୍ୟ କରିବ। ରାଜ୍ୟରେ ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ ବୁଲା କୁକୁର ଥିବାବେଳେ ୬୪ହଜାର ପୋଷା କୁକୁର ଅଛନ୍ତି। ବୁଲା କୁକୁରଙ୍କ ସଂଖ୍ୟାରେ ରୋକ୍ ଲଗାଇବା ସହିତ ସେମାନଙ୍କ ତଥ୍ୟ ରଖିବା ପାଇଁ କୁକୁରଙ୍କ ଗଣନା କରାଯିବ। ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପରେ ସେମାନଙ୍କୁ ଅଣାଯାଇଥିବା ସ୍ଥାନରେ ପୁନର୍ବାର ଛାଡି ଦିଆଯିବ। ତେବେ ଯେଉଁମାନେ ହିଂସ୍ର ଓ ଜ୍ୱଳାନ୍ତକ ରୋଗରେ ପୀଡିତ ଥିବେ ସୁରକ୍ଷା ଦୃଷ୍ଟିରୁ କେବଳ ସେହି କୁକୁରମାନଙ୍କୁ ଆଶ୍ରୟ ସ୍ଥଳରେ ରଖାଯିବ। ସେହିପରି ବୁଲା କୁକୁରମାନଙ୍କୁ ରାସ୍ତା କଡ଼ରେ ଖାଇବା ନ ଦେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବେ। ଏହା ସହିତ ବ୍ୟବସାୟୀମାନେ ରାସ୍ତା କଡ଼ରେ ଚିକେନ ମଟନ୍ କାଟି ଏଣେତେଣେ ପକାଇ ପାରିବେ ନାହିଁ ଏବଂ ବୁଲା କୁକୁରଙ୍କୁ ବଳକା ମାଂସ ନ ଦେବାକୁ ନିର୍ଦ୍ଦେଶ ରହିଛି। ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେନ ମଟନ ନ କାଟି ବ୍ୟବସାୟୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ କାଟିବେ। ଏନେଇ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ରହିଛି। ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକ ବୁଲା କୁକୁରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବା ଦେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀବାସୀଙ୍କୁ କୁକୁର ଉତ୍ପାତରୁ ମୁକ୍ତି ଦେବା ପାଇଁ ୮ ସପ୍ତାହ ଭିତରେ ଏନ୍‌ସିଆର୍‌କୁ ବୁଲା କୁକୁରମୁକ୍ତ କରିବାକୁ ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ଉଠାଇ ନେଇ ସେଲ୍‌ଟର ହୋମ୍‌ରେ ରଖିବାକୁ ନିର୍ଦ୍ଦେଶ ପରେ ଏହାକୁ ପ୍ରାଣୀପ୍ରେମୀମାନେ ବିରୋଧ କରିଥିଲେ। ତେବେ ଶୁକ୍ରବାର ଏହି ମାମଲାର ପୁନର୍ବିଚାର କରି ପୂର୍ବ ଆଦେଶକୁ ଅତିକଠୋର ଦର୍ଶାଇବା ସହ ଆଶ୍ରୟସ୍ଥଳକୁ ନିଆଯାଇଥିବା କୁକୁରଙ୍କୁ ଯେଉଁ ଅଞ୍ଚଳରୁ ଉଠାଯାଇଥିଲା ପୁଣି ସେଠାରେ ଛାଡ଼ି ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ୨୫ ଯାଏ ଚାଲିବ ଚାଷୀ ପଞ୍ଜୀକରଣ: ମନ୍ତ୍ରୀ

ଭୁବନେଶ୍ୱର,୨୩।୮(ସୁନିତ୍ ମିଶ୍ର)

କୃଷକମାନଙ୍କ ପଞ୍ଜୀକରଣ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏବେ ସୁଦ୍ଧା ରାଜ୍ୟରେ ୧୭ ଲକ୍ଷ ଚାଷୀ ପଞ୍ଜୀକରଣ କରିସାରିଥିବା ବେଳେ ପଞ୍ଜୀକରଣ ସଂଖ୍ୟା ୨୦ ଲକ୍ଷ ଟପିବା ଆଶା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଖରିଫ ଋତୁରେ

## ୨୦ ଲକ୍ଷ ଚାଷୀ ପଞ୍ଜୀକରଣ କରିବା ଆଶା ରହିଛି

ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ସରକାର ଆହୁରି ସରଳୀକରଣ କରିଛନ୍ତି। ପୂର୍ବରୁ ବଂଶାବଳୀ ପ୍ରମାଣପତ୍ର ପାଇଁ ଚାଷଜମିର ଉତ୍ତରାଧିକାରୀଙ୍କ ସମ୍ମତି ପତ୍ର ଆବଶ୍ୟକ ପଡୁଥିଲା, ଯେଉଁଥିପାଇଁ ଚାଷୀ ଆର୍‌ଆଇ ଅଫିସକୁ ଦୌଡ଼ିବାକୁ ବାଧ ହେଉଥିଲେ। ଫଳରେ ବିଳମ୍ବିତ ପ୍ରକ୍ରିୟା ପାଇଁ ଅନେକ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସମୟ ଭିତରେ ନାମ ପଞ୍ଜୀକରଣକରି ନ ପାରି ବାଦ୍ ପଡୁଥିଲେ। ସେଥିପାଇଁ ଧାନର ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଯୋଗାଣ ବିଭାଗ ଏହି ନିଜସ୍ୱ ଘୋଷଣାନାମା ଜାରି କରିଛି। ଏହାକୁ ପୂରଣକରି ଚାଷୀ ସିଧାସଳଖ ପଞ୍ଜୀକରଣ କରିପାରିବେ। ଏହାସହ ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧି ସମୟସୀମାକୁ ଅଗଷ୍ଟ ୨୦ରୁ ୨୫ ପର୍ଯ୍ୟନ୍ତ ବଢ଼ାଇଥିବା ମନ୍ତ୍ରୀ କହିଛନ୍ତି।

# ୨ ମତ୍ସ୍ୟଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର,୨୩।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବଳରାମଗଡ଼ି ମାଛଧରା କେନ୍ଦ୍ରରେ ଶନିବାର ୨ମତ୍ସ୍ୟଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ପତୁଆଁ ଗାମର ସେଣ୍ଠ ମଲ୍ଲିକ ଓ ନୂଆଗାଁ ଗ୍ରାମର ମଧୁସୂଦନ ମଲ୍ଲିକ।

ନାଗେଶ୍ୱର ବୋଟ୍ ଯୋଗେ ଅନ୍ୟ ମତ୍ସ୍ୟଜୀବୀଙ୍କ ସହ ଉକ୍ତ ୨ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରି ସାରି ଶନିବାର ସେମାନେ ବଳରାମଗଡ଼ି ମାଛଧରା କେନ୍ଦ୍ରକୁ ଫେରିଥିଲେ। ସେଠାରେ ମାଛ ଅନଲୋଡ଼ିଂ ପରେ ବିକ୍ରି କରାଯାଇଥିଲା। ବଳକା ମାଛକୁ ଷ୍ଟୋରରୁମ୍‌ରେ ରଖାଯାଇଥିଲା। ସେଣ୍ଠ ଓ ମଧୁସୂଦନ ଷ୍ଟୋର ରୁମ୍‌କୁ ଯାଇଥିଲେ। ହଠାତ୍ ସେଠାରେ ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଷ୍ଟୋର ରୁମ୍‌ରେ ମାଛରେ ଦିଆଯାଉଥିବା କେମିକାଲ ପ୍ରତିକ୍ରିୟା ଯୋଗୁ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବଳରାମଗଡ଼ି ସାମୁଦ୍ରିକ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।









ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ। ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ- ଏତିକି। –ଶ୍ରୀମା



# ଭାରତର ପାକ୍ ନୀତି



ଆକାର ପଟେଲ

ଦୁଇ ପକ୍ଷ ମଧ୍ୟରେ ସମସ୍ୟାଗୁଡ଼ିକୁ ତିନୋଟି ଉପାୟ ମଧ୍ୟରୁ ଯେକୌଣସି ଗୋଟିକରେ ସମାଧାନ ହୋଇପାରିବ। ପ୍ରଥମେ ଦୁଇ ପକ୍ଷ ମଧ୍ୟରେ ବୁଝାମଣା ମାଧ୍ୟମରେ ଏହା ହୋଇପାରିବ। ଦ୍ୱିତୀୟରେ, ତୃତୀୟ ପକ୍ଷର ମଧ୍ୟସ୍ଥତା ଯୋଗୁ ଏହା ହେବ। ତୃତୀୟରେ ଗୋଟିଏ ପକ୍ଷ ଯାହା ଚାହୁଁଛି ତାହା ଅନ୍ୟପକ୍ଷକୁ କରିବା ଲାଗି ବାଧ୍ୟକରି ସମାଧାନ କରାଯାଇପାରିବ। ଦୁଇ ପକ୍ଷ ବ୍ୟକ୍ତିବିଶେଷ ହୁଅନ୍ତୁ ବା ଗୋଷ୍ଠୀ, କର୍ପୋରେଶନ କିମ୍ବା ଦେଶ, ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ କେବଳ ଏହି ତିନି ଉପାୟରେ ହୋଇପାରିବ। କିନ୍ତୁ ଦେଖାଯାଏ ଭାରତୀୟ ପିଲାମାନେ ଏକ ଚତୁର୍ଥ ଉପାୟ ପ୍ରୟୋଗ କରିଥାନ୍ତି ଏବଂ ତାହା ହେଉଛି କଟି ଅନ୍ୟପକ୍ଷର ଉପସ୍ଥିତିକୁ ସ୍ୱୀକୃତି ନ କରିବା ପାଇଁ ଏହା ହେଉଛି ଏକ ଛଳନାତ୍ମକ ଉପାୟ। ଏହି ଉପାୟରେ ସମସ୍ୟା ସମାଧାନ ହୁଏ ନାହିଁ, କିନ୍ତୁ ଏହା ପିଲାଟିକୁ ଏକ ପ୍ରକାର କ୍ଷଣିକ ସନ୍ତୋଷ ଦେଇଥାଏ। ତେବେ ଭାରତ ପରିପ୍ରେକ୍ଷୀରେ ଏଭଳି କରିବ ଛଳନାକୁ ଦେଖିବା। ଅଗଷ୍ଟ ୨୧ରେ, ଆମ ଗଣମାଧ୍ୟମରେ ପ୍ରକାଶିତ ଏକ ଖବରର ଶିରୋନାମାରେ କ୍ରୀଡ଼ାମନ୍ତ୍ରୀ କହିଥିଲେ, ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ କାର୍ଯ୍ୟକ୍ରମ ନାହିଁ କିନ୍ତୁ ଭାରତୀୟ କ୍ରିକେଟ ଟିମ୍ ଏସିଆ କପ୍‌ରେ ଖେଳିବ। ତେବେ ନିମ୍ନ ପ୍ରଦତ୍ତ କେଉଁ ସବୁ ବିବୃତି ମୋଦି ସରକାରଙ୍କର ଔପଚାରିକ ପାକିସ୍ତାନ ନୀତିର ଏକ ଅଂଶ ଥିଲା? ୧) ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୨) ପାକିସ୍ତାନ ସହ ଭାରତ ଆଲୋଚନା କରିବ ନାହିଁ। ୩) ଯେପର୍ଯ୍ୟନ୍ତ ଏଲଓସିରେ ପାକିସ୍ତାନ ଗୁଳିଚାଳନା କରୁଥିବ ସେଯାଏ ପାକିସ୍ତାନ ସହ ଭାରତ ଆଲୋଚନା କରିବ ନାହିଁ। ୪)ଆତଙ୍କବାଦ ଅନୁପ୍ରବେଶ ବନ୍ଦ କରିବା ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ଆଲୋଚନା ହେବ। ୫) ପାକିସ୍ତାନ ଯଦି କଶ୍ମୀରସାରାଙ୍କ ସହିତ ଆଲୋଚନା କରେ ତେବେ ତାହା ସହ ଭାରତ ଆଲୋଚନା କରିବ ନାହିଁ। ୬) କଶ୍ମୀର ପ୍ରସଙ୍ଗରେ ନୁହେଁ, ବରଂ କେବଳ ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୭) କଶ୍ମୀର ପ୍ରସଙ୍ଗରେ ନୁହେଁ, କେବଳ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନ ସହ ଭାରତ କଥା ହେବ। ୮) ସ୍ୱାଧୀନତା ଦିବସରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଦିଆନିଆ ହେବ। ୯) ସ୍ୱାଧୀନତା ଦିବସରେ ଭାରତ-ପାକିସ୍ତାନ ମିଠାଇ ଆଦାନପ୍ରଦାନ କରିବେ ନାହିଁ। ୧୦) ସାଧାରଣତନ୍ତ୍ର ଦିବସରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଦିଆନିଆ ହେବ। ୧୧) ଭାରତ ଓ ପାକିସ୍ତାନ ମଧ୍ୟରେ ସାଧାରଣତନ୍ତ୍ର ଦିବସରେ ମିଠାଇ ଦିଆନିଆ ହେବ ନାହିଁ। ୧୨) ଭାରତ ଓ ପାକିସ୍ତାନ ମଧ୍ୟରେ ଇଦ୍‌ରେ ମିଠାଇ ଆଦାନପ୍ରଦାନ ହେବ। ୧୩) ଇଦ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଆଦାନପ୍ରଦାନ ହେବ ନାହିଁ। ୧୪)ପାକିସ୍ତାନ ସହ ଭାରତ କ୍ରିକେଟ କୂଟନୀତି ଅର୍ଥାତ୍ କ୍ରିକେଟ ପରିପ୍ରେକ୍ଷୀରେ ଦ୍ୱିପାକ୍ଷିକ ସମ୍ପର୍କ ରଖିବ। ୧୫) କ୍ରିକେଟକୁ ନେଇ ପାକିସ୍ତାନ ସହ ଭାରତ ଦ୍ୱିପାକ୍ଷିକ ସମ୍ପର୍କ ରଖିବ ନାହିଁ। ୧୬) ଯୁଦ୍ଧ ଏକମାତ୍ର ବିକଳ୍ପ ନ ହେବାରୁ ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୧୭) ଗୋଟିଏ ସପ୍ତାହରେ ପାକିସ୍ତାନକୁ ଭାରତ ପରାସ୍ତ କରିପାରିବ। ୧୮) ପାକିସ୍ତାନ ସହ ଭାରତ ବାଣିଜ୍ୟିକ ସମ୍ପର୍କ ରକ୍ଷା କରିବ। ୧୯) ପାକିସ୍ତାନ ସହ ଭାରତ ବାଣିଜ୍ୟିକ ସମ୍ପର୍କ ରଖିବ ନାହିଁ। ବାସ୍ତବରେ ଏଗୁଡ଼ିକ ହେଉଛି ମୋଦି ସରକାରଙ୍କ ଔପଚାରିକ ନୀତି।

ଏସବୁ ବିବୃତି ସହ ନିମ୍ନ ପ୍ରଦତ୍ତ ଶୀର୍ଷକଗୁଡ଼ିକର ସମ୍ପର୍କ ରହିଛି। ୧) ଲାହୋରରେ ନୱାଜ ଶରିଫଙ୍କ ସହ ନରେନ୍ଦ୍ର ମୋଦି ବିନା ଯୋଜନାରେ ଅଚାନକ ଆଲୋଚନା କରିଛନ୍ତି, ୨୫ ଡିସେମ୍ବର ୨୦୧୫। ୨) ପାକିସ୍ତାନ ସହ ଭାରତ ଆଲୋଚନା କରିପାରେ, କିନ୍ତୁ ଆତଙ୍କବାଦ ସହିତ ନୁହେଁ–ଜୟଶଙ୍କର, ୨୫ ସେପ୍ଟେମ୍ବର ୨୦୧୯। ୩) ପାକିସ୍ତାନ ଯଦି ହୁରିୟତ ସହ ବୈଠକ କରେ ତେବେ ତା'ସହ କୌଣସି ଆଲୋଚନା ହେବ ନାହିଁ- ସୁଷମା ସ୍ୱରାଜ, ୨୨ ଅଗଷ୍ଟ ୨୦୧୫। ୪) ଦ୍ୱିପାକ୍ଷିକ ପ୍ରକ୍ରିୟା ମଧ୍ୟରେ ଜମ୍ମୁ-କଶ୍ମୀର ଉପରେ ପାକିସ୍ତାନ ସହ ଭାରତ ଆଲୋଚନା ପାଇଁ ପ୍ରସ୍ତୁତ, ୨୮ ଅଗଷ୍ଟ ୨୦୧୪। ୫) ଜମ୍ମୁ-କଶ୍ମୀର ଉପରେ ନୁହେଁ, ଆଲୋଚନା ପାକିସ୍ତାନ ସହ ଯଦି ହେବ ତାହା ପାକ୍ ଅଧିକୃତ କଶ୍ମୀର ସମ୍ପର୍କରେ ହିଁ ହେବ- ରାଜନାଥ ସିଂ, ୨୨ ସେପ୍ଟେମ୍ବର, ୨୦୧୯। ୬) ସ୍ୱାଧୀନତା ଦିବସରେ ଭାରତ-ପାକିସ୍ତାନ ସୁରକ୍ଷା ବଳ ମଧ୍ୟରେ ମିଠାଇ ଆଦାନପ୍ରଦାନ, ୧୫ ଅଗଷ୍ଟ ୨୦୧୮। ୭) ୭୩ତମ ସ୍ୱାଧୀନତା ଦିବସରେ ଆଟାରୀ ୱାଘା ସୀମାରେ ମିଠାଇ ଦିଆନିଆ ବନ୍ଦ, ୧୫ ଅଗଷ୍ଟ ୨୦୧୯। ୮) ସାଧାରଣତନ୍ତ୍ର ଦିବସରେ ଭାରତ-ପାକିସ୍ତାନ ସୈନ୍ୟଙ୍କ ମଧ୍ୟରେ ଏଲଓସିରେ ମିଠାଇ ଆଦାନପ୍ରଦାନ, ୨୬ ଜାନୁଆରୀ ୨୦୧୭। ୯) ବିଏସ୍‌ଏଫ୍ ଓ ପାକ୍ ରେଞ୍ଜର୍ସଙ୍କ ମଧ୍ୟରେ ଏଲଓସିରେ ମିଠା ବିନିମୟ ହେବ ନାହିଁ, ୧୫ ଜାନୁଆରୀ ୨୦୨୦। ୧୦) ଇଦ୍-ଉଲ୍-ଫିତର ଅବସରରେ ଭାରତ-ପାକିସ୍ତାନ ସେନା ମଧ୍ୟରେ ମିଠାଇ ଦିଆନିଆ, ୫ ଜୁନ୍ ୨୦୧୯। ୧୧) ଇଦ୍ ଅବସରରେ ୱାଘା ସୀମାରେ ବିଏସ୍‌ଏଫ୍ ଓ ପାକିସ୍ତାନ ରେଞ୍ଜର୍ସଙ୍କ ମଧ୍ୟରେ ମିଠାଇ ଆଦାନପ୍ରଦାନ ବନ୍ଦ, ୨୫ ମାର୍ଚ୍ଚ ୨୦୨୦। ୧୨) ମୋଦିଙ୍କ କ୍ରିକେଟ କୂଟନୀତି– ପାକିସ୍ତାନ ସହ ରାଜନୈତିକ ସମ୍ପର୍କର ନବୀକରଣ କରୁଛି, ୧୩ ଫେବୃଆରୀ ୨୦୧୫। ୧୩) ଅମିତ ଶାହା ଭାରତ–ପାକିସ୍ତାନ ଦ୍ୱିପାକ୍ଷିତ କ୍ରିକେଟ ସିରିଜ ରଦ୍ଦ କରିଛନ୍ତି, ୧୮ ଜୁନ୍ ୨୦୧୭। ୧୪) ପାକିସ୍ତାନ ସହ ଯୁଦ୍ଧ ଏକ ବିକଳ୍ପ ନୁହେଁ, ଭାରତ ଆଲୋଚନା ଜାରି ରଖିବ– ସ୍ୱରାଜ, ୧୬ ଡିସେମ୍ବର ୨୦୧୫। ୧୫) ଭାରତ ୭–୧୦ ଦିନ ମଧ୍ୟରେ ପାକିସ୍ତାନକୁ ପରାସ୍ତ କରିପାରେ– ନରେନ୍ଦ୍ର ମୋଦି, ୨୯ ଜାନୁଆରୀ ୨୦୨୦। ୧୬) ମୋଦି ପାକିସ୍ତାନ ସହ ସ୍ୱାଭାବିକ ଭାବେ ସମ୍ପୂର୍ଣ୍ଣ ବାଣିଜ୍ୟିକ ସମ୍ପର୍କ ଚାହାନ୍ତି, ୨୪ ନଭେମ୍ବର ୨୦୧୭।

ଏଭଳି ସବୁ ଖବର ଶିରୋନାମା କେବଳ ଏହି ସରକାରଙ୍କ ପ୍ରଥମ ୫ ବର୍ଷ ଭିତରେ ସାମ୍ନାକୁ ଆସିଛି। ତେବେ ଶବ୍ଦକୋଷ ନୀତି ଶବ୍ଦର ଅର୍ଥ ନିର୍ଦ୍ଧାରଣ କରିଛି। ଅନେକ ବିକଳ୍ପ ମଧ୍ୟରୁ ଚୟନ କରାଯାଇଥିବା ପଦକ୍ଷେପର ଏକ ନିର୍ଦ୍ଦିଷ୍ଟ ଉପାୟ ବା ପଦ୍ଧତି ଭାବେ ନୀତିକୁ ଦର୍ଶାଯାଇଛି। ଏହା ପରିସ୍ଥିତିକୁ ଦେଖି ଏବକାର ତଥା ଭବିଷ୍ୟତର ନିଷ୍ପତ୍ତିକୁ ନିଶ୍ଚିତ କରିବା ସହ ତାହାକୁ ମାର୍ଗଦର୍ଶନ କରେ ବୋଲି କୁହାଯାଇଛି। ଏହା ସହ ନୀତି ହେଉଛି ଏକ ଉଚ୍ଚସ୍ତରୀୟ ସାମଗ୍ରିକ ଯୋଜନା, ଯାହା ମୁଖ୍ୟତଃ ଗୋଟିଏ ସରକାରୀ ସଂସ୍ଥାର ସାଧାରଣ ଲକ୍ଷ୍ୟ ଓ ଗ୍ରହଣୀୟ ପ୍ରକ୍ରିୟାଗୁଡ଼ିକୁ ସମର୍ଥନ କରେ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଭାରତର ପାକ୍ ବା ପାକିସ୍ତାନ ନୀତିକୁ ଶବ୍ଦକୋଷ କିଭଳି ବର୍ଣ୍ଣନା କରିବ?

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | 5 | 7 | 9 | |
| | | | | | | | 8 | |
| 1 | | | | | | | | |
| | | | 2 | | | | 3 | 9 |
| | | 1 | | | | 4 | | |
| | | 3 | 6 | 7 | | | | 1 |
| 9 | | 6 | | | 1 | | | 3 |
| | | 2 | | 6 | | | | |
| 5 | | | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 1 | 4 | 9 | 5 | 6 | 3 |
| 5 | 6 | 9 | 3 | 2 | 8 | 4 | 7 | 1 |
| 4 | 3 | 1 | 5 | 7 | 6 | 8 | 9 | 2 |
| 6 | 4 | 5 | 7 | 8 | 3 | 2 | 1 | 9 |
| 2 | 7 | 8 | 6 | 9 | 1 | 3 | 5 | 4 |
| 9 | 1 | 3 | 4 | 5 | 2 | 6 | 8 | 7 |
| 3 | 5 | 4 | 8 | 1 | 7 | 9 | 2 | 6 |
| 8 | 2 | 7 | 9 | 6 | 4 | 1 | 3 | 5 |
| 1 | 9 | 6 | 2 | 3 | 5 | 7 | 4 | 8 |

ଗତକାଲିର ଉତ୍ତର

# ପ୍ରଚାର ଫଳକ



ହରିଶଙ୍କର ମିଶ୍ର

ରାଜ୍ୟର ପ୍ରତ୍ୟେକ ସହର ଏବଂ ଗ୍ରାମର ଛକ ଜାଗା, ବସ୍ ରହଣିସ୍ଥଳରୁ ରେଳ ଷ୍ଟେଶନ, ଉଡ଼ାଜାହାଜ ପଡ଼ିଆରୁ ଖେଳପଡ଼ିଆ, ବ୍ୟାଙ୍କ ଏବଂ ଜନସେବା କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ ପରିସରରୁ ବୃହତ୍ ବ୍ୟବସାୟିକ ଅନୁଷ୍ଠାନ ପାଖରେ ବିଭିନ୍ନ ଆକୃତିର ଫଳକମାନ ଦେଖିବାକୁ ମିଳୁଛି। ସେଥିରେ 'ସରକାର କଥା ଦେଇ କଥା ରଖିଲେ' ଲେଖାଯାଇ କିଛି ସରକାରୀ ଯୋଜନାର ସୂଚନା ଦିଆଯାଇଛି। ଲକ୍ଷାଧିକ ସଂଖ୍ୟାରେ ରହିଥିବା ଏହି ଫଳକ ଓ ବିଜ୍ଞାପନ ପାଇଁ କେତେ କୋଟି ସରକାରୀ ରାଜସ୍ୱ ବ୍ୟୟ ବା ଅପବ୍ୟୟ ହୋଇଛି ବା ହେଉଛି ତାହା ତ ଦ୍ୱିତୀୟ ପ୍ରଶ୍ନ। କିନ୍ତୁ ସରକାର କେଉଁ କଥା ଦେଇଥିଲେ ଏବଂ କିପରି ପାଳନ କରିଛନ୍ତି ତାହା ଆଲୋଚନା କରାଗଲେ ସେଇ ପ୍ରଚାରମୂଳକ ଫଳକ ଓ ବିଜ୍ଞାପନର ଯଥାର୍ଥତା ସ୍ୱତଃ ସ୍ପଷ୍ଟ ହେବ। ଏତଦ୍‌ବ୍ୟତୀତ ବିଭିନ୍ନ ସହରରେ ଶତାଧିକ ପରଦା ଲଗାଯାଇ ଦୃଶ୍ୟ ଶ୍ରାବ୍ୟ ବିବରଣୀ ମାଧ୍ୟମରେ ମଧ୍ୟ ବିଭିନ୍ନ ସଫଳତାର ବାର୍ତ୍ତା ପ୍ରଚାର ହେଉଛି।

ଏହା ସତ୍ୟ ଯେ ରାଜ୍ୟରେ ଗୋଟିଏ ଦଳ ଦୀର୍ଘ ୨୪ବର୍ଷର ଶାସନ ପରେ ପୁନଃ କ୍ଷମତାସୀନ ହେବାରୁ ବଞ୍ଚିତ ହେବା ପଛରେ ଯେଉଁ ପ୍ରତିଶ୍ରୁତିମାନ ମୁଖ୍ୟ ଭୂମିକା ନିର୍ବାହ କରିଥିଲା ତନ୍ମଧ୍ୟରେ ଥିଲା ଓଡ଼ିଆ ଅସ୍ମିତା ପରି ଏକ ସ୍ପର୍ଶକାତର ଶବ୍ଦ। ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ପାଇଁ ଦୀର୍ଘଦିନର ନୀରବ ଆନ୍ଦୋଳନ ପରେ ବିଗତ ସରକାର ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନ ବିଧେୟକ ପାରିତକରାଇ ତା'ର ଅବମାନନା ପାଇଁ ଦଣ୍ଡ ବ୍ୟବସ୍ଥାର ଆଇନ କରିଥିଲେ। କିନ୍ତୁ ଓଡ଼ିଆ ଅସ୍ମିତାକୁ ଅସ୍ତ୍ରକରି କ୍ଷମତାକୁ ଆସିଥିବା ନୂଆ ସରକାର ଉଭୟ ଇଂଲିଶ ଏବଂ ଓଡ଼ିଆରେ ସରକାରୀ ନଥି ଓ ପତ୍ରାଳାପ ପାଇଁ ନିୟମ କରିବା ଅସ୍ମିତାର ଜାଗରଣ ନା ଦାପ୍ତରିକ ଚାପ ଆଗରେ ଆତ୍ମସମର୍ପଣ ତାହା ବିଚାରଯୋଗ୍ୟ। ଏହା ସରକାର କଥା ଦେଇ କଥା ରଖିବାର ଏକ ଉଦାହରଣ। ରତ୍ନଭଣ୍ଡାରର ଚାବି ପାତାଳରେ ଥିଲେ ବି ଖୋଜା ଚାଲିଛି ବୋଲି ବିଶ୍ୱସନୀୟ ପ୍ରତିଶ୍ରୁତି ରକ୍ଷା ପରିବର୍ତ୍ତେ ରଘୁବୀର ଦାସଙ୍କ ତଦନ୍ତ ରିପୋର୍ଟ ପ୍ରକାଶ ନ କରିବା ଏବଂ ରତ୍ନଭଣ୍ଡାରର ଚାବି ଭଙ୍ଗା ସତ୍ତ୍ୱେ ସରକାରୀ ନିୟମାନୁଯାୟୀ ତତ୍କାଳ ଗଚ୍ଛିତ ଅଳଙ୍କାରର ତାଲିକା ନ କରିବା, ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରର ଗଣତି ମଣତି କରାଇ ପୂର୍ବରୁ ଥିବା ତାଲିକା ସହ ମେଳକ ପରିବର୍ତ୍ତେ ରିଜର୍ଭ ବ୍ୟାଙ୍କର ସହାୟତା ଏବଂ ରାଜ୍ୟ ବାହାରର ମୂଲ୍ୟାୟନ ଅଧିକାରୀ ନିଯୁକ୍ତିର ଖବର ଓ ଏଥିପାଇଁ କାଳକ୍ଷେପଣ ନୀତି ସ୍ପଷ୍ଟ କରୁଛି ଯେ ସରକାର କୌଣସି ନିର୍ଦ୍ଦିଷ୍ଟ କାରଣ ବା କାହାର ସୁରକ୍ଷା ପାଇଁ ଏହାକୁ ଏଡ଼ାଇଚାଲିଛନ୍ତି। ପ୍ରତିଶ୍ରୁତି ମତେ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରିଦୁଆର ଭକ୍ତଙ୍କ ଯାତାୟାତ ପାଇଁ ଯଦିଓ ଖୋଲାଯାଇଛି ଭିତରେ ଶ୍ରୀଜୀଉମାନଙ୍କ ଦର୍ଶନ ଭକ୍ତଙ୍କୁ ଅଣନିଃଶ୍ୱାସୀ କରାଉଛି। ସମୟାନ୍ତରେ କେତେଜଣ ଭକ୍ତ ଅସୁସ୍ଥ ମଧ୍ୟ ହେଉଛନ୍ତି। ତାହାର ସମାଧାନ ବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ନ କରିବା ନିଶ୍ଚିତ ସରକାରଙ୍କ ଶ୍ରୀମନ୍ଦିର ପ୍ରତି ନୈତିକ କର୍ତ୍ତବ୍ୟର ଉଲ୍ଲଂଘନ କରୁଛନ୍ତି ଏଥିରେ ଦ୍ୱିରୁକ୍ତି ନାହିଁ। କ୍ଷମତାକୁ ଆସିଲେ ରାଜ୍ୟ ସଂଗ୍ରହାଳୟରୁ ସ୍ଥାନାନ୍ତରିତ ହୋଇଥିବା ବହୁ ହଜାର ଦୁଷ୍ପ୍ରାପ୍ୟ ପୋଥି ଓ ଦସ୍ତାବିଜ ଉଦ୍ଧାର କରିବାକୁ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା, କ୍ଷମତା ହାସଲ ପରେ ବିଧାନସଭାରେ ଏ ସମ୍ପର୍କିତ ଗୋଟିଏ ପ୍ରଶ୍ନର ଉତ୍ତରରେ ସମ୍ପୃକ୍ତ ମନ୍ତ୍ରୀ କୌଣସି ନଥି ବା ଦସ୍ତାବିଜ ସ୍ଥାନାନ୍ତର ହୋଇ ନ ଥିବା ଉତ୍ତର ଦେବା କଥା ଦେଇ କଥା ରଖିବାର ଉଦାହରଣ ମଧ୍ୟ ହୋଇଗଲା।

ରାଜ୍ୟରେ ହାତଗଣତି କେତେଜଣ ଅଧିକାରୀ ଭିଜିଲାନ୍ସ କବଳିତ ହେଲେ ଦୁର୍ନୀତି ଯେ ଲୋପପାଇଯିବ ଏହା ଭାବିବା ଭୁଲ୍। ଏବେବି ବ୍ଲକ୍‌ଠାରୁ ଥାନା ଓ ବିଭିନ୍ନ ଅର୍ଥକରୀ ବିଭାଗରେ ଦୁର୍ନୀତି ଯେପରି ଥିଲା ସେପରି ଚାଲୁଛି, କିନ୍ତୁ ତା'ର ତରିକା ଓ ସେଥିରେ ସମ୍ପୃକ୍ତ ବେସରକାରୀ ବ୍ୟକ୍ତିଙ୍କ ପରିଚୟ କେବଳ ବଦଳିଯାଇଛି। ଯେଉଁମାନେ ଦୁର୍ନୀତିର ପାହାଡ଼ ଉପରେ ଥିଲେ ବା ଅଛନ୍ତି ତନ୍ମଧ୍ୟରୁ ଅନେକେ କେବଳ ନିଜର ରଙ୍ଗ ଓ ଆନୁଗତ୍ୟ ବଦଳ କରିବା ଦ୍ୱାରା ରତ୍ନାକରରୁ ବାଲ୍ମୀକି ହୋଇଯାଇଛନ୍ତି। କିନ୍ତୁ ରାଜ୍ୟ ଦୁର୍ନୀତିମୁକ୍ତ ନ ଥିଲା, ଏବେ ନାହିଁ ବା ଭବିଷ୍ୟତରେ ହେବାର ସମ୍ଭାବନା ବି ନାହିଁ। ଦୁର୍ନୀତିମୁକ୍ତ ଶାସନ କେବଳ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଥିବାବେଳେ ଦୁର୍ନୀତି ଜଳଜଳ ଦେଖାଯାଉଥିଲା। ସେଥିରେ ଅତିଷ୍ଠ ରାଜ୍ୟବାସୀ ଆଶା କରିଥିଲେ, ନୂତନ ସରକାର ଆସିଲେ ତା'ର ପର୍ଦ୍ଦାଫାଶ ହେବ। ତାହା ମଧ୍ୟ ଏକାଧିକ ସଭାରେ ଘୋଷଣା ହୋଇଥିଲା। କିନ୍ତୁ ଦୀର୍ଘ ୧୫ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସେ ସମ୍ପର୍କରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ପ୍ରତିଶ୍ରୁତି ଫିକା ପଡ଼ିଯାଇଛି। ଏଠାରେ କଥା ଦେଇଥିଲେ ବି କଥା ରଖିବା ସରକାରଙ୍କ ପାଖରେ ସମ୍ଭବ ନୁହେଁ ଏହା ସ୍ପଷ୍ଟ ହୋଇଛି।



କିନ୍ତୁ ସରକାର ସ୍ମରଣୀୟ ରଥଯାତ୍ରା କରିବାକୁ ଦେଇଥିବା କଥା ଶ୍ରୀଜୀଉମାନଙ୍କ ମୋଦକ ଦାରୁକାଠ ଚୋରିଠାରୁ ବହୁଳ ଓ ବିବିଧ ଦୁର୍ଘଟଣା ପାଇଁ ନିଶ୍ଚିତ ସ୍ମରଣୀୟ ହୋଇଗଲା। ଏପରିକି ବିଗତ କିଛି ଦଶନ୍ଧି ମଧ୍ୟରେ ଚଳିତ ବର୍ଷ ମୃତାହତ ଭକ୍ତଙ୍କ ସଂଖ୍ୟା ନିଶ୍ଚିତ ସ୍ମରଣୀୟ ହୋଇଗଲା। ଏପରିକି ଅଦିନିଆ ରଥଯାତ୍ରା କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ପରିହାସ କରୁଥିବା ଇସ୍କନ ସଂସ୍ଥା ପାଖରେ ଆଦାନୀଙ୍କ ମାଧ୍ୟମରେ ପୁରୀ ସହରକୁ ଟେକିଦେବା ମଧ୍ୟ ଅନ୍ୟତମ ସ୍ମରଣୀୟ ଘଟଣା ହୋଇଗଲା।

ସରକାର କଥା ଦେଇ ଯେଉଁ ଦୁଇଟି ସଫଳତାକୁ ବାରମ୍ବାର ପ୍ରଚାର କରୁଛନ୍ତି ତାହା ସୁଭଦ୍ରା ଯୋଜନା ଓ ଧାନ ସଂଗ୍ରହର ସହାୟକ ମୂଲ୍ୟ ବୃଦ୍ଧି। ଏହି ପ୍ରତିଶ୍ରୁତି ପୂରଣ ପାଇଁ ରାଜ୍ୟ ତହବିଲକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଛି ସିନା ଏହାଦ୍ୱାରା ରାଜ୍ୟର କୌଣସି ସାମଗ୍ରିକ ଉନ୍ନତି ହୋଇନାହିଁ। ୧ କୋଟିରୁ ଅଧିକ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ବାର୍ଷିକ ୧୦ହଜାର କୋଟିରୁ ଅଧିକ ଟଙ୍କାରେ ନିଶ୍ଚିତ ଏକାଧିକ ବୃହତ୍ ଯୋଜନା ହୋଇପାରି ଥାନ୍ତା। ସବୁଠାରୁ ଆଶ୍ଚର୍ଯ୍ୟଜନକ ଯେ ସୁଭଦ୍ରା ଯୋଜନା ଅର୍ଥ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିବା ଯେକୌଣସି ଗ୍ରାମ ବା ସହରର ହିତାଧିକାରୀଙ୍କଠାରୁ ସ୍ପଷ୍ଟ ହେଉଥିଲା ବେଳେ ଏହା ବହୁ ସଂଖ୍ୟାରେ ଉଦ୍ୟମିତା କ୍ଷେତ୍ରରେ କୁଆଡ଼େ ବିନିଯୋଗ ହୋଇଛି ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଯଦି ସର୍ବେକ୍ଷଣ ସତ୍ୟ ତେବେ ସେଇ ୧କୋଟିରୁ ଅଧିକ ହିତାଧିକାରୀଙ୍କ ନାମ ମାଗଣା ଚାଉଳ ତାଲିକାରୁ କାଟିଦେବା ଉଚିତ ନୁହେଁ କି? ମାତ୍ର କାଗଜପତ୍ରରେ ପ୍ରଗତିର ବାର୍ତ୍ତା ବାଣ୍ଟୁଥିବା ସରକାର ଏହା କରିବା କେବେ ବି ସମ୍ଭବ ନୁହେଁ। ଧାନର ସହାୟକ ମୂଲ୍ୟ ବୃଦ୍ଧିରେ ମଧ୍ୟ ଅନୁରୂପ ଅଭିଯୋଗ ହେଉଛି ଯେ ଏହି ବୃଦ୍ଧି ଯୋଗୁ ଧାନ ସଂଗ୍ରହ ପାଇଁ ବିଭିନ୍ନ ମାନଦଣ୍ଡ ଆଧାରରେ ଯଥେଷ୍ଟ କମ୍ ଧାନ ସଂଗ୍ରହ କରାଯାଇଛି। ନିଜକୁ ଲୋକଙ୍କ ସରକାର ବୋଲି କହୁଥିବା ବେଳେ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ସମସ୍ତ ଅଭିଯୋଗକୁ ଆବଶ୍ୟକ ଅନୁଯାୟୀ ସଚିବଙ୍କଠାରୁ ତହସିଲଦାରଙ୍କ ପାଖକୁ ପଠାଇଦେବା ସମାଧାନ ନୁହେଁ। ଯେଉଁଠାରୁ ନିରାଶ ହେବାପରେ ଲୋକମାନେ ସିଧା ସରକାରଙ୍କୁ ଗୁହାରି କରୁଛନ୍ତି, ସେହି ଅଭିଯୋଗ ପୁନଶ୍ଚ ସ୍ଥାନୀୟ ଅଧିକାରୀଙ୍କ ପାଖକୁ ସମାଧାନ ପାଇଁ ଆସିଲେ ଅଭିଯୋଗକାରୀ କିଭଳି ନ୍ୟାୟ ପାଉଥିବେ ତାହା ବିଚାରଯୋଗ୍ୟ। ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗ ଅଧୀନରେ 'ସାଧାରଣ ସେବା ଅଧିକାର'(ଆର୍‌ଟିଜିଏସ୍) ପୋର୍ଟାଲରେ ସମସ୍ତ ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନର ବିବରଣୀ ଦିଆଗଲେ ତାହା ଅଧିକ ସ୍ୱଚ୍ଛ, ସ୍ପଷ୍ଟ ଓ ଶାସନୀୟ ହୋଇପାରିବ।

ଶେଷରେ ଏତିକି କୁହାଯାଇପାରେ, ଯେଉଁଦିନ ରାଜ୍ୟର ସାମଗ୍ରିକ ଉନ୍ନତି ହେବ ତାହା ଲୋକମାନେ ନିଜେ ଅନୁଭବ କରିବେ। ସେତେବେଳେ କୌଣସି ପ୍ରଯୋଜିତ ପ୍ରଚାର ଫଳକ ଆବଶ୍ୟକ ହେବନାହିଁ।

ଗୁଣ୍ଡିଚା ବିହାର, ପୁରୀ
ମୋ : ୭୯୭୮୭୮୫୪୭୮

# କୃଷି ବିକାଶରେ କୃଷି ମହାବିଦ୍ୟାଳୟ



ପ୍ର. ବିଜୟ କୁମାର ମହାପାତ୍ର

କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ଆମ ରାଜ୍ୟର ଏକକ ସରକାରୀ କୃଷି ବିଶ୍ୱବିଦ୍ୟାଳୟ ଭାବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବିଗତ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବରେ ନିଜସ୍ୱ ଉତ୍କର୍ଷ ପ୍ରତିପାଦନ କରିଆସିଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କୃଷି ଓ ଆନୁଷଙ୍ଗିକ ବିଷୟ ଯଥା ଉଦ୍ୟାନ କୃଷି, ପଶୁ ଚିକିତ୍ସା ଏବଂ ପ୍ରାଣିପାଳନ, କୃଷି ବୈଷୟିକ, ବନ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ଗୋଷ୍ଠୀ ବିଜ୍ଞାନ, କଳା ଓ ମୌଳିକ ବିଜ୍ଞାନ, ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଇତ୍ୟାଦି ୧୦ ଗୋଟି ମହାବିଦ୍ୟାଳୟ ସହିତ ୧୦ ଗୋଟି ପଲିଟେକ୍‌ନିକ୍ କେନ୍ଦ୍ରରେ ସଫଳତାର ସହିତ ନିରନ୍ତର ଶିକ୍ଷାଦାନ କରାଯାଉଛି।

ଛାତ୍ରୀଛାତ୍ରଙ୍କର କୃଷି ବୈଷୟିକ ଜ୍ଞାନର ସଫଳ ସଦୁପଯୋଗ ନିମିତ୍ତ ସେମାନଙ୍କୁ ଶ୍ରେଣୀଗୃହ ଶିକ୍ଷା ସହ କୌଶଳ ବିକାଶ ନିମନ୍ତେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉଛି, ଯଦ୍ଦ୍ୱାରା ସେମାନେ ଚାଷୀ କ୍ଷେତରେ ଉପୁଜିଥିବା ଅସୁବିଧାକୁ ଦୂର କରିବାକୁ ସକ୍ଷମ ହୋଇପାରିବେ। ମାନବ ସମ୍ବଳର ବିକାଶ, ସ୍ଥିତି ଓ ସ୍ଥାନୀୟତା ଭିତ୍ତିରେ କୃଷକର ସର୍ବାଙ୍ଗୀନ ବିକାଶ, ଜୀବିକା ନିର୍ବାହ ଧାରାରେ ଉନ୍ନତୀକରଣ, ଉତ୍ପାଦନ ଓ ଉତ୍ପାଦିକତା ଶକ୍ତି ବୃଦ୍ଧି ସହ କୃଷକର ଆୟ ବୃଦ୍ଧି ଏବଂ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ସମ୍ପ୍ରତି ପରିବର୍ତ୍ତିତ ଢଙ୍ଗରେ କୃଷି ଶିକ୍ଷା ପ୍ରଦାନ କରାଯାଉଛି। ବିଗତ ଶିକ୍ଷାବର୍ଷରୁ କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆଣି ପ୍ରଚଳିତ କରିଥିବା ନୂଆ ଶିକ୍ଷାନୀତି–୨୦୨୦ ଅନୁସାରେ କୃଷି ଶିକ୍ଷା ପ୍ରଦାନ ଆରମ୍ଭ ହୋଇଛି। ଏଥିରେ ନୂଆ କରି ଯେଉଁ ଯେଉଁ ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି, ସେ ବିଷୟ ସବୁକୁ ନୂଆ ଶିକ୍ଷା ପଦ୍ଧତି ଭିତରେ ମିଶାଇ ରଖାଯାଇଛି। ଆଗରୁ କୃଷି ଶିକ୍ଷା ବିଷୟଟି ସମ୍ପୂର୍ଣ୍ଣ ୪ ବର୍ଷ ଅବଧିର ଥିଲା, କିନ୍ତୁ ଏବେ ବହୁବାର ଏହି ପାଠ୍ୟକ୍ରମ ଭିତରକୁ ପ୍ରବେଶ କିମ୍ବା ପ୍ରସ୍ଥାନର ବ୍ୟବସ୍ଥା ରହିଛି। ପ୍ରଥମ ବର୍ଷ ଶେଷରେ ଏବଂ ଦ୍ୱିତୀୟ ବର୍ଷ ଶେଷରେ ଜଣେ ଛାତ୍ର ଚାହିଁଲେ ସାର୍ଟିଫିକେଟ୍ ଅଥବା ଡିପ୍ଲୋମା ନେଇ ଏହି ପାଠ୍ୟକ୍ରମରୁ ପ୍ରସ୍ଥାନ କରିପାରିବ ଏବଂ ପରେ ପୁଣି ଆଉ ଦୁଇ ବର୍ଷର ପାଠ୍ୟକ୍ରମ ସମାପ୍ତ କରି କୃଷି ସ୍ନାତକ ଡିଗ୍ରୀ ହାସଲ କରିପାରିବ। ଏହାଛଡ଼ା ପ୍ରତି ସେମିଷ୍ଟରରେ ବୈଷୟିକ ଜ୍ଞାନ ସହ ବ୍ୟାବହାରିକ କୌଶଳ ବୃଦ୍ଧି ପାଇଁ ପାଠ୍ୟକ୍ରମରେ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ପ୍ରଥମ ବର୍ଷ ପାଠ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ନୂତନ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ସପ୍ତାହ ବ୍ୟାପୀ 'ଦୀକ୍ଷାରମ୍ଭ' ନାମକ ଏକ କାର୍ଯ୍ୟକ୍ରମ କରାଯାଉଛି; ଯାହା ମାଧ୍ୟମରେ ପିଲାମାନେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ବିଭାଗ ବିଷୟରେ ଅବଗତ ହେବା ସହ ବିଷୟ ପରିଚିତି, ପ୍ରୟୋଗଶାଳାର କାର୍ଯ୍ୟ ପ୍ରଣାଳୀ, କୃଷି ଆନୁଷଙ୍ଗିକ ବିଷୟକ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ବୁଲି ଦେଖିବା ଏବଂ ଚାଷୀମାନଙ୍କ କ୍ଷେତକୁ ଯାଇ ବିଭିନ୍ନ ଫସଲ ବିଷୟରେ ଅବଗତ ହେବା ସହ ତତ୍ ସମ୍ପର୍କିତ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଜାଣିବାକୁ ପାଇପାରୁଛନ୍ତି।



କୃଷି ଶିକ୍ଷା କ୍ଷେତ୍ରରେ ନୂତନ ଦିଗନ୍ତକୁ ବିଚାରକୁ ନେଲେ ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)କୁ ଭିତ୍ତି କରି ବିଭିନ୍ନ ଇଣ୍ଟରନେଟ୍ ଆପ୍ ମାଧ୍ୟମରେ କୃଷିରେ ସମସ୍ୟାର ଚିହ୍ନଟ ଏବଂ ତା'ର ପ୍ରତିକାର ପାଇଁ ପଦକ୍ଷେପମାନ ନିଆଯାଉଛି। ଡ୍ରୋନ୍ ସାହାଯ୍ୟରେ ଫସଲର ସ୍ଥିତି ପରଖିବା, ଔଷଧ ଏବଂ ହର୍ମୋନ ସିଞ୍ଚନ କରିବା ହେଉ ଅଥବା ରୋଗପୋକ ଏବଂ ଘାସ ଉପରେ ନଜର ରଖିବା, ବିଭିନ୍ନ ଆପ୍ ଏବଂ ମଡେଲ ସାହାଯ୍ୟରେ ପାଣିପାଗର ସ୍ଥିତି ଆକଳନ କରିବା, ସାର ଓ ରାସାୟନିକ ବ୍ୟବହାର କ୍ଷେତ୍ରରେ ନାନୋ ଟେକ୍ନୋଲୋଜିର ବ୍ୟବହାର ସହିତ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଜଳବାୟୁ ଅନୁକୂଳ ଚାଷ ପଦ୍ଧତି ଏସବୁ ବିଷୟରେ ନୂତନ ଜ୍ଞାନ କୌଶଳ ପ୍ରଦାନ ପାଇଁ ନୂତନ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରମାନଙ୍କର ଶୈକ୍ଷିକ ଗବେଷଣା କ୍ଷେତ୍ରରେ ଅତ୍ୟାଧୁନିକ ଓ ଅନନ୍ୟ ବିଷୟକ ଗବେଷଣା ପାଇଁ ଆମ ଦେଶର ତଥା ବିଦେଶର କେତେକ ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନ ସହିତ ବୁଝାମଣା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ତଥା ଦେଶର ନୀତି ନିର୍ଦ୍ଧାରକଠାରୁ ଆରମ୍ଭ କରି ରାଜ୍ୟ ତଥା କେନ୍ଦ୍ରର ପ୍ରଶାସନିକ ସେବା ହେଉ କିମ୍ବା କୃଷି ବୈଜ୍ଞାନିକ ଭାବେ ଅଥବା ଅନ୍ୟ ଯେକୌଣସି ଅନୁଷ୍ଠାନର ବିଶିଷ୍ଟ ପଦରେ ଏହି କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କାର୍ଯ୍ୟରତ। ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍.ଡି. ବିଭାଗରେ ଅଧୁନା ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବର୍ତ୍ତମାନ ଏହି କୃଷି ମହାବିଦ୍ୟାଳୟ, ଭୁବନେଶ୍ୱରରେ ଅଧ୍ୟୟନରତ ଅଛନ୍ତି। ସ୍ନାତକ ପାଠ୍ୟକ୍ରମ ପରେ ପିଲାମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ମୁତାବକ ଚାକିରିରେ ଯୋଗ ଦେଇ ସମାଜର ତଥା ଚାଷୀକୁଳର ସେବାରେ ନିଜକୁ ନିୟୋଜିତ କରିପାରୁଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ସହକାରୀ କୃଷି ଅଧିକାରୀ ହେଉ କିମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଥବା ସହକାରୀ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଏହିପରି ବିଭାଗରେ କାର୍ଯ୍ୟ କରିପାରୁଛନ୍ତି। ବିଭିନ୍ନ ଜାତୀୟକରଣ ଅବା ବେସରକାରୀ ବ୍ୟାଙ୍କରେ ଫିଲ୍ଡ ଅଫିସର ଅବା ପ୍ରୋବେସନାରି ଅଫିସର ହିସାବରେ ବୃତ୍ତିଗତ ସ୍ତରରେ କୃଷକଙ୍କ ସେବାରେ ନିୟୋଜିତ ହୋଇପାରୁଛନ୍ତି। ଏହାଛଡ଼ା ପ୍ରତିବର୍ଷ ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ବନସେବାରେ ବିଭିନ୍ନ ପଦ ପଦବୀରେ ଆମର ଛାତ୍ରୀଛାତ୍ରମାନେ ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି, ଯାହା ଆମ ମହାବିଦ୍ୟାଳୟ ପାଇଁ ଖୁବ୍ ଗର୍ବର ବିଷୟ। ଏପରିକି ଗତବର୍ଷ ଭାରତୀୟ ଲୋକସେବା ଆୟୋଗ ପରୀକ୍ଷାରେ ଦୁଇ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଛନ୍ତି, ଯାହା ଅନ୍ୟ ପିଲାମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାର ଉତ୍ସ ହୋଇପାରିଛି।

– ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର, ମୋ:୯୪୩୭୨୨୫୮୮୩

## ଏଇ ଭାରତରେ

ଗୋଟିଏ ପଟେ ପରିବାର ପ୍ରତିପୋଷଣ, ଅନ୍ୟପଟେ ଲେଖିବାର ନିଶା। ଏ ଦୁଇଟିରେ ସମନ୍ୱୟ ରକ୍ଷାକରି ଜୀବନରେ ଆଗକୁ ବଢ଼ିଛନ୍ତି କୋଲକାତାର ପିଣ୍ଟୁ ପୋହାନ୍। ସେ କୋଲକାତାର ବେହେଲାରେ ପାନ ଦୋକାନ କରିଛନ୍ତି। ସେଥିରୁ ଯାହା ରୋଜଗାର କରୁଛନ୍ତି ସେଥିରେ ତାଙ୍କ ପରିବାର ଚଳୁଛି ଏବଂ ସେଥିରେ ମଧ୍ୟ ସେ ବହି ଛାପୁଛନ୍ତି। ଏବେସୁଦ୍ଧା ସେ ୧୨ଟି ବହି ବେଙ୍ଗଲୀ ଭାଷାରେ ଲେଖି ସାରିଲେଣି। ଲୋକଙ୍କୁ ପାନ ଦେଇସାରି ସାଙ୍ଗେ ସାଙ୍ଗେ ସେ ଦୋକାନରେ ଲେଖିବା ଆରମ୍ଭ କରିଦିଅନ୍ତି। ବେହେଲାଠାରୁ ଦୁଇ କିଲୋମିଟର ଦୂର ମଦନମୋହନତାଲାରେ ତାଙ୍କ ପିଲାଦିନ ବହୁ ପ୍ରତିକୂଳ ପରିସ୍ଥିତିରେ କଟିଛି। ଫଳରେ ଅଧିକ ପଢ଼ି ନ ପାରି ସେ ଦଶମରୁ ପାଠ ଛାଡ଼ି ଏକ ଫ୍ୟାକ୍ଟ୍ରିରେ ହେଲ୍‌ପର ଭାବେ କାମ କରିଥିଲେ। ସେହି ରୋଜଗାରରେ ପୁଣି ପଢ଼ିଥିଲେ ଓ ବେଙ୍ଗଲୀ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ତାଙ୍କ ପାଇଁ ଥିଲା ବଡ଼ ସଫଳତା। ସେ ପାନ ବିକିବା ସହ କମ୍ପ୍ୟୁଟର କ୍ଲାସ ଓ ଲାଙ୍ଗୁଏଜ ଡିପ୍ଲୋମା କୋର୍ସ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୭୬**

- ଚନ୍ଦ୍ରପୃଷ୍ଠରୁ ନମୁନାମାଟି ସଂଗ୍ରହ କରି ଲୁନା ୨୪ ମହାକାଶଯାନ ରୁଷ ଭୂପୃଷ୍ଠରେ ଅବତରଣ କରିଥିବା ରୁଷ ରେଡିଓ ସୂତ୍ରରୁ ଜଣାପଡ଼ିଛି।
- ଫିଲିପାଇନ୍‌ସର ଦକ୍ଷିଣାଞ୍ଚଳରେ ହୋଇଯାଇଥିବା ଭୂମିକମ୍ପ ପରେ ୮ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ ପ୍ରକାଶ କରିଛନ୍ତି।
- ରେୱାଠାରେ ଗୋଟିଏ ଯାତ୍ରୀବାହୀ ଘରୋଇ ବସ୍ ଏକ ନଦୀବନ୍ଧ ଉପରୁ ତଳକୁ ଖସିପଡ଼ିବା ଫଳରେ ୮୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା।
–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାନ୍ତି ପ୍ରତିଷ୍ଠାରେ ନିରପେକ୍ଷତା ଜରୁରୀ

ମହାଶୟ,

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁରୋପୀୟ ରାଷ୍ଟ୍ର ସଂଘ ରୁଷିଆର ଆକ୍ରମଣରେ ୟୁକ୍ରେନରେ ବ୍ୟାପକ କ୍ଷୟକ୍ଷତି ହେଉଛି ବୋଲି ରୁଷିଆକୁ ଦାୟୀ କରୁଛନ୍ତି। ୟୁକ୍ରେନକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାମରିକ ଓ ଆର୍ଥିକ ସହାୟତା ପ୍ରଦାନ କରି ରୁଷିଆ ବିରୋଧରେ ସେମାନେ ଯୁଦ୍ଧ କରାଇବା ନ୍ୟାୟୋଚିତ ନୁହେଁ। ଅପରପକ୍ଷରେ ଇସ୍ରାଏଲର ଅମାନୁଷିକ ବର୍ବରୋଚିତ ଆକ୍ରମଣରେ ସମଗ୍ର ଗାଜା ଏକ ଧ୍ୱଂସସ୍ତୂପରେ ପରିଣତ ହେବା, ୧ ଲକ୍ଷ ପାଲେଷ୍ଟାଇନ ଅଧିବାସୀଙ୍କ ମୃତ୍ୟୁ, ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ବେଘର ହେଲେଣି। ଗାଜାବାସୀଙ୍କର ଖାଦ୍ୟାଭାବଜନିତ ମୃତ୍ୟୁ ହେଉଛି। ଏହା ଏକ ଅକ୍ଷମଣୀୟ ଯୁଦ୍ଧ ଅପରାଧ ବୋଲି ଜାଣି ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ସ୍ଥାୟୀ ଶାନ୍ତି ସନ୍ଧି ଜରୁରୀ। ଶାନ୍ତି ପ୍ରତିଷ୍ଠାରେ ବଳପୂର୍ବକ ଭାବେ କୌଣସି ପ୍ରକାରର ପକ୍ଷପାତିତା ପରିବର୍ତ୍ତେ ନିରପେକ୍ଷତା ଓ ନ୍ୟାୟିକ ବାତାନୁକୂଳ ନୀତିକୁ ଗୁରୁତ୍ୱ ସହ ଧ୍ୟାନ ଦେବା ଆବଶ୍ୟକ। ଶାନ୍ତି ପ୍ରତିଷ୍ଠାରେ ଏପରି କୌଣସି ନିଷ୍ପତ୍ତି ନ ଆସୁ, ଯେପରି ଭବିଷ୍ୟତରେ ଆଉ ଏକ ତୃତୀୟ–ବିଶ୍ୱଯୁଦ୍ଧର ପୁନରାବୃତ୍ତିର କାରଣ ହେବ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୬୦୦ ବସ୍ତା ସାରକୁ ୫ ହଜାର ଚାଷୀ

■ ବାଧ ହୋଇ ସାର ବଣ୍ଟନ ବନ୍ଦ କଲା ଲ୍ୟାମ୍ପ୍ସ

■ ପୋଲିସ ଉପସ୍ଥିତିରେ ମଧ ବଣ୍ଟାଯାଇ ପାରିଲା ନାହିଁ

ଉମରକୋଟ, ୨୩।୮ (ସନ୍ତୋଷ ଶତପଥୀ)



ସାର ନେବାକୁ ଆସିଥିବା ଚାଷୀ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଯାଇଛି। ଲ୍ୟାମ୍ପ୍ସ ପକ୍ଷରୁ ପୋଲିସ ଉପସ୍ଥିତିରେ ଚାଷୀଙ୍କୁ ମାତ୍ର ୨ ବସ୍ତା ସାର ଦିଆଯାଉଛି, ଯାହା ପାଇଁ ଚାଷୀଙ୍କୁ ବାରମ୍ବାର ସାର ପାଇଁ ଆସିବାକୁ ପଡୁଛି। ତେବେ ଶନିବାର ସାର ପାଇଁ ପ୍ରାୟ ୩ ହଜାର ଚାଷୀ ଲ୍ୟାମ୍ପ୍ସ ଭିତରେ ଧସେଇ ପଶିଥିଲେ। ପରିସ୍ଥିତିକୁ ଦେଖି ସାରବଣ୍ଟା ବନ୍ଦ କରାଯାଇଥିଲା। ପର୍ଯ୍ୟାପ୍ତ ପରିମାଣର ସାର ଆସିଲେ ବଣ୍ଟାଯିବ ବୋଲି ଲ୍ୟାମ୍ପ୍ସ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ବର୍ତ୍ତମାନ ଭଲ ବର୍ଷା ହେଉଥିବାରୁ ଅଧିକ ଅମଳ ପାଇଁ ଶେଷ ଡୋଜ୍ ୟୁରିଆ ସାର ଧାନ ଓ ମକା ଗଛରେ ଦିଆଯିବା କଥା। ଯଦି ନ ଦିଆଯାଏ, ତେବେ ଧାନ ଓ ମକା ଅମଳ ବହୁ ମାତ୍ରାରେ କମିଯିବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଏବେ ଉମରକୋଟରେ ସରକାରୀ ରେଟ୍ ଅନୁଯାୟୀ ୟୁରିଆ କୁଇଣ୍ଟାଲ ପିଛା ୫୫୦ ଟଙ୍କା। କିନ୍ତୁ ସାର ଅଭାବ ଥିବାରୁ ଚାଷୀ ତାହାକୁ ୧୮୦୦ରୁ ୨୦୦୦ ଟଙ୍କାରେ କଳା ବେପାରୀଙ୍କଠାରୁ କିଣିବା ପାଇଁ ବାଧ ହେଉଛନ୍ତି। ସେଥିପାଇଁ ଚାଷୀ ଲ୍ୟାମ୍ପ୍ସରୁ ସାର କିଣିବାକୁ ଭିଡ଼ ଜମାଉଛନ୍ତି। ୨ ଦିନ ତଳେ ୩ଟି ଟ୍ରକ୍‌ରେ ୧୭୦୦ କୁଇଣ୍ଟାଲ ୟୁରିଆ ସାର ଉମରକୋଟରେ ପହଞ୍ଚିଥିଲା। କୃଷି ବିଭାଗ ଉମରକୋଟ ଲ୍ୟାମ୍ପ୍ସକୁ ୬୦୦ ବ୍ୟାଗ୍ ୟୁରିଆ ପ୍ରଦାନ କରିଥିଲେ। ଉକ୍ତ ସାର ଶନିବାର ପୋଲିସ ଓ କୃଷି ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ବଣ୍ଟାଯିବାର ଥିଲା। କିନ୍ତୁ ସାର ନେବାକୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଚାଷୀ ପହଞ୍ଚିଥିଲେ। ପ୍ରତ୍ୟେକ ଚାଷୀଙ୍କୁ ଗୋଟାଏ ବ୍ୟାଗ୍ ସାର ପ୍ରଦାନ କରାଯିବ। ବଳକା ୯୦୦ ଚାଷୀଙ୍କୁ ଟୋକନ୍ ଦିଆଯିବ। ପୁଣି ସାର ଆସିଲେ ସେମାନେ ଟୋକନ ଦେଖାଇ ବିନା ଧାଡ଼ିରେ ଯାଇ ୟୁରିଆ ନେଇପାରିବେ ବୋଲି ଲ୍ୟାମ୍ପ୍ସ ପକ୍ଷରୁ କୁହାଯାଇଛି। ତେବେ ମାତ୍ର ୪ ଜଣ ଚାଷୀଙ୍କୁ ୪ ବ୍ୟାଗ ୟୁରିଆ ସାର ବଣ୍ଟନ ପରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ହଠାତ୍ ଲ୍ୟାମ୍ପ୍ସ ଭିତରକୁ ଧସେଇ ପଶିଥିଲେ। ଶେଷରେ ନିରୁପାୟ ହୋଇ ଲ୍ୟାମ୍ପ୍ସ ପକ୍ଷରୁ ସାର ବଣ୍ଟନ ବନ୍ଦ କରାଗଲା। ପର୍ଯ୍ୟାପ୍ତ ପରିମାଣର ସାର ଆସିଲେ ପୁଣି ବଣ୍ଟାଯିବ। ଯେଉଁମାନଙ୍କୁ ଟୋକନ ଦିଆଯାଇଛି, ସେହି ଚାଷୀଙ୍କୁ ପ୍ରଥମେ ସାର ଦିଆଯିବ। ପର୍ଯ୍ୟାପ୍ତ ସାର ନ ଆସିବା ପର୍ଯ୍ୟନ୍ତ ସାର ବଣ୍ଟନ କରାଯିବ ନାହିଁ ବୋଲି ଉମରକୋଟ ଲ୍ୟାମ୍ପ୍ସ ନିର୍ଦ୍ଦେଶକ ଅସିତ ରୟ କହିଛନ୍ତି। ଅନ୍ୟପଟେ କୃଷି ବିଭାଗର ଅବହେଳା ମନୋଭାବ ଯୋଗୁ ଅଞ୍ଚଳରେ ଚାଷୀ ସାର ନ ପାଇ କଳା ବେପାରୀଙ୍କଠାରୁ କିଣିବା ପାଇଁ ବାଧ ହେଉଛନ୍ତି। ଯଦି ସାର ଅଭାବରୁ ଧାନ କିମ୍ବା ମକା ଫସଲ ନଷ୍ଟ ହୁଏ, ସେଥିପାଇଁ କୃଷି ବିଭାଗ ଦାୟୀ ରହିବ ବୋଲି ପୂର୍ବତନ ପାଣି ପଞ୍ଚାୟତ ସଭାପତି ସନ୍ତୋଷ ସୂତ୍ରଧର କହିଛନ୍ତି। ନବରଙ୍ଗପୁର ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସାର ଆଣିବା ବ୍ୟବସ୍ଥା କରନ୍ତୁ ବୋଲି ଚାଷୀମାନେ ଅନୁରୋଧ କରିଛନ୍ତି।

## ସରପଞ୍ଚଙ୍କ ପ୍ରଚେଷ୍ଟାରେ ୧୨ ବର୍ଷ ପରେ ଜଳିଲା ହାଇମାଷ୍ଟ ଲାଇଟ୍

ଝରିଗାଁ, ୨୩।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାଠାରେ ଥିବା ହାଇମାଷ୍ଟ ଲାଇଟ୍ ଅଚଳ ଥିବାରୁ ଦୀର୍ଘ ୧୨ବର୍ଷ ହେଲା ଜଳୁ ନ ଥିଲା । ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ପୂଜାରୀଙ୍କ ପ୍ରଚେଷ୍ଟାରେ ଶୁକ୍ରବାର ସନ୍ଧ୍ୟାରେ ହାଇମାଷ୍ଟ ଲାଇଟର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ୨୦୧୧-୧୨ ମସିହାରେ ଆଲୋକୀକରଣ ସକାଶେ ପ୍ରାୟ ୧୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଝରିଗାଁ ସଦର ମହକୁମାଠାରେ ଏକ ହାଇମାଷ୍ଟ ଲାଇଟ ଲଗାଯାଇଥିଲା । ତା’ ପାଇଁ ଏକ ସ୍ୱତନ୍ତ୍ର ୨୫ କେଭି ଟ୍ରାନ୍ସଫର୍ମର ମଧ ଲଗାଯାଇଥିଲା । ଉକ୍ତ ହାଇମାଷ୍ଟ ଲାଇଟ ମାତ୍ର ୧ ସପ୍ତାହ ପର୍ଯ୍ୟନ୍ତ ବସ୍‌ଷ୍ଟାଣ୍ଡକୁ ଆଲୋକୀକରଣ କରିଥିଲା । ସପ୍ତାହେ ଆଲୋକୀକରଣ ହେବାପରେ ମାସ ଶେଷକୁ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରି ବିଲ୍ ପୈଠ କରିବା ପାଇଁ ଆସିଥିଲା । ସମୟ ବିତିଗଲା ସରକାର ମଧ ବଦଳିଗଲା, ସେଥିମଧ୍ୟରେ ଅଧିକାରୀ ମଧ ବଦଳିଗଲେ, ହେଲେ ସମସ୍ୟାର ସମାଧାନ ନେଇ କେହି ମଧ ଆନ୍ତରିକତା ଦେଖାଇ ନ ଥିଲେ । ଫଳରେ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି ସ୍ଥାନୀୟ ଲୋକେ । ଏ ନେଇ ସ୍ଥାନୀୟ ସରପଞ୍ଚ ହାଇମାଷ୍ଟ ଲାଇଟ କିପରି କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଏହାର ଶୁଭାରମ୍ଭ ସମୟରେ ପିଇଓ ରମେଶ ହରିଜନ, ଗୋବିନ୍ଦ ପଟ୍ଟନାୟକ, ପ୍ରଦୀପ କୁମାର ଦାସଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ରହିଥିଲେ ।

## ଅପରେଶନ ମିସିଂ ମୋବାଇଲ: ୧୭ ମୋବାଇଲ ଜବତ

ଜୟପୁର, ୨୩।୮ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଜିଲା ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶରେ ଅପରେଶନ ମିସିଂ ମୋବାଇଲ ଆରମ୍ଭ କରିଛି। ସାଇବର ସେଲ ଟେକ୍ନିକାଲ ଟିମ୍, ଜୟପୁର ପୋଲିସ ଟ୍ରାକିଂ କରି ହଜିଥିବା ୧୭ ମୋବାଇଲ ଜବତ କରି ମାଲିକଙ୍କୁ ଫେରାଇଛି। ଶନିବାର ସ୍ଥାନୀୟ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତ୍ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏଥିରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ବିଭିନ୍ନ ସମୟରେ ମୋବାଇଲ ହଜିଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ମୋବାଇଲ ହଜିଥିଲେ ସିଆଇଆର ପୋର୍ଟାଲ ଓ ସଞ୍ଚାର ସାର୍ଥ ପୋର୍ଟାଲରେ ମିସିଂ ମୋବାଇରେ ରେଜିଷ୍ଟାର୍ଡ କଲେ ପୋଲିସ ଟ୍ରାକିଂ କରି ମୋବାଇଲ ଖୋଜିବ।




## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନବରଙ୍ଗପୁର, ୨୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ମୀରା ଅଟୋଗଳି ନିକଟ ଏକ ଆପାର୍ଟମେଣ୍ଟର ୧୪ ନମ୍ବର ଭଡ଼ାଘରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ସୁନ୍ଦରଗଡ଼ର ଦୀପ୍ତିରଞ୍ଜନ ପତି। ଯୁବକଙ୍କ ମୃତଦେହ ମିଳିବା ଖବରପାଇ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଥାନାଧିକାରୀ ସମ୍ବିତ ବେହେରା, ଏସ୍‌ଆଇ ସବିର ଅହମ୍ମଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଧାର କାର୍ଡରୁ ସେମାନଙ୍କ ପରିଚୟ ଜାଣିବା ପରେ ପୋଲିସ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଖବର ଦିଆଯାଇଛି। ଏବେ ପୋଲିସ ମୃତଦେହ ଜବତ କରିଛି। ପରିବାର ଲୋକେ ଆସିବା ପରେ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### କୋଡିଙ୍ଗାରେ ଅବକାରୀ ଚଢ଼ାଉ

କୋଡ଼ିଙ୍ଗା, ୨୩।୮ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅଞ୍ଚଳରେ ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡ଼ିଙ୍ଗା ଏବଂ ପାପଡାହାଣ୍ଡି ଅବକାରୀ କର୍ମଚାରୀ ମିଳିତଭାବେ ବ୍ୟାପକ ଚଢ଼ାଉ କରାଯାଇଛି। ଏହି କ୍ରମରେ କୋଡ଼ିଙ୍ଗା ଥାନା ଅଧୀନ ଚିର୍ମା ଗ୍ରାମରେ ଚଢ଼ାଉକରି ଖାଗପତି କେଉଟଙ୍କ ଘରୁ ୨୦ଲିଟର ଚୋରା ଦେଶୀ ମଦ ଏବଂ ୨୦ ଲିଟର ପୋଚ ଜବତ କରାଯାଇଛି। ଚିର୍ମା ଏବଂ ସଙ୍କରଦା ରାସ୍ତାରେ ବାବୁଲା ହରିଜନଙ୍କ ନିକଟରୁ ୮ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ସେ ବାଇକ୍ ଯୋଗେ ଏହାକୁ ଚାଲାଣ କରୁଥିଲେ। ବାଇକ୍ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ରେସ୍‌ମା ସୁନା, ସୁଧାଂଶୁ ଶେଖର ବାଘ, ଆକ୍ରମ ଖାଁ, ପ୍ରସାଦ ବଳବନ୍ତରାୟ ସହଯୋଗ କରିଥିଲେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଡାବୁଗାଁ, ୨୩।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମରେ ବିଷ ପିଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଡାବୁଗାଁ ବ୍ଲକ ମେଦନା ଗ୍ରାମର ଭୀଷ୍ମ ଭତ୍ରା (୨୨)। ସୂଚନାନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଭୀଷ୍ମ ବିଷ ପିଇ ଦେଇଥିଲେ। କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ବଡ଼ବାପା ପୁଅ ଭାଇ ଶନିବାର ପୂର୍ବାହ୍ନରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ଗୋପାଳ କୃଷ୍ଣ ହାଲୱା ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ.୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ମୁଖ୍ୟମନ୍ତ୍ରୀ ବସ୍‌ସେବା ରୁଟ୍ ମ୍ୟାପ୍‌କୁ ନେଇ ଅସନ୍ତୋଷ

ତେନ୍ତୁଳିଖୁଣ୍ଟି, ୨୩।୮ (ଚିଦାନନ୍ଦ ସାହୁ)

**ବସ୍ ଚଳାଚଳ ଦାବିକଲେ ପୂଜାରିଗୁଡ଼ା ପଞ୍ଚାୟତ ଆଭ୍ୟନ୍ତର ଗ୍ରାମବାସୀ**

ଆଭ୍ୟନ୍ତର ଅଞ୍ଚଳରୁ ବ୍ଲକ୍ ମୁଖ୍ୟାଳୟକୁ ଯୋଗାଯୋଗ ସୁବିଧା କରାଇବାକୁ ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍ ସେବା ଆରମ୍ଭ ହୋଇଥିଲା। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ପୂଜାରିଗୁଡ଼ା ପଞ୍ଚାୟତକୁ ଏହାର ବିଶେଷ ସୁବିଧା ମିଳୁନାହିଁ। ଏହି ବ୍ଲକ୍‌ରେ ବସ୍‌ର ରୁଟ୍ ମ୍ୟାପ୍‌କୁ ନେଇ ଲୋକେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଯେଉଁ ମହତ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଆର୍ଥିକ ଲାଭ ନ ଦେଖି ବସ୍ ସେବା ଯୋଗାଇ ଦେଇଛନ୍ତି ତାହା ପୂରଣ ହେଉନାହିଁ ବୋଲି ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୨ ଗୋଟି ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। କିନ୍ତୁ ବହୁ ଆଭ୍ୟନ୍ତର ଅଞ୍ଚଳକୁ ବସ୍ ସେବା ପହଞ୍ଚିପାରିନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ସ୍କୁଲ, କଲେଜ ଯିବାକୁ ୭/୮ କିଲୋମିଟର ଚାଲିଚାଲି ପ୍ରତ୍ୟେକ ଦିନ ଯାଉଥିବା ଦେଖିବାକୁ ମିଳୁଛି। ଦୈନିକ ଜୀବନଯାପନ, କୃଷିଜାତ ସାମଗ୍ରୀ କ୍ରୟବିକ୍ରୟ, ବ୍ଲକ୍, ତହସିଲକୁ କୌଣସି କାମ ପାଇଁ ମଧ ଚାଲି ଚାଲି କିମ୍ବା ଅଟୋ ରିକ୍ସାରେ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ପୂଜାରିଗୁଡ଼ା ପଞ୍ଚାୟତର ଢାକୁଲଗୁଡ଼ା, କାଦମାଳି, ଡଙ୍ଗରିଗୁଡ଼ା, ବଗେଇପଦର, ଝଲାଗୁଡ଼ା, ସିନାଗୁଡ଼ା, ଖୁଣ୍ଟିପଦର, କାନ୍ଦ୍ରାଗୁଡ଼ା, ନୂଆଗୁଡ଼ା, କପାଟସିଲ, ଦଶା ଗୁଡ଼ା ଗ୍ରାମକୁ ବସ୍ ସେବା ଯୋଗାଇବା ପାଇଁ ଦାବି ହୋଇଛି। ସରପଞ୍ଚ ଅନାଦି ମାଝୀଙ୍କ ସମେତ ବନମାଳୀ ଜାନୀ, ତୁକୁ ଶାନ୍ତା, ଲିଟୁ ଖୁରା, ହେବଲ୍ ପ୍ରକାଶ କର୍କରା, ହାନେଶ୍ ସୁନା, ସଦା ଜାନୀ, ନରୀ ସାନ୍ତା, ଧନ ସାନ୍ତା, ଲଚିନ୍ଦ୍ର ସାନ୍ତା, ସୁଧାକର ସାନ୍ତା ପ୍ରମୁଖ ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କୁ ଦାବ ଜଣାଇଛନ୍ତି। ଏ ଦିଗରେ ଦୃଷ୍ଟିଦିଆଯିବ ବୋଲି ଜିଲାପାଳ ଓ ବିଧାୟକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ୫ ମହିଳାଙ୍କୁ ମା’ ସମ୍ମାନ

ନବରଙ୍ଗପୁର, ୨୩।୮ (ସଦାଶିବ ପ୍ରହରାଜ)

**ପାପଡ଼ାହାଣ୍ଡି ଶହୀଦ ଦିବସ ପାଇଁ ପ୍ରଜ୍ୱଳିତ ହେଲା ମଶାଲ**

ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀଙ୍କ ୧୯ତମ ମହାପ୍ରୟାଣ ଦିବସ ଶନିବାର ନବରଙ୍ଗପୁର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଦାୟାଦ ପରିବାର ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ମଞ୍ଜୁଳା ମାଝୀ, ନାରାୟଣ ପଣ୍ଡା, ବିଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସଂଗ୍ରାମୀ ଜଗନ୍ନାଥଙ୍କ ସ୍ମୃତିଚାରଣ କରିଥିଲେ। ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତିକେନ୍ଦ୍ରର ସଭାପତି ମୁନ୍ନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଜିଲାର ସଂଗ୍ରାମୀଙ୍କ ଭୂମିକାକୁ ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ମାତୃ ଆଶ୍ରୟ ଆଶ୍ରମର ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୫ଜଣ ମହିଳାଙ୍କୁ ମା’ ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷାକ୍ଷେତ୍ରରେ ପ୍ରବାସିନୀ ମହାନ୍ତି, ଅନ୍ତର୍ଜାତୀୟ ଭାରୋତ୍ତୋଳନରେ ଅନେକ ପଦକ ବିଜୟିନୀ କ୍ରୀଡ଼ାବିତ୍ ମୀନା ସାନ୍ତା, ବିଜ୍ଞାନକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବନୀତ ଦାସ, ଡାବୁଗାଁର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗ ମାଝୀଙ୍କ ପୁତ୍ରବଧୂ ଶତାୟୁ ଧନମତି ମାଝୀ, ଉଦ୍‌ଘୋଷିକା ଜି.ଭି.ଭି. ରଞ୍ଜିତାଙ୍କୁ ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ସମ୍ମାନିତ କରିଥିଲେ। ରବିବାର ପାପଡ଼ାହାଣ୍ଡି ଶହୀଦ ଦିବସ ପାଇଁ ୪୦ତମ ମଶାଲକୁ ପ୍ରଜ୍ୱଳନ କରାଯାଇଛି। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ନବରଙ୍ଗପୁରରୁ ମଶାଲ ଶୋଭଯାତ୍ରା ପାପଡ଼ାହାଣ୍ଡିରେ ପହଞ୍ଚିବା ପରେ ଶହୀଦ ଦିବସ ପାଳନ କରାଯିବ ବୋଲି ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତିକେନ୍ଦ୍ରର ସଭାପତି ମୁନ୍ନା ତ୍ରିପାଠୀ କହିଛନ୍ତି।



ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ମହିଳାମାନେ।

होटल प्रबंध और खान-पान प्रौद्योगिकी तथा अनुप्रयुक्त पोषाहार संस्थान, भुवनेश्वर

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ୍ ଆପ୍ଲାଏଡ୍ ନ୍ୟୁଟ୍ରିସନ**

ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦

ଫୋନ୍: (୦୬୭୪) ୨୫୮୯୨୪୧, ମୋବାଇଲ: ୯୪୩୭୫୭୪୪୬୫, www.ihmbbs.org

(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

**ନାମଲେଖା ବିଜ୍ଞପ୍ତି ୨୦୨୫-୨୬**

ନିର୍ଦ୍ଦିଷ୍ଟ ଆବେଦନ ଫର୍ମାଟ୍ www.ihmbbs.org ରୁ ଟାଇପ୍ କରାଯାଇଥିବା / ଡାଉନଲୋଡ୍) ଅନୁଯାୟୀ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନିମ୍ନଲିଖିତ କୋର୍ସଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପତ୍ର ଆମନ୍ତ୍ରିତ କରାଯାଉଛି:

| କ୍ର.ନଂ. | ପାଠ୍ୟକ୍ରମର ନାମ | ଅବଧି |
|---|---|---|
| ୧. | ବି.ଏସ୍.ସି. ଇନ୍ ହସ୍ପିଟାଲଟି ଆଣ୍ଡ୍ ହୋଟେଲ୍ ଆଡମିନିଷ୍ଟ୍ରେସନ୍ | ୩ ବର୍ଷ |
| ୨. | ଡିପ୍ଲୋମା ଇନ୍ ହାଉସ୍ କିପିଙ୍ଗ୍ ଅପରେସନ୍ | ୧ ୧/୨ ବର୍ଷ |
| ୩. | ଡିପ୍ଲୋମା ଇନ୍ ଫୁଡ୍ ଆଣ୍ଡ ବେଭେରେଜ୍ ସର୍ଭିସ୍ | ୧ ୧/୨ ବର୍ଷ |

**ଯୋଗ୍ୟତା:**
- ବି.ଏସ୍.ସି.ଏଚ୍ /ଏଚ୍ ଏ: ୧୦+୨ କିମ୍ବା ସମକକ୍ଷ, ଇଂରାଜୀ ବିଷୟ ଥିବା ଆବଶ୍ୟକ ।
- ଡିପ୍ଲୋମା କୋର୍ସ: ୧୦+୨ କିମ୍ବା ସମକକ୍ଷ
- ବୟସ ସୀମା: କୌଣସି ବୟସ ସୀମା ନାହିଁ ।

**ବିଶେଷ ବ୍ୟବସ୍ଥା:**
- SC/ST/OBC/PH ଶ୍ରେଣୀ ପାଇଁ ସରକାରୀ ନିୟମାବଳୀ ଅନୁଯାୟୀ ସିଟ୍ ସଂରକ୍ଷିତ ।
- କେନ୍ଦୁଝର ଜିଲ୍ଲାର ଖଣି ପ୍ରଭାବିତ ବ୍ଲକ୍ ଗୁଡ଼ିକର ସ୍ଥାୟୀ ନିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।


**ଆବେଦନ ପ୍ରକ୍ରିୟା:**
- ପାସପୋର୍ଟ ଆକାରର ଫଟୋ ଏବଂ ସାର୍ଟିଫିକେଟ୍/ ମାର୍କସିଟ୍‌ର ଅଟେଷ୍ଟେଡ୍ କପି ସହିତ ପୂରଣ କରାଯାଇଥିବା ଆବେଦନପତ୍ର ନିମ୍ନଲିଖିତ ଠିକଣାରେ ଦାଖଲ କରିବାକୁ ପଡିବ ।

**The Principal**
Institute of Hotel Management, Catering Technology & Applied Nutrition V.S.S. Nagar, Bhubaneswar - 751010

- ଆବେଦନ ଦାଖଲ କରିବାର ଶେଷ ତାରିଖ: ୨୬ ଅଗଷ୍ଟ ୨୦୨୫
- ଚୟନ ଯୋଗ୍ୟତା ଆଧାରରେ ହେବ (qualifying marks) ।
- ଅଧିକ କୋର୍ସ ପାଇଁ ଆବେଦନ କରିବାକୁ ହେଲେ, ପୃଥକ ଆବେଦନପତ୍ର ପଠାଇବା ଆବଶ୍ୟକ ।

ସ୍ୱା/-
ପ୍ରିନ୍ସିପାଲ

DADLS-45



**ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ**

(ରକ୍ତତୀର୍ଥ ପାପଡ଼ାହାଣ୍ଡିର ଶହୀଦମାନଙ୍କ ସ୍ମୃତିରେ)

**୨୪ ଅଗଷ୍ଟ, ୨୦୨୫**

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

**ବିଶିଷ୍ଟ ଅତିଥି**
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ସାଂସଦ, ନବରଙ୍ଗପୁର

**ସମ୍ମାନନୀୟ ଅତିଥିବୃନ୍ଦ**
ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକ ବୃନ୍ଦ

**ମୁଖ୍ୟ ବକ୍ତା**
ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

**ଧନ୍ୟବାଦ ଅର୍ପଣ**
ଡଃ ଗୋଦାବରୀଶ ମହାପାତ୍ର
ପ୍ରତିଷ୍ଠାତା ସଦସ୍ୟ, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

"ଭାରତ ବର୍ଷର ସ୍ୱାଧୀନତା ପାଇଁ ଏ ଅଞ୍ଚଳର ଅବଦାନ ବହୁ ଉଚ୍ଚରେ ରହିଛି । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏ ଅଞ୍ଚଳ ଯେଉଁ ଆତ୍ମ ବଳିଦାନ ଓ ତ୍ୟାଗର ପରାକାଷ୍ଠା ଦେଖାଇଥିଲା ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ "
(ଲୋକ ନାୟକ ଜୟ ପ୍ରକାଶ ନାରାୟଣ ୧୯୪୫ ମସିହାରେ ନବରଙ୍ଗପୁର ଜିଲ୍ଲାର ବିଜାପୁର ଗ୍ରାମରେ ଅନୁଷ୍ଠିତ ସାଧାରଣ ସଭାରେ ଦେଇଥିବା ବକ୍ତବ୍ୟ )

OIPR-15001/13/0974/2526


# ବିଭିନ୍ନ ସମସ୍ୟା ନେଇ ଅଟକାଇଲେ ଘାଗୁଡ଼ିମାଳ ବାସିନ୍ଦା

## ଜିଲାପାଳଙ୍କ ନିୟମଗିରି ଗସ୍ତ

କଲ୍ୟାଣସିଂହପୁର/ରାୟଗଡ଼ା,୨୩।୮ (ଦୀପକ କୁମାର ପରିଡ଼ା/ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାହାଡ଼ିଆ ଅଞ୍ଚଳକୁ ଶନିବାର ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯାଉଥିଲେ। ଯିବାବେଳେ ରାସ୍ତାରେ ଘାଗୁଡ଼ିମାଳ ଗ୍ରାମବାସୀ ତାଙ୍କୁ ଅଟକାଇ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଗାଁକୁ ରାସ୍ତା ନ ଥିବା ନେଇ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଜଣାଇଥିଲେ। ଲୋକଙ୍କଠାରୁ ଏସବୁ ଶୁଣିବା ପରେ ତୁରନ୍ତ ସମସ୍ୟା ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାରୁ ଲୋକେ ରାସ୍ତାରୁ ହଟିଥିଲେ।

ପରେ ସେ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତକୁ ଯାଇ ସେଠାରେ କେନ୍ଦ୍ର ସରକାରଙ୍କ ପିଏମ୍ ଜନମନଧନ ଯୋଜନାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ପିଏମ୍ ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘରଗୁଡ଼ିକୁ ବୁଲି ଦେଖିଥିଲେ। ସୁନାଖଣ୍ଡି ଗ୍ରାମରେ ୩୬ ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଉଥିବା ବେଳେ ୨୬ ଘର ସମ୍ପୂର୍ଣ୍ଣ ହୋଇଛି। ପିଏମ୍ ଆବାସ ଯୋଜନାରେ କଲ୍ୟାଣସିଂହପୁର ବ୍ଲକରେ ୩୮ ଗ୍ରାମକୁ ପ୍ରଥମ ଚୟନ କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ଗ୍ରାମଗୁଡ଼ିକୁ ଏଥିରେ ସାମିଲ କରାଯିବ। ଏଥିସହ ଦୁର୍ଗମ ଅଞ୍ଚଳଗୁଡ଼ିକରେ ନିର୍ମାଣାଧୀନ ଘର ପାଇଁ ଧାର୍ଯ୍ୟ ଅନୁଦାନଠାରୁ ୧୨ ହଜାର ଅଧିକ ଟଙ୍କା ଦିଆଯାଉଛି ବୋଲି ଜିଲାପାଳ କହିଥିଲେ। ପଞ୍ଚାୟତଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମବାସୀଙ୍କ ଜୀବନଶୈଳୀ, ଆର୍ଥିକ ସ୍ଥିତି କିଭଳି ସୁଦୃଢ଼ ହେବ ସେ ନେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏଠାରେ ପ୍ରଚୁର ମାତ୍ରାରେ ସପୁରି ମିଳୁଥିବାରୁ ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍) ସହାୟତାରେ କିପରି ଚାଷୀ ଲାଭ ପାଇପାରିବେ ସେ ନେଇ ଯୋଜନା ଚାଲିଛି। ପଞ୍ଚାୟତରେ ଯୋଗାଯୋଗ ଓ ଗମନାଗମନକୁ ଗୁରୁତ୍ୱ ଦିଆଯାଇଛି। ଯେଉଁ ଗ୍ରାମଗୁଡ଼ିକରେ ବିଜୁଳି ଆଲୁଅ ନାହିଁ, ସେହି ଗାଁକୁ ଟାଟା ପାୱାର ସହ ଆଲୋଚନା କରି ଆଲୋକୀକରଣ ବ୍ୟବସ୍ଥା କରାଯିବ। କଲ୍ୟାଣସିଂହପୁର ଗସ୍ତ ସମୟରେ ଜିଲାପାଳ କୁଲକର୍ଣ୍ଣି ପାରସାଲି ପଞ୍ଚାୟତର ବିଭିନ୍ନ ସ୍କୁଲ, ହଷ୍ଟେଲ ସମେତ ଅଞ୍ଚଳର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ। ଫାକେରୁ, ଡେଙ୍ଗନେଲି ଓ ନିରୁଗୁଣ୍ଡି ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ନିୟମଗିରି ଅଞ୍ଚଳରେ ସପୁରି ଚାଷ ଭଲ ହେଉଥିବାରୁ ଏହା ଅଧିକରୁ ଅଧିକ ଅମଳ ହେବା ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲାପାଳଙ୍କ ଗସ୍ତ ବେଳେ କଲ୍ୟାଣସିଂହପୁର ବିଡିଓ ମନୀଷା ଦାଶଙ୍କ ସମେତ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ ଘାଗୁଡିମାଳ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ଶିକ୍ଷା ଓ ସଂସ୍କାର



ଅଚ୍ୟୁତ ସାମନ୍ତ

ଭାରତୀୟ ସଭ୍ୟତାର ପରିକଳ୍ପନା, ନିର୍ମାଣ ଓ ବ୍ୟାଖ୍ୟାନରେ ଦୁଇଟି ଶବ୍ଦ– ଶିକ୍ଷା ଓ ସଂସ୍କାର; ବିଶେଷ ଭାବେ ଚର୍ଚ୍ଚିତ ଓ ଆଲୋଚିତ। ବସ୍ତ୍ରର ଦୁଇଟି ସୂତ୍ର ପରି, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏହା ଅଙ୍ଗାଙ୍ଗୀ ରୂପେ ସମ୍ପର୍କିତ। ଶିକ୍ଷା କହିଲେ ସାଧାରଣ ଅର୍ଥରେ ବିଦ୍ୟା ଅର୍ଜନ, ଜ୍ଞାନ ଆହରଣକୁ ବୁଝାଏ। ସଂସ୍କାର ହେଉଛି ବହୁସ୍ତରୀୟ। ଏହା ମୁଖ୍ୟତଃ ବ୍ୟକ୍ତିର ଅନ୍ତଃନିର୍ମାଣ, ନୈତିକତା, ବିନମ୍ରତା, ଉଦାରତା ଉପରେ ପର୍ଯ୍ୟବସିତ ଯାହା ସାମଗ୍ରିକ ଭାବରେ ଶିକ୍ଷାର ଉପଯୋଗ ପାଇଁ ମାର୍ଗ ଦର୍ଶାଏ। ଶିକ୍ଷା ଓ ସଂସ୍କାରକୁ ବିଚ୍ଛିନ୍ନ କଲେ, ହୁଏତ ଆମେ ମହତ୍‌କାମୀ ଆଦର୍ଶବାଦୀ ପାଇବା ନ ହେଲେ ଉଦାସୀନ ଚତୁର ଧୂର୍ତ୍ତଙ୍କୁ। ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହେଉଛି ଜ୍ଞାନ ଓ ବିବେକ ସମନ୍ୱିତ ବ୍ୟକ୍ତି ନିର୍ମାଣ।

ଶିକ୍ଷା ଓ ସଂସ୍କାରର ମହତ୍ତ୍ୱ ପ୍ରତିପାଦନ କରୁଥିବା ଅଜସ୍ର ଲୋକ କଥା, କାହାଣୀ ଆମକୁ ଉପଲବ୍ଧ। ଗ୍ରନ୍ଥ ପୁରାଣରେ ଏହାର ସାରବତ୍ତା ବର୍ଣ୍ଣିତ ହୋଇଛି, ଯାହା ଆମ ପାଇଁ ଆଲୋକ ବର୍ତ୍ତିକା ସଦୃଶ। ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଉଛନ୍ତି, ତା'ର ମାର୍ମିକ ଓ ବ୍ୟବହାରିକ ଆବେଦନ ଅନନ୍ୟ। ବିନମ୍ରତା ସହ ନିଷ୍କାମ କର୍ମ ସମ୍ପାଦନର ମହାନ୍ ଶିକ୍ଷା ବାସ୍ତବରେ ଜୀବନର ଦିଶା ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ। ମହାଭାରତରେ ଧନୁର୍ବିଦ୍ୟାରେ ପାରଙ୍ଗମତା ସହ ଚାରିତ୍ରିକ ସ୍ୱଚ୍ଛତା ଓ ଦୃଢ଼ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପଞ୍ଚତନ୍ତ୍ରରେ ପ୍ରତ୍ୟେକ କାହାଣୀର ଆଧାର ଓ ଉଦ୍ଦେଶ୍ୟ ହେଉଛି ନୀତିଶିକ୍ଷା। ନୈତିକତା ବିନା ଶିକ୍ଷା ଅସାର। ଏହିସବୁ ବର୍ଣ୍ଣନା, ଚିନ୍ତନ ଓ ଉପସ୍ଥାପନ ସୂଚେଇ ଦିଏ ଯେ ଭାରତୀୟ ବିଚାର ସଂହିତାରେ ଶିକ୍ଷା ଓ ସଂସ୍କାର ଅଙ୍ଗୀଭୂତ। ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମନ୍ୱୟ ଓ ସମ୍ପର୍କ ଏକାନ୍ତ ଜରୁରୀ। ଶ୍ରେଣୀଗୃହରୁ ପ୍ରାପ୍ତ ଶିକ୍ଷା ସହ ସାମାଜିକ ଆବେଗିକ କ୍ଷେତ୍ରରୁ ପ୍ରାପ୍ତ ଶିକ୍ଷା ସମନ୍ୱିତ ହେଲେ ହିଁ ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ। ଦୟା, କରୁଣା ଓ ଶୃଙ୍ଖଳାର ଉର୍ବର ଭୂମିରେ ମସ୍ତିଷ୍କର ବିକାଶ ତ୍ୱରାନ୍ୱିତ ହୋଇଥାଏ।

ଆମେ ଯଦି କେଉଁ ସୁଗୁଣଗୁଡ଼ିକ ଜୀବନରେ ଆପଣେଇବା ପାଇଁ ଚିନ୍ତା କରିବା, ତେବେ ଅନେକ ଆମ ଆତ୍ମବୋଧକୁ ଆସିବ। ସେଗୁଡ଼ିକ ମଧ୍ୟରୁ ମାନବୀୟ ସମ୍ବେଦନା, ସାଧୁତା, ପ୍ରତିଦାନ ପ୍ରବୃତ୍ତି, ଅଭିନବ ସାହସିକତା, ମୂଳ ସଂଯୁକ୍ତି, ବିନମ୍ରତା, କୃତଜ୍ଞତା ଓ ଅନ୍ତହୀନ ମାନବୀୟ ଅର୍ଥପୂର୍ଣ୍ଣ ଅନ୍ୱେଷା ଅନ୍ୟତମ। ଏଗୁଡ଼ିକ ସମ୍ପର୍କରେ ବିଶେଷ ତର୍ଜମା କରାଯାଇପାରେ। ମାନବବାଦ ଶିକ୍ଷାକୁ ବହିର୍ମୁଖୀ କରାଏ। ସମାଜର ବୃହତ୍ତର ମଙ୍ଗଳ ନିମନ୍ତେ ଶିକ୍ଷାକୁ ପ୍ରେରିତ କରେ। ସାଧୁତା, ଜ୍ଞାନ ଓ ବୁଦ୍ଧିକୁ ପଥଭ୍ରଷ୍ଟ ହେବାକୁ ଦିଏ ନାହିଁ। ଉତ୍କୃଷ୍ଟ ଉପଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଏ। ପ୍ରତିଦାନ ପ୍ରବୃତ୍ତି ସାମାଜିକ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିବା ସହ ସଫଳତାକୁ ସାମାଜିକ ସମ୍ବଳରେ ରୂପାନ୍ତରିତ କରେ। ଅଭିନବ ସାହସିକତା ପରମ୍ପରାର ନୂତନ ଆଂଶିକ ନିର୍ମାଣ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ କରି ଗଢ଼େ। ପୁରୁଣା ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ନୂଆ ଉପକରଣ ଓ ଉପାୟ ବାହାର କରେ। ବିନମ୍ରତା ପ୍ରାପ୍ତିର ଅହମିକାକୁ ପ୍ରତିରୋଧ କରେ। କୃତଜ୍ଞତାବୋଧ ଅନୁଚିତ ଆହରଣ ପ୍ରବୃତ୍ତିକୁ ସଂଯମ କରାଏ।

ଏହିସବୁ ଭାବବୋଧ ଓ ଆଦର୍ଶକୁ ଆଧାର କଲେ ଅନୁଷ୍ଠାନଗୁଡ଼ିକ ମାନବୀୟ ମୂଲ୍ୟବୋଧର ଜୀବନ୍ତ ପ୍ରୟୋଗଶାଳା ହୋଇପାରିବ। ମୋ ଦୃଷ୍ଟିରେ କିଟ୍– କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଉପରୋକ୍ତ ଭାବାଦର୍ଶର ସକ୍ରିୟ ଧାରକ ଓ ବାହକ। ଗୁଣାତ୍ମକ ଶିକ୍ଷା ସାମାଜିକ ରୂପାନ୍ତରଣର ପ୍ରମୁଖ ଆୟୁଧ। ଏହି ଦର୍ଶନକୁ ଭିତ୍ତିକରି କିଟ୍ ପ୍ରତିଷ୍ଠିତ ହୋଇଥିଲା। କିଟ୍‌ରେ ପ୍ରୟୋଗ ହୋଇଛି ସାମାଜିକ ଅଙ୍ଗୀକାର ସହ ଶିକ୍ଷଣର ଅନନ୍ୟ ମିଶ୍ରଣ; ଜ୍ଞାନ ଆହରଣ ସହ ଜ୍ଞାନର ସାମାଜିକୀକରଣ। ଏହ ମଧ ପ୍ରତିଫଳିତ ହୋଇଛି କିଟ୍‌ର ଅନ୍ୟ ଏକ ସମ୍ପର୍କିତ ସଂସ୍ଥା କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍)ରେ; ଯାହାକି ପୃଥିବୀର ସବୁଠୁ ବଡ଼ ଜନଜାତିଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଆବାସିକ ଶିକ୍ଷାନୁଷ୍ଠାନ। ଏଠାରେ ଶିକ୍ଷା ଓ ସଂସ୍କାରର ପ୍ରୟୋଗ ହୋଇଛି, ଯାହା ଅନୁଷ୍ଠାନକୁ ବିଶେଷ ଔଜ୍ଜ୍ୱଲ୍ୟ ପ୍ରଦାନ କରିଛି। ଏହା ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ଅଶୀ ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶରେ ସମର୍ପିତ। ଏଠି ଲକ୍ଷ୍ୟ ଏବଂ ମାଧ୍ୟମ ଏକ ଓ ଅଭିନ୍ନ।

କେବଳ ଶିକ୍ଷା କାର୍ଯ୍ୟକ୍ରମରେ ସୀମିତ ରହିନି କିଟ୍। ଏଠି ଅଛି ଏକ କ୍ରିୟାଶୀଳ ଛାତ୍ର ସଂସ୍କୃତି। ବିବିଧ କ୍ଲବ, ସାଂସ୍କୃତିକ ସଂଘ, ନବାଚାର ପ୍ରକୋଷ୍ଠ ମାଧ୍ୟମରେ ସର୍ଜନା, ନାଗରିକ ସମ୍ପୃକ୍ତି, ଦଳଗତ ପ୍ରୟାସକୁ ପ୍ରୋତ୍ସାହନ ମିଳୁଛି। ଜାତୀୟ ସେବା ସଂସ୍ଥାରେ ସାମିଲ ହୋଇଛନ୍ତି କିଟ୍ ଓ କିସ୍‌ର ହଜାର ହଜାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର। ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ଆପାତ୍‌କାଳୀନ ସହାୟତା ଆଦି କାର୍ଯ୍ୟରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ମାଧ୍ୟମ ସାଜିଛି ଆର୍ଟ ଅଫ୍ ଗିଭିଂ, ଏଜୁକେଶନ ଫର୍ ଅଲ୍, ନିଉ ମାଇଣ୍ଡସ୍ ନିଉ ଡ୍ରିମ୍, କନ୍ୟା କିରଣ ଏବଂ କଳିଙ୍ଗ ଫେଲୋଶିପ୍ ଭଳି ଉଲ୍ଲେଖନୀୟ ଉପକ୍ରମ। ସେମାନେ ବାସ୍ତବରେ କାର୍ଯ୍ୟ ମାଧ୍ୟମରେ ସଂସ୍କାରିତ ହେବାର ଜୀବନ୍ତ ପ୍ରୟୋଗଶାଳା ଭାବରେ ପରିଚିତ।

ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧ ଅନୁଷ୍ଠାନର ଗୁଣସୂତ୍ରରେ ସଞ୍ଚରିଯାଇ ଏହାକୁ ରୂପରେଖ ପ୍ରଦାନ କରେ। ମୋର ଭାବାଦର୍ଶ, ପ୍ରତିଟି ଜୀବନର ପବିତ୍ରତା ଓ ପ୍ରତିଦାନର କର୍ତ୍ତବ୍ୟବୋଧରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଐତିହ୍ୟ ଓ ପରମ୍ପରା ସହ ସମ୍ବନ୍ଧିତ ରହି ଭବିଷ୍ୟତର ଯାତ୍ରା ପାଇଁ ପ୍ରସ୍ତୁତି କରୁଛନ୍ତି। ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ମୋର, ସାଦା ସରଳ ଜୀବନ ହିଁ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ବାର୍ତ୍ତା। ସଫଳତାର ମାନଦଣ୍ଡ ହେଉଛି କେତେ ଜୀବନକୁ ସକାରାତ୍ମକ ଭାବେ ପ୍ରଜ୍ୱଳିତ କରିପାରିବା। ଏହାର ଅର୍ଥ ହେଉଛି ନୀତି ଓ ନୈତିକତାକୁ ବଜାୟ ରଖି ଆମେ ସ୍ୱପ୍ନ ଦେଖିପାରିବା, ନୂଆ କଥା କରିପାରିବା, ସାହସିକ ପଦକ୍ଷେପ ନେଇପାରିବା ଏବଂ ବିଶାଳ ସଫଳତାର ଅଧିକାରୀ ହୋଇପାରିବା।

ଯୁବାବସ୍ଥାରେ ଯେ ନିଜ ସହିତ, ନିଜ ଆବେଗ ସହିତ ଓ ଅନ୍ୟମାନଙ୍କ ସହିତ ଖାପ୍‌ଖୁଆଇ ଚଳିବା ଶିଖେ, ସେ ଜୀବନରେ ବହୁତ ଆଗକୁ ଯାଏ, ସଫଳ ହୁଏ। ଆବେଗିକ ବୁଦ୍ଧିମତ୍ତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ପ୍ରବଣତା ହେଉଛି ଦୁଇଟି ବିଶିଷ୍ଟ ଗୁଣ। ଶୃଙ୍ଖଳା ହେଉଛି ବସ୍ତୁତଃ ଆତ୍ମନିୟନ୍ତ୍ରଣ। ସକାରାତ୍ମକ ମାନସିକତା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ରୂପକାର। ଏହା ଅନ୍ତଃ ଔଜ୍ଜ୍ୱଲ୍ୟର ପ୍ରକାଶକ ଯାହା ନିଜଠୁ ବିଚ୍ଛୁରିତ ହୁଏ। ଏହା ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ। ଦୂରଦୃଷ୍ଟି ଓ ଦାୟିତ୍ୱ ହେଉଛି ସାମୟିକ ଚାପକୁ ପ୍ରତିରୋଧ କରିବା ଯାହା ନିଜ ପ୍ରିୟଜନଙ୍କ ଜୀବନବ୍ୟାପୀ ଦୁଃଖର କାରଣ ହୋଇପାରେ। ଦୃଷ୍ଟିଭଙ୍ଗୀ ନିର୍ଦ୍ଧାରଣ କରି ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସଫଳତାର କାରକ ହେଉଛି ନିଜସ୍ୱ ଆଚାର। ଅସଲ ସାଫଲ୍ୟ ଏକାନ୍ତରେ ନୁହେଁ, ବରଂ ସମ୍ମିଳିତ ଭାବରେ ହାସଲ କରାଯାଏ, ଅନ୍ୟମାନଙ୍କୁ ସାଥିରେ ନେଇ, ପ୍ରତ୍ୟେକଙ୍କ ଅଭିବୃଦ୍ଧିକୁ ସନ୍ନିହିତକରି ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ଅର୍ଜନ କରାଯାଏ। ଏହା ଅବାସ୍ତବ ତତ୍ତ୍ୱ ନୁହେଁ। ଏହା କିଟ୍‌ର ଜୀବନ୍ତ ଦର୍ଶନ। ଏଠି ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ସଂସ୍କାର ମଧ୍ୟ ପାଆନ୍ତି ଏବଂ ଜୀବନ ଗଢ଼ନ୍ତି।

ଶିକ୍ଷା ଓ ସଂସ୍କାରର ପୁନଃ ସଂଯୋଗୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି କେବଳ ଦକ୍ଷ ମସ୍ତିଷ୍କ ନୁହେଁ ବିବେକୀ ହୃଦୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଭାରତରେ ଶିକ୍ଷା ସବୁବେଳେ କୌଶଳତାରେ ସୀମିତ ରହିନାହିଁ। ଶିକ୍ଷା ସହ ସଂସ୍କାରକୁ ଯୋଡ଼ିବାକୁ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚନା କରାଯାଇଛି। ମୂଲ୍ୟବୋଧ ବିନା ଜ୍ଞାନ ନିରର୍ଥକ ଏବଂ ସେହିପରି ଜ୍ଞାନ ବିନା ମୂଲ୍ୟବୋଧ ମଧ୍ୟ ଶକ୍ତିହୀନ। ଯେତେବେଳେ ଆମର ଯୁବ ସମାଜ ଅତ୍ୟାଧୁନିକ ଦକ୍ଷତା ସହ ଆମ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଧାରଣ କରିବେ, ସେମାନେ ଆତ୍ମନିର୍ଭର ଭାରତ ଓ ବିଶ୍ୱଗୁରୁ ଭାରତର ସମର୍ଥ ସ୍ଥପତି ହୋଇପାରିବେ। ଏହା ହିଁ କିଟ୍ ଓ କିସ୍‌ର ଲକ୍ଷ୍ୟ ଓ ଆଦର୍ଶ ଏବଂ ଏହାର ପରିପୂରଣରେ ନିରନ୍ତର କାର୍ଯ୍ୟରତ। ସଫଳ ସ୍ନାତକ ନିର୍ମାଣ କରୁଛି ଯେଉଁମାନେ ନିଜ ବୃତ୍ତିରେ ଉତ୍କର୍ଷ ସାଧନ ସହ ନିଜ ଗୋଷ୍ଠୀ ଓ ସମାଜର ସେବାରେ ସମର୍ପିତ ହୋଇ ଆମ ଜାତିର, ଦେଶର ନିଃସମୟ ଆତ୍ମିକ ଭାବବୋଧର ଅଗ୍ରଣୀ କାରକ ହୋଇପାରିବେ।

**ଶିକ୍ଷାବିତ୍ ଓ ସମାଜସେବୀ**

# ଗୁଣି ସନ୍ଦେହରେ ହତ୍ୟା ମାମଲା, ୬ ଗିରଫ

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶେଷଖାଲ ଥାନା ସାନସିଗୁରୁ ଗାଁରେ ଗୁରୁବାର ରାତିରେ ଗୁଣି ସନ୍ଦେହରେ ହୋଇଥିବା ହତ୍ୟା ମାମଲାରେ ଶେଷଖାଲ ପୋଲିସ ଶନିବାର ୬ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପରମେଶ୍ୱର ତାଡ଼ିଙ୍ଗି, ବଳରାମ ମାଣ୍ଡାଙ୍ଗି, ଅକ୍ଷୟ ତାଡିଙ୍ଗି, ମେଦ୍ରି ଜିଲାକାର, ମାନସ ତାଡିଙ୍ଗି ଓ ରବି କିଲାକା।

ପ୍ରକାଶ ଯେ, ସାନସିଗୁରୁ ଗ୍ରାମର ନାରାୟଣ ମାଣ୍ଡାଙ୍ଗିଙ୍କୁ ଗୁଣି ସନ୍ଦେହରେ କଟୁରିରେ ଭୁସି ହତ୍ୟା କରାଯାଇଥିଲା। ଏନେଇ ତାଙ୍କ ପୁଅ ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରିବା ସହିତ ଘଟଣାର ତଦନ୍ତକରି ଉକ୍ତ ୬ଜଣ ଏହି ହତ୍ୟାକାଣ୍ଡ ଭିଆଇଥିବା ଜାଣିବାକୁ ପାଇଥିଲେ।

ପୋଲିସ ସୂଚନା ଅନୁସାରେ, ନାରାୟଣ ମାଣ୍ଡାଙ୍ଗିଙ୍କୁ ଗାଁର ୬ ଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣକରି ହତ୍ୟା କରିଥିଲେ। ୧୫ରୁ ୨୦ ଦିନ ପୂର୍ବେ ଗାଁର ପରମେଶ୍ୱର ତାଡିଙ୍ଗିଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ନାରାୟଣ ଗୁଣିକରି ମାରି ଦେଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ପରେ ଅଭିଯୁକ୍ତ ସମସ୍ତେ ମିଶି ନାରାୟଣଙ୍କୁ ମାରିବାକୁ ଯୋଜନା କରିଥିଲେ। ଗୁରୁବାର ରାତି ପ୍ରାୟ ୧୨ଟାରେ ସମସ୍ତେ କାଠଫାଳିଆ, ଠେଙ୍ଗା ଓ କଟୁରି ଧରି ତାଙ୍କ ଘରେ ପହଞ୍ଚି ନାରାୟଣ ଶୋଇଥିବା ବେଳେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଗାୟତ୍ରୀ ବୁରୁଦା, ସେକେଣ୍ଡ ଅଫିସର ସୋମନାଥ ଦଳବେହେରାଙ୍କ ସମେତ ପୋଲିସ ଟିମ୍ ଏହାର ତଦନ୍ତକରି ଏହି ହତ୍ୟାରେ ସମ୍ପୃକ୍ତଙ୍କୁ ଗିରଫ କରିଥିଲେ।

# ଡୁଡୁମା ଜଳପ୍ରପାତରେ ଭାସିଗଲେ ଯୁବକ

## ଭିଡିଓ ଶୁଟିଂ ବେଳେ ମାଡ଼ିଆସିଲା ପାଣି

ଲମତାପୁଟ,୨୩।୮ (ଭକ୍ତରାମ ବାଙ୍କିଆ)

ୟୁଟ୍ୟୁବ ଚ୍ୟାନେଲ ପାଇଁ ଭିଡିଓ କରୁଥିବା ବେଳେ କୋରାପୁଟ ଜିଲା ଲମତାପୁଟ ବ୍ଲକ୍‌ର ମାଛକୁଣ୍ଡ ଡୁଡୁମା ଜଳପ୍ରପାତରେ ଜଣେ ଯୁବକ ଭାସିଯାଇ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ ବ୍ରହ୍ମପୁରର ସାଗର ଗୁଡୁ(୨୨)।

ସୂଚନା ଅନୁଯାୟୀ, ସାଗର ଓ କଟକର ଅଭିଜିତ ବେହେରା ସାଙ୍ଗ ହୋଇ କୋରାପୁଟ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ନିଜ ୟୁଟ୍ୟୁବ୍ ଚ୍ୟାନେଲ ପାଇଁ ଭିଡିଓ କରୁଥିଲେ। ଶନିବାର ଡୁଡୁମା ଜଳପ୍ରପାତ ଦେଖିବାକୁ ଆସି ଉପର ପାର୍ଶ୍ୱରେ ୨ ଜଣ ସାଙ୍ଗ ହୋଇ ଡ୍ରୋନ୍ ମାଧ୍ୟମରେ ଭିଡିଓ କରୁଥିଲେ। ସେଠାରେ ଅନ୍ୟ କେତେଜଣ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ମୁଖ୍ୟ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଥିଲା। ଡ୍ୟାମ୍ କର୍ତ୍ତୃପକ୍ଷ ଅପରାହ୍ନ ସମୟରେ ୨ ହଜାର କ୍ୟୁସେକ୍ ଜଳ ମାଛକୁଣ୍ଡ ଡି–ଡ୍ୟାମ୍‌କୁ ଛାଡ଼ିଥିଲେ। ଡି–ଡ୍ୟାମ୍‌ରେ ଜଲାପୁଟ ଜଳଭଣ୍ଡାର ଜଳ ପହଞ୍ଚିବା ପରେ ମାଛକୁଣ୍ଡ ଡି–ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଥିଲା। ବିଭାଗୀୟ ଅଧିକାରୀ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଜଳ ନିଷ୍କାସନ କରିବାକୁ ବାଧ୍ୟ ହୋଇଥିଲେ। ଡି–ଡ୍ୟାମର ୭ ନମ୍ବର ଗେଟ୍‌ରୁ ୧୫ଶହ କ୍ୟୁସେକ୍ ଜଳ ୩ ଥର ସାଇରନ ଦେଇ ଛଡ଼ାଯାଇଥିଲା। ଜଳପ୍ରପାତର ଉପର ପାର୍ଶ୍ୱରେ ଥିବା କେତେଜଣ ପର୍ଯ୍ୟଟକ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସାଇରନ ଶବ୍ଦ ଶୁଣି ନଦୀରେ ବନ୍ୟା ଜଳ ଆସୁଥିବା ଦେଖି ଦୌଡ଼ି ଆସିଥିଲେ। କିନ୍ତୁ ସାଗର ନଦୀ ମଝିରେ ଅଟକି ରହିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ପ୍ରଖର ସ୍ରୋତରେ ଜଳପ୍ରପାତ ଭିତରକୁ ଖସିଯାଇଥିଲେ। ଏହା ପରେ ଲମତାପୁଟ ଅଗ୍ନିଶମ ବାହିନୀ ଓ ମାଛକୁଣ୍ଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଯୁବକଙ୍କ ସନ୍ଧାନ ମିଳି ନ ଥିବା ସୂଚନା ରହିଛି।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ସୁରୀ ପଞ୍ଚାୟତ ଅନ୍ତର୍ଗତ ପୋଙ୍ଗଲି ଗ୍ରାମର ଜଣେ ଯୁବକଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ମନୀଷରାଓ ମାଣ୍ଡାଙ୍ଗି(୨୭)। ମନୀଷ ଶୁକ୍ରବାର ରାତି ପ୍ରାୟ ୯ଟାରେ ଘରର ଫ୍ୟାନ ତାରରେ ବିଦ୍ୟୁତ୍ ସଂଯୋଗ କରିବା ବେଳେ ଆଘାତପ୍ରାପ୍ତ ହୋଇଥିଲେ। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ତେବେ ପରିବାର ଲୋକେ ତାଙ୍କୁ କୋଲନରା ମେଡିକାଲକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦାବିପତ୍ର

## ବେଆଇନ କ୍ଲିନିକ୍ ସିଲ୍ ମାମଲା

ଗୁଣପୁର,୨୩।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର କପିଳପୁର ଅଞ୍ଚଳରେ ଚାଲିଥିବା ବେଆଇନ କ୍ଲିନିକ୍‌କୁ ଗତ ଶନିବାର ଜିଲା ପ୍ରଶାସନ ସିଲ୍ କରିଥିଲା। ନିୟମ ଅନୁସାରେ ଏହି ଚିକିତ୍ସାଳୟର ପଞ୍ଜୀକରଣ ନ ଥିବା ଅଭିଯୋଗ ହୋଇଥିଲା। ବେଆଇନ ଭାବରେ ଦୀର୍ଘ ବର୍ଷ ହେଲା ଲକ୍ଷ୍ମଣ ଲାବଣ୍ୟ ଚିକିତ୍ସାଳୟ ଏବଂ ଗବେଷଣା କେନ୍ଦ୍ର ଚାଲିଥିବାବେଳେ ଦୀପକ କୁମାର ପଣ୍ଡାଙ୍କ ନାମରେ ଏହା ରହିଥିଲା। ତେବେ ଏହି କ୍ଲିନିକ୍‌କୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରୁଥିବା ଅଭିଯୋଗ ହେବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ନେଇ ମାଝି ଗୌରୀ ସି ବି ଓ ତୃତୟ ଲିଙ୍ଗୀ ମହାସଂଘ ଜିଲା ସମ୍ପାଦିକା ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଅଣଅନୁଦାନପ୍ରାପ୍ତ ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ (ଶିକ୍ଷାରେ ଅଗ୍ରଗାମୀ ଜିଲା) ଏବଂ ୨୦୧୦ ରୁ ୨୦୨୦ (ଶିକ୍ଷାରେ ପଛରେ ପଡିଥିବା ଜିଲା) ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ନେଇ ସରକାରଙ୍କ ବୈମାତୃକ ମନୋଭାବର ପ୍ରକାଶ ପାଇଛି। ଏଣୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘକୁ ସମର୍ଥନ ଜଣାଇ ଶନିବାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଣଅନୁଦାନପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଧାରଣା ଦିଆଯାଇଥିଲା। ବର୍ତ୍ତମାନର ସରକାର ବିଗତ ସରକାରଙ୍କୁ ଅନୁସରଣ କରୁଛନ୍ତି ବୋଲି ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ଏହି ବନ୍ଦ କରାଯାଉଛି। ନୂତନ ସରକାର ଆସିବା ଦିନଠୁ ପର୍ଯ୍ୟାୟକ୍ରମେ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଛି ତଥାପି ଫଳ ଶୂନ। ସରକାରଙ୍କ ୧୩ ମାସର କାର୍ଯ୍ୟକାଳ ମଧ୍ୟରେ ଗୁରୁ ଦିବସକୁ କଳା ଦିବସ, ଦେଢ଼ ଲକ୍ଷ ସାଧାରଣ ଲୋକଙ୍କର ଦସ୍ତଖତ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୧ ଥର ସିଧା ସଳଖ ସାକ୍ଷାତ ସହିତ ଆଲୋଚନା କରିବା, ରାଜ୍ୟରେ ଥିବା ୫ଟି ଶିକ୍ଷା ନିର୍ଦ୍ଦେଶାଳୟ ମାଧ୍ୟମରେ ଦାବିପତ୍ର ପ୍ରଦାନ, ୩୦ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପରେ ମଧ ସରକାର ନିଦାବିଷ୍ଟୁ ସାଜି ଚୁପ୍ ହୋଇ ବସିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛି ସଂଘ। ତେଣୁ ଏହାକୁ ସଂଘ ଗଭୀର ଭାବରେ ନିନ୍ଦା କରିବା ସହ ଶିକ୍ଷକ ଦାବି ଦିବସରେ ଅଧିକାର ଯାତ୍ରା–୫ ମାଧ୍ୟମରେ ଗତ ୧୬ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ପ୍ରସ୍ତାବ ରଖାଯାଇଛି। ଏଣୁ କାର୍ଯ୍ୟବନ୍ଦ ଆନ୍ଦୋଳନ ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଫାଟକ ସମ୍ମୁଖକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥାନାନ୍ତର କରାଯିଛି ବୋଲି ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ମହାତ୍ମା ଗାନ୍ଧୀ ମାର୍ଗ ଧାରଣା ସ୍ଥଳରୁ ଘୋଷଣା କରିଥିଲେ।



ଧାରଣାରେ ବସିଥିବା ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ।

# ଦଳକୁ ସୁଦୃଢ଼ କରିବାକୁ ଗଠନ ହେବ ପଞ୍ଚାୟତସ୍ତରୀୟ କମିଟି

## ଗୁଣପୁର ବିଧାୟକଙ୍କ ଉପସ୍ଥିତିରେ କଂଗ୍ରେସର ସାଙ୍ଗଠନିକ ବୈଠକ

ଗୁଡାରି, ୨୩।୮ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରିରେ କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ଗୁଡାରିରେ କଂଗ୍ରେସ କିପରି ସୁଦୃଢ଼ ହେବ ସେ ନେଇ ସ୍ଥାନୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକର ସମସ୍ତ ୯ ପଞ୍ଚାୟତରେ ପ୍ରଥମେ ପଞ୍ଚାୟତସ୍ତରୀୟ କମିଟି ଗଠନ ହେବ। ଏହି କମିଟିରେ ପଞ୍ଚାୟତର ସମସ୍ତ ୱାର୍ଡରୁ ଅତିକମରେ ଜଣେ ଲେଖାଏ ସଦସ୍ୟ ରହିବେ। ଏହାଛଡ଼ା ଯେଉଁ ପଞ୍ଚାୟତର କମିଟି ସେହି ପଞ୍ଚାୟତ ନିମନ୍ତେ କାର୍ଯ୍ୟ କରି ପଞ୍ଚାୟତସ୍ତରରେ ସମସ୍ତ ନିଷ୍ପତ୍ତି ନେବେ। ପଞ୍ଚାୟତ କମିଟି ଗଠନ ପରେ ବ୍ଲକସ୍ତରୀୟ କମିଟି ଗଠନ ହେବ। ବ୍ଲକରେ ଜଣେ ସଭାପତି ରହିବେ। ବ୍ଲକ କମିଟିରେ ବିନା ଅନୁମତିରେ ପଞ୍ଚାୟତ କମିଟିରେ କୌଣସି ସଦସ୍ୟ ଅନ୍ୟ ପଂଚାୟତର କୌଣସି ସମସ୍ୟାରେ ମୁଣ୍ଡ ଭର୍ତ୍ତି କରିବେ ନାହିଁ। ପଞ୍ଚାୟତ କମିଟି ପଞ୍ଚାୟତରେ ପ୍ରତ୍ୟେକ ଘରକୁ ଯାଇ ଲୋକ ସମ୍ପର୍କ ସୃଷ୍ଟି କରିବା ସହ ସେମାନଙ୍କ ସୁବିଧା ଅସୁବିଧାରେ ସହଯୋଗ କରିବ। ଖୁବ୍‌ଶୀଘ୍ର ଏହି କମିଟି ଗଠନ କରାଯିବ। ଏହାଫଳରେ ଗୁଡାରି ବ୍ଲକ ସମେତ ଗୁଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସୁଦୃଢ଼ ହେବ। କୌଣସି ପରିସ୍ଥିତିରେ ଦଳରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବିଧାୟକ କହିଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ବ୍ଲକର ସମସ୍ତ କାର୍ଯ୍ୟାଳୟ ଦାୟିତ୍ୱରେ ୨ ଜଣ କର୍ମୀ ନିୟୋଜିତ ହେବେ। ଲୋକଙ୍କ ସମସ୍ୟାର ସମାଧାନ କରିବା ଦିଗରେ ସହଯୋଗ କରିବେ ବୋଲି ସୂଚନା ମିଳିଛି। ଦଳଗତ ନିର୍ବିଶେଷରେ ସାଧାରଣ ଜନତାଙ୍କୁ ସରକାରୀ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ବିଧାୟକ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳ ଗୁଡାରିରେ ଉଚ୍ଚ କୋଟିର ପ୍ରଦର୍ଶନ କରିବ ବୋଲି ବିଧାୟକ ଦୃଢ଼ତାର ସହ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଶବର, ଏମ୍‌ପିଙ୍କ ପ୍ରତିନିଧି ଏସ୍. ମୀନକେଶ, ରଘୁ ବିଡ଼ିକା, ଜଳ ସୂର୍ଯ୍ୟ, ରାମଚନ୍ଦ୍ର ନନ୍ଦ, ଦାଶରଥି ଗମାଙ୍ଗ ଜିତେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହ ଗୁଡାରି ବ୍ଲକର କଂଗ୍ରେସ କର୍ମୀମାନେ।

# ଭିନ୍ନକ୍ଷମ, ମାନସିକ ବିକାରଗ୍ରସ୍ତଙ୍କୁ ସଶକ୍ତ ଲକ୍ଷ୍ୟ

**କାର୍ଯ୍ୟଖସଡ଼ା ପ୍ରସ୍ତୁତି ନେଇ ୨ଦିନିଆ କର୍ମଶାଳା**

**କୋରାପୁଟ,୨୩।୮ (ଅମିତାଭ ବେହେରା)**

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଏକତା ଅନୁଷ୍ଠାନ ଓ ପରିବାର ଅନୁଷ୍ଠାନର ମିଳିତ ସହଯୋଗରେ ମାନସିକ ବିକାରଗ୍ରସ୍ତ ଓ ଭିନ୍ନକ୍ଷମମାନଙ୍କ ଦୀର୍ଘସ୍ଥାୟୀ ଯୋଜନା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତି ନେଇ ରାଜ୍ୟସ୍ତରୀୟ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରାତାତି ହରିଚନ୍ଦନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ସଶକ୍ତିକରଣ କରିବାକୁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତି ୨୦୩୬-୨୦୪୭ ବର୍ଷ ପାଇଁ ଏହି କର୍ମଶାଳା ହୋଇଛି। ରାଜ୍ୟ ଗଠନ ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭିନ୍ନକ୍ଷମମାନଙ୍କ ପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତି କରି ସରକାରଙ୍କୁ ସହାୟତା ପ୍ରଦାନ କରିବା ଏହାର ମୂଳ ଲକ୍ଷ୍ୟ। ରାଜ୍ୟର ୧୫ ଜିଲାର ଭିନ୍ନକ୍ଷମମାନଙ୍କ ପାଇଁ କାମ କରୁଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବୁଦ୍ଧିଜୀବି ଓ ଯତ୍ନକାରୀ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗଡେପୁଟି ନିର୍ଦ୍ଦେଶକ ସନ୍ୟାସୀ ବେହେରା, ଓଡ଼ିଶା ୟୁନିସେଫର ଶିଶୁ ଅଧିକାର ପରାମର୍ଶଦାତା ଘାଷିରାମ ବେହେରା ଓ ସହକାରୀ ପ୍ରଫେସର ଲୁସିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମଙ୍କ ପାଇଁ ଶିକ୍ଷା, ପେଶାଗତ ପ୍ରଶିକ୍ଷଣ, ଦକ୍ଷତା ବିକାଶ ସୃଷ୍ଟି, ସ୍ୱାସ୍ଥ୍ୟସେବା, ସାମାଜିକ ସଶକ୍ତିକରଣ ଓ ସ୍ୱାଧୀନ ଜୀବନଜାପନ ପାଇଁ ପ୍ରସ୍ତାବ ଦେଇଥିଲେ। ଭିନ୍ନକ୍ଷମଙ୍କ ପାଇଁ କାମ କରୁଥିବା ବିଭିନ୍ନ ଅନୁଷ୍ଠାନକୁ ସେବା ଜାରି ରଖିବାକୁ କମିଶନର ହରିଚନ୍ଦନ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମଙ୍କ ଉନ୍ନତି ପାଇଁ ପ୍ରସ୍ତୁତି ହେଉଥିବା ବିଭିନ୍ନ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ ଭାବେ ରୂପାୟନ କରିବାକୁ ଗୁରୁତ୍ୱ ଦେଇଥିଲେ। ପରିବାର ଅନୁଷ୍ଠାନର ସଭାପତି ଗୌରୀଶ୍ୟାମ ପଣ୍ଡା ଓ ଏକତା ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର କର୍ମଶାଳାକୁ ପରିଚାଳନା କରିଥିଲେ। ଭିନ୍ନକ୍ଷମଙ୍କର ସର୍ବାଙ୍ଗୀନ ଉନ୍ନତି ଓ ଥଇଥାନ ପାଇଁ କାର୍ଯ୍ୟ କରିବା ନେଇ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି।



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।


# ଡୁଡୁମା ଜଳପ୍ରପାତରେ ଭାସିଗଲେ ଯୁବକ

**ଭିଡିଓ ଶୁଟିଂ ବେଳେ ମାଡ଼ିଆସିଲା ପାଣି**

**ଲମତାପୁଟ,୨୩।୮ (ଭକ୍ତରାମ ବାଙ୍କିଆ)**

ୟୁଟ୍ୟୁବ ଚ୍ୟାନେଲ ପାଇଁ ଭିଡିଓ କରୁଥିବା ବେଳେ କୋରାପୁଟ ଜିଲା ଲମତାପୁଟ ବ୍ଲକ୍‌ର ମାଛକୁଣ୍ଡ ଡୁଡୁମା ଜଳପ୍ରପାତରେ ଜଣେ ଯୁବକ ଭାସିଯାଇ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ ବ୍ରହ୍ମପୁରର ସାଗର ଗୁଡୁ(୨୨)।

ସୂଚନା ଅନୁଯାୟୀ, ସାଗର ଓ କଟକର ଅଭିଜିତ ବେହେରା ସାଙ୍ଗ ହୋଇ କୋରାପୁଟ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ନିଜ ୟୁଟ୍ୟୁବ୍ ଚ୍ୟାନେଲ ପାଇଁ ଭିଡିଓ କରୁଥିଲେ। ଶନିବାର ଡୁଡୁମା ଜଳପ୍ରପାତ ଦେଖିବାକୁ ଆସି ଉପର ପାର୍ଶ୍ୱରେ ୨ ଜଣ ସାଙ୍ଗ ହୋଇ ଡ୍ରୋନ୍ ମାଧ୍ୟମରେ ଭିଡିଓ କରୁଥିଲେ। ସେଠାରେ ଅନ୍ୟ କେତେଜଣ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ମୁଖ୍ୟ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଥିଲା। ଡ୍ୟାମ୍ କର୍ତ୍ତୃପକ୍ଷ ଅପରାହ୍ନ ସମୟରେ ୨ ହଜାର କ୍ୟୁସେକ୍ ଜଳ ମାଛକୁଣ୍ଡ ଡି-ଡ୍ୟାମ୍‌କୁ ଛାଡିଥିଲେ। ଡି-ଡ୍ୟାମ୍‌ରେ ଜଲାପୁଟ ଜଳଭଣ୍ଡାର ଜଳ ପହଞ୍ଚିବା ପରେ ମାଛକୁଣ୍ଡ ଡି-ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଥିଲା। ବିଭାଗୀୟ ଅଧିକାରୀ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଜଳ ନିଷ୍କାସନ କରିବାକୁ ବାଧ ହୋଇଥିଲେ। ଡି-ଡ୍ୟାମର ୭ ନମ୍ବର ଗେଟ୍‌ରୁ ୧୫ଶହ କ୍ୟୁସେକ୍ ଜଳ ୩ ଥର ସାଇରନ ଦେଇ ଛଡ଼ାଯାଇଥିଲା। ଜଳପ୍ରପାତର ଉପର ପାର୍ଶ୍ୱରେ ଥିବା କେତେଜଣ ପର୍ଯ୍ୟଟକ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସାଇରନ ଶବ୍ଦ ଶୁଣି ନଦୀରେ ବନ୍ୟା ଜଳ ଆସୁଥିବା ଦେଖି ଦୌଡ଼ିଆସିଥିଲେ। କିନ୍ତୁ ସାଗର ନଦୀ ମଝିରେ ଅଟକି ରହିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ପ୍ରଖର ସ୍ରୋତରେ ଜଳପ୍ରପାତ ଭିତରକୁ ଖସିଯାଇଥିଲେ। ଏହା ପରେ ଲମତାପୁଟ ଅଗ୍ନିଶମ ବାହିନୀ ଓ ମାଛକୁଣ୍ଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଯୁବକଙ୍କ ସନ୍ଧାନ ମିଳି ନ ଥିବା ସୂଚନା ରହିଛି।


ଯୁବକ ଜଳପ୍ରପାତରେ ଫସି ରହିଥିବା ବେଳର ଦୃଶ୍ୟ।

# ଶିକ୍ଷା ଓ ସଂସ୍କାର



**ଅଚ୍ୟୁତ ସାମନ୍ତ**

ଭାରତୀୟ ସଭ୍ୟତାର ପରିକଳ୍ପନା, ନିର୍ମାଣ ଓ ବ୍ୟାଖ୍ୟାନରେ ଦୁଇଟି ଶବ୍ଦ– ଶିକ୍ଷା ଓ ସଂସ୍କାର ; ବିଶେଷ ଭାବେ ବର୍ଦ୍ଧିତ ଓ ଆଲୋଚିତ। ବସ୍ତୁର ଦୁଇଟି ସୂତ୍ର ପରି, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏହା ଅଙ୍ଗାଙ୍ଗୀ ରୂପେ ସମ୍ପର୍କିତ। ଶିକ୍ଷା କହିଲେ ସାଧାରଣ ଅର୍ଥରେ ବିଦ୍ୟା ଅର୍ଜନ, ଜ୍ଞାନ ଆହରଣକୁ ବୁଝାଏ। ସଂସ୍କାର ହେଉଛି ବସ୍ତୁପରାୟ। ଏହା ମୁଖ୍ୟତଃ ବ୍ୟକ୍ତିର ଅନ୍ତଃନିର୍ମାଣ, ନୈତିକତା, ବିନମ୍ରତା, ଉଦାରତା ଉପରେ ପର୍ଯ୍ୟବସିତ ଯାହା ସାମଗ୍ରିକ ଭାବରେ ଶିକ୍ଷାର ଉପଯୋଗ ପାଇଁ ମାର୍ଗ ଦର୍ଶାଏ। ଶିକ୍ଷା ଓ ସଂସ୍କାରକୁ ବିଚ୍ଛିନ୍ନ କଲେ, ହୁଏତ ଆମେ ମହତ୍ତ୍ୱକାମୀ ଆଦର୍ଶବାଦୀ ପାଇବା ନ ହେଲେ ଉପାର୍ଯ୍ୟୀ ଚତୁର ଧୂର୍ତ୍ତଙ୍କୁ। ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହେଉଛି ଜ୍ଞାନ ଓ ବିବେକ ସମନ୍ୱିତ ବ୍ୟକ୍ତି ନିର୍ମାଣ।

ଶିକ୍ଷା ଓ ସଂସ୍କାରର ମହତ୍ତ୍ୱ ପ୍ରତିପାଦନ କରୁଥିବା ଅଜସ୍ର ଲୋକ କଥା, କାହାଣୀ ଆମକୁ ଉପଲବ୍ଧ। ଗ୍ରନ୍ଥ ପୁରାଣରେ ଏହାର ସାରବତ୍ତା ବର୍ଣ୍ଣିତ ହୋଇଛି, ଯାହା ଆମ ପାଇଁ ଆଲୋକ ବର୍ତ୍ତିକା ସଦୃଶ। ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଇଛନ୍ତି, ତା'ର ମାର୍ମିକ ଓ ବ୍ୟବହାରିକ ଆବେଦନ ଅନନ୍ୟ। ବିନମ୍ରତା ସହ ନିଷ୍କାମ କର୍ମ ସମ୍ପାଦନର ମହାନ୍ ଶିକ୍ଷା ବାସ୍ତବରେ ଜୀବନର ଦିଶା ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ। ମହାଭାରତରେ ଧନୁର୍ବିଦ୍ୟାରେ ପାରଙ୍ଗମତା ସହ ଚାରିତ୍ରିକ ସ୍ୱଚ୍ଛତା ଓ ଦୃଢ଼ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପଞ୍ଚତନ୍ତ୍ରରେ ପ୍ରତ୍ୟେକ କାହାଣୀର ଆଧାର ଓ ଉଦ୍ଦେଶ୍ୟ ହେଉଛି ନୀତିଶିକ୍ଷା। ନୈତିକତା ବିନା ଶିକ୍ଷା ଅସାର। ଏହିସବୁ ବର୍ଣ୍ଣନା, ଚିନ୍ତନ ଓ ଉପସ୍ଥାପନ ସୂଚେଇ ଦିଏ ଯେ ଭାରତୀୟ ବିଚାର ସଂହିତାରେ ଶିକ୍ଷା ଓ ସଂସ୍କାର ଅଙ୍ଗୀଭୂତ। ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମନ୍ୱୟ ଓ ସମ୍ପର୍କ ଏକାନ୍ତ ଜରୁରୀ। ଶ୍ରେଣୀଗୃହରୁ ପ୍ରାପ୍ତ ଶିକ୍ଷା ସହ ସାମାଜିକ ଆବେଗିକ କ୍ଷେତ୍ରରୁ ପ୍ରାପ୍ତ ଶିକ୍ଷା ସମନ୍ୱିତ ହେଲେ ହିଁ ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ। ଦୟା, କରୁଣା ଓ ଶୃଙ୍ଖଳାର ଉର୍ବର ଭୂମିରେ ମସ୍ତିଷ୍କର ବିକାଶ ଦ୍ରୁତତର ହୋଇଥାଏ।

ଆମେ ଯଦି କେଉଁ ସୁଗୁଣଗୁଡ଼ିକ ଜୀବନରେ ଆପଣେଇବା ପାଇଁ ଚିନ୍ତା କରିବା, ତେବେ ଅନେକ ଆମ ଆଗୁବୋଧକୁ ଆସିବ। ସେଗୁଡ଼ିକ ମଧ୍ୟରୁ ମାନବୀୟ ସମ୍ବେଦନା, ସାଧୁତା, ପ୍ରତିଦାନ ପ୍ରବୃତ୍ତି, ଅଭିନବ ସାହସିକତା, ମୂଲ ସଂଯୁକ୍ତି, ବିନମ୍ରତା, କୃତଜ୍ଞତା ଓ ଅତହରନ ମାନବୀୟ ଅର୍ଥପୂର୍ଣ୍ଣ ଅନ୍ୱେଷା ଅନ୍ୟତମ। ଏଗୁଡ଼ିକ ସମ୍ପର୍କରେ ବିଶେଷ ଚର୍ଚ୍ଚମା କରାଯାଇପାରେ। ମାନବବାଦ ଶିକ୍ଷାକୁ ବହିର୍ମୁଖୀ କରାଏ। ସମାଜର ବୃହତ୍ତର ମଙ୍ଗଳ ନିମନ୍ତେ ଶିକ୍ଷାକୁ ପ୍ରେରିତ କରେ। ସାଧୁତା, ଜ୍ଞାନ ଓ ବୁଦ୍ଧିକୁ ପଥଭ୍ରଷ୍ଟ ହେବାକୁ ଦିଏ ନାହିଁ। ଉତ୍କୃଷ୍ଟ ଉପଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଏ। ପ୍ରତିଦାନ ପ୍ରବୃତ୍ତି ସାମାଜିକ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିବା ସହ ସଫଳତାକୁ ସାମାଜିକ ସମ୍ବଳରେ ରୂପାନ୍ତରିତ କରେ। ଅଭିନବ ସାହସିକତା ପରମ୍ପରାର ନୂତନ ଆଂଶିକ ନିର୍ମାଣ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ କରି ଗଢ଼େ। ପୁରୁଣା ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ନୂଆ ଉପକରଣ ଓ ଉପାୟ ବାହାର କରେ। ବିନମ୍ରତା ପ୍ରାପ୍ତିର ଅହମିକାକୁ ପ୍ରତିରୋଧ କରେ। କୃତଜ୍ଞତାବୋଧ ଅନୁଚିତ ଆହରଣ ପ୍ରବୃତ୍ତିକୁ ସଂଯମ କରାଏ।

ଏହିସବୁ ଭାବବୋଧ ଓ ଆଦର୍ଶକୁ ଆଧାର କଲେ ଅନୁଷ୍ଠାନଗୁଡ଼ିକ ମାନବୀୟ ମୂଲ୍ୟବୋଧର ଜୀବନ୍ତ ପ୍ରୟୋଗଶାଳା ହୋଇପାରିବ। ମୋ ଦୃଷ୍ଟିରେ କିଟ୍– କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଉପରୋକ୍ତ ଭାବାଦର୍ଶର ସକ୍ରିୟ ଧାରକ ଓ ବାହକ। ଗୁଣାତ୍ମକ ଶିକ୍ଷା ସାମାଜିକ ରୂପାନ୍ତରଣର ପ୍ରମୁଖ ଆୟୁଧ। ଏହି ଦର୍ଶନକୁ ଭିତ୍ତିକରି କିଟ୍ ପ୍ରତିଷ୍ଠିତ ହୋଇଥିଲା। କିଟ୍‌ରେ ପ୍ରୟୋଗ ହୋଇଛି ସାମାଜିକ ଅଙ୍ଗୀକାର ସହ ଶିକ୍ଷଣର ଅନନ୍ୟ ମିଶ୍ରଣ ; ଜ୍ଞାନ ଆହରଣ ସହ ଜ୍ଞାନର ସାମାଜିକୀକରଣ। ଏହ ମଧ୍ୟ ପ୍ରତିଫଳିତ ହୋଇଛି କିଟ୍‌ର ଅନ୍ୟ ଏକ ସମ୍ପର୍କିତ ସଂସ୍ଥା କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍)ରେ ; ଯାହାକି ପୃଥିବୀର ସବୁଠୁ ବଡ଼ ଜନଜାତିଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଆବାସିକ ଶିକ୍ଷାନୁଷ୍ଠାନ। ଏଠାରେ ଶିକ୍ଷା ଓ ସଂସ୍କାରର ପ୍ରୟୋଗ ହୋଇଛି, ଯାହା ଅନୁଷ୍ଠାନକୁ ବିଶେଷ ଔଜ୍ଜ୍ୱଲ୍ୟ ପ୍ରଦାନ କରିଛି। ଏହା ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ଅଶୀ ହଜାରରୁ ଉର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶରେ ସମର୍ପିତ। ଏଠି ଲକ୍ଷ୍ୟ ଏବଂ ମାଧ୍ୟମ ଏକ ଓ ଅଭିନ୍ନ।

କେବଳ ଶିକ୍ଷା କାର୍ଯ୍ୟକ୍ରମରେ ସୀମିତ ରହିନି କିଟ୍। ଏଠି ଅଛି ଏକ କ୍ରିୟାଶୀଳ ଛାତ୍ର ସଂସ୍କୃତି। ବିବିଧ କ୍ଲବ, ସାଂସ୍କୃତିକ ସଂଘ, ନବାଚାର ପ୍ରକୋଷ୍ଠ ମାଧ୍ୟମରେ ସର୍ଜନା, ନାଗରିକ ସମ୍ପୃକ୍ତି, ଦଳଗତ ପ୍ରୟାସକୁ ପ୍ରୋତ୍ସାହନ ମିଳୁଛି। ଜାତୀୟ ସେବା ସଂସ୍ଥାରେ ସାମିଲ ହୋଇଛନ୍ତି କିଟ୍ ଓ କିସ୍‌ର ହଜାର ହଜାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର। ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ଆପାତ୍‌କାଳୀନ ସହାୟତା ଆଦି କାର୍ଯ୍ୟରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ମାଧ୍ୟମ ସାଜିଛି ଆର୍ଟ ଅଫ୍ ଗିଭିଂ, ଏଜୁକେଶନ ଫର୍ ଅଲ୍, ନିଉ ମାଇଣ୍ଡସ୍ ନିଉ ଡ୍ରିମ୍, କନ୍ୟା କିରଣ ଏବଂ କଳିଙ୍ଗ ଫେଲୋଶିପ୍ ଭଳି ଉଲ୍ଲେଖନୀୟ ଉପକ୍ରମ। ସେମାନେ ବାସ୍ତବରେ କାର୍ଯ୍ୟ ମାଧ୍ୟମରେ ସଂସ୍କାରିତ ହେବାର ଜୀବନ୍ତ ପ୍ରୟୋଗଶାଳା ଭାବରେ ପରିଚିତ।

ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧ ଅନୁଷ୍ଠାନର ଗୁଣସୂତ୍ରରେ ସଞ୍ଚରିଯାଇ ଏହାକୁ ରୂପରେଖ ପ୍ରଦାନ କରେ। ମୋର ଭାବାଦର୍ଶ, ପ୍ରତିଟି ଜୀବନର ପବିତ୍ରତା ଓ ପ୍ରତିଦାନର କର୍ତ୍ତବ୍ୟବୋଧରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଐତିହ୍ୟ ଓ ପରମ୍ପରା ସହ ସମ୍ବନ୍ଧିତ ରହି ଭବିଷ୍ୟତର ଯାତ୍ରା ପାଇଁ ପ୍ରସ୍ତୁତି କରୁଛନ୍ତି। ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ମୋର, ସାଦା ସରଳ ଜୀବନ ହିଁ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ବାର୍ତ୍ତା। ସଫଳତାର ମାନଦଣ୍ଡ ହେଉଛି କେତେ ଜୀବନକୁ ସକାରାତ୍ମକ ଭାବେ ପ୍ରଜ୍ୱଳିତ କରିପାରିବା। ଏହାର ଅର୍ଥ ହେଉଛି ନୀତି ଓ ନୈତିକତାକୁ ବଜାୟ ରଖି ଆମେ ସ୍ୱପ୍ନ ଦେଖିପାରିବା, ନୂଆ କଥା କରିପାରିବା, ସାହସିକ ପଦକ୍ଷେପ ନେଇପାରିବା ଏବଂ ବିଶାଳ ସଫଳତାର ଅଧିକାରୀ ହୋଇପାରିବା।

ଯୁବାବସ୍ଥାରେ ଯେ ନିଜ ସହିତ, ନିଜ ଆବେଗ ସହିତ ଓ ଅନ୍ୟମାନଙ୍କ ସହିତ ଖାପ୍‌ଖୁଆଇ ଚଳିବା ଶିଖେ, ସେ ଜୀବନରେ ବହୁତ ଆଗକୁ ଯାଏ, ସଫଳ ହୁଏ। ଆବେଗିକ ବୁଦ୍ଧିମତ୍ତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ପ୍ରବଣତା ହେଉଛି ଦୁଇଟି ବିଶିଷ୍ଟ ଗୁଣ। ଶୃଙ୍ଖଳା ହେଉଛି ବସ୍ତୁତଃ ଆତ୍ମନିୟନ୍ତ୍ରଣ। ସକାରାତ୍ମକ ମାନସିକତା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ରୂପକାର। ଏହା ଅନ୍ତଃ ଔଜ୍ଜ୍ୱଲ୍ୟର ପ୍ରକାଶକ ଯାହା ନିଜଠୁ ବିଚ୍ଛୁରିତ ହୁଏ। ଏହା ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ। ଦୂରଦୃଷ୍ଟି ଓ ଦାୟିତ୍ୱ ହେଉଛି ସାମୟିକ ଚାପକୁ ପ୍ରତିରୋଧ କରିବା ଯାହା ନିଜ ପ୍ରିୟଜନଙ୍କ ଜୀବନବ୍ୟାପୀ ଦୁଃଖର କାରଣ ହୋଇପାରେ। ଦୃଷ୍ଟିଭଙ୍ଗୀ ନିର୍ଦ୍ଧାରଣ କରି ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସଫଳତାର କାରକ ହେଉଛି ନିଜସ୍ୱ ଆଚାର। ଅସଲ ସାଫଲ୍ୟ ଏକାନ୍ତରେ ନୁହେଁ, ବରଂ ସମ୍ମିଳିତ ଭାବରେ ହାସଲ କରାଯାଏ, ଅନ୍ୟମାନଙ୍କୁ ସାଥିରେ ନେଇ, ପ୍ରତ୍ୟେକଙ୍କ ଅଭିବୃଦ୍ଧିକୁ ସନ୍ନିହିତକରି ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ଅର୍ଜନ କରାଯାଏ। ଏହା ଅବାସ୍ତବ ତତ୍ତ୍ୱ ନୁହେଁ। ଏହା କିଟ୍‌ର ଜୀବନ୍ତ ଦର୍ଶନ। ଏଠି ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ସଂସ୍କାର ମଧ୍ୟ ପାଆନ୍ତି ଏବଂ ଜୀବନ ଗଢ଼ନ୍ତି।


ଶିକ୍ଷା ଓ ସଂସ୍କାରର ପୁନଃ ସଂଯୋଗୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି କେବଳ ଦକ୍ଷ ମସ୍ତିଷ୍କ ନୁହେଁ ବିବେକୀ ହୃଦୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଭାରତରେ ଶିକ୍ଷା ସବୁବେଳେ କୌଶଳତାରେ ସୀମିତ ରହିନାହିଁ। ଶିକ୍ଷା ସହ ସଂସ୍କାରକୁ ଯୋଡ଼ିବାକୁ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚନା କରାଯାଇଛି। ମୂଲ୍ୟବୋଧ ବିନା ଜ୍ଞାନ ନିରର୍ଥକ ଏବଂ ସେହିପରି ଜ୍ଞାନ ବିନା ମୂଲ୍ୟବୋଧ ମଧ୍ୟ ଶକ୍ତିହୀନ। ଯେତେବେଳେ ଆମର ଯୁବ ସମାଜ ଅତ୍ୟାଧୁନିକ ଦକ୍ଷତା ସହ ଆମ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଧାରଣ କରିବେ, ସେମାନେ ଆତ୍ମନିର୍ଭର ଭାରତ ଓ ବିଶ୍ୱଗୁରୁ ଭାରତର ସମର୍ଥ ସ୍ଥପତି ହୋଇପାରିବେ। ଏହା ହିଁ କିଟ୍ ଓ କିସ୍‌ର ଲକ୍ଷ୍ୟ ଓ ଆଦର୍ଶ ଏବଂ ଏହାର ପରିପୂରଣରେ ନିରନ୍ତର କାର୍ଯ୍ୟରତ। ସଫଳ ସ୍ନାତକ ନିର୍ମାଣ କରୁଛି ଯେଉଁମାନେ ନିଜ ବୃତ୍ତିରେ ଉତ୍କର୍ଷ ସାଧନ ସହ ନିଜ ଗୋଷ୍ଠୀ ଓ ସମାଜର ସେବାରେ ସମର୍ପିତ ହୋଇ ଆମ ଜାତିର, ଦେଶର ନିଃସମୟ ଆତ୍ମିକ ଭାବବୋଧର ଅଗ୍ରଣୀ କାରକ ହୋଇପାରିବେ।

**ଶିକ୍ଷାବିତ୍ ଓ ସମାଜସେବୀ**

# ୭ ହାଇୱାରୁ ଚୋରା ବାଲି ଜବତ

**ସୁନାବେଡା,୨୩।୮ (କୃତ୍ତିବାସ ପ୍ରଧାନ)**

ବେଆଇନ ଭାବେ ୭ ହାଇୱାରେ ବାଲି ଚାଲାଣ ହେଉଥିବା ବେଳେ ଜିଲା ଖଣି ବିଭାଗ ପକ୍ଷରୁ ଶନିବାର ଜବତ କରାଯାଇଛି। ହାଇୱାରେ ବାଲି ଚାଲାଣ ହେଉଥିବା ଖବର ପାଇ ମା' ଧନ ରାଗିଣୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଜିଲା ଖଣି ବିଭାଗ ଡିଡିଏମ୍ ସତ୍ୟଜିତ ରାଉତଙ୍କୁ ଅବଗତ କରାଯାଇଥିଲା। ଖଣି ବିଭାଗର ୬ ଜଣିଆ ଟିମ୍ ସହ ସୁନାବେଡା ଥାନା ଅଧିକାରୀ ସୁଷୁମା କୁହଁର ସ୍ଥାନୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରାସ୍ତାରୁ ୭ ଗାଡ଼ିକୁ ଧରିଥିଲେ। ଗାଡ଼ିଗୁଡ଼ିକୁ ଥାନାରେ ଅଟକ ରଖାଯାଇଛି। ସମସ୍ତ ଜବତ ଗାଡିଗୁଡ଼ିକର କୌଣସି କାଗଜପତ୍ର ନ ଥିବା ଡିଡିଏମ୍ ରାଉତ କହିଛନ୍ତି। ବୋରିଗୁମ୍ମା ସାନ ଇନ୍ଧନପୁରରୁ ବାଲି ଉଠାଇ ସୁନାବେଡା ଚାଲାଣ ହେଉଥିବା ଜଣାପଡ଼ିଛି। ଏଥିସହ ସମସ୍ତ ଗାଡ଼ିକୁ ଏନ୍‌ଜିଟି ଗାଇଡଲାଇନ ଓ ବେଆଇନ ଚାଲାଣ ବାବଦକୁ ବର୍ତ୍ତମାନ ସୁଦ୍ଧା ଫାଇନ କଟାଯାଇନାହିଁ। ସମସ୍ତ ତଥ୍ୟ ଯାଞ୍ଚ କରିବା ପରେ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି। ବିଭାଗ ଓଡି-୩୨ଏ-୪୫୨୮, ଓଡି-୩୨କେ-୫୪୪୧, ଓଡି-୦୮ ୱାଇ-୭୦୭୭, ଓଡି-୩୨ଜେ-୨୪୦୮, ଓଡି-୦୮ଏଏ-୫୪୪୧, ଓଡି-୩୨ଏଲ-୩୫୪୩ ଏବଂ ଓଡି-୦୮ଭି-୭୦୭୭ ହାଇୱାଗୁଡ଼ିକୁ



ଜବତ କରିଛି। ବିଭାଗ ପକ୍ଷରୁ ଗାଡିଗୁଡ଼ିକର କାଗଜପତ୍ର ଯାଞ୍ଚ ପାଇଁ କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି। ଚଢ଼ାଉରେ ଆସିଷ୍ଟାଣ୍ଟ ଖଣି ଅଧିକାରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ଜେଏମଓ ସୁଶୀଲ କୁମାର କେନ୍ଛୁ, ପ୍ରଦୀପ୍ତ କୁମାର ମୁଣ୍ଡା, ଚମ୍ପକ କୁମାର ନାୟକ ଓ ଡିଏସଏ ଲୋକେଶ ଚୌଧୁରୀ ପ୍ରମୁଖ ସାମିଲ ରହିଥିଲେ।

# ଜୟନଗର ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି


ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

**ରାସ୍ତା ଅବରୋଧକରି ବିଜେଡିର ବିକ୍ଷୋଭ**

**ଜୟପୁର,୨୩।୮ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସହରର ଜୟନଗର ରାସ୍ତା ନିର୍ମାଣ ଶେଷ ଦାବିରେ ବିଜେଡି ପକ୍ଷରୁ ଜୟନଗର ଛକରେ ରାସ୍ତା ଅବରୋଧ କରି ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଆହ୍ୱାନରେ ଧାରଣା ଦିଆଯାଇଥିଲା। ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବା ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରା ଓ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ସହାୟତାରେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡିସେମ୍ବର ୩୧ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ ନ କଲେ ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣଙ୍କ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ବିଜେଡି ଚେତାବନୀ ଦେଇଛି।

ସୂଚନା ଅନୁଯାୟୀ, ଜୟନଗରକୁ ସଂଯୋଗକୁ ଥିବା ଲକ୍ଷ୍ମୀପଣ୍ଡା ଛକଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ୪ ଥାକିଆ ରାସ୍ତା ନେଇ ୧୪ କୋଟି ଟଙ୍କା ବିନିମୟରେ ନିର୍ମାଣ କାର୍ଯ୍ୟ ବର୍ଷେ ପୂର୍ବରୁ ଆରମ୍ଭ ହୋଇଛି। କିନ୍ତୁ ୧୧ ମାସର ଟେଣ୍ଡର ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ହୋଇଛି। ମନ୍ଥର ଗତିରେ ରାସ୍ତା ନିର୍ମାଣ ହେଲେ ୨ ବର୍ଷ ବିତିଯିବ ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଥିଲେ। ପଞ୍ଚାନନ ମନ୍ଦିର ଛକରୁ ପଣ୍ଡା ଛକ ଓ ଜୟନଗର ଛକଠାରୁ ଭୂତନାଥ ମନ୍ଦିର ଛକ ଯାଏ ନିର୍ମାଣ କରୁଥିବା ୨ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରାଯାଇଛି। ଧାରଣାରେ ପୌର ଉପାଧ୍ୟକ୍ଷ ବି.ସୁନିତା, ବାଲା ରାୟ, ଶିବ ପଟ୍ଟନାୟକ, ବାଲିଙ୍ଗି ରାୟ, ମହେନ୍ଦ୍ର ଅଧିକାରୀ, ହରି ମିଶ୍ର, ମାଧବ ରଥ, ମାଧବ ମହାଙ୍କୁଡ ଓ ବିଜେଡିର କାଉନସିଲର ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ବନ୍ଧୁଗାଁ ବ୍ଲକ୍ ଗସ୍ତ

**ବନ୍ଧୁଗାଁ,୨୩।୮ (ବେଣୁଧର ଲାବାଲା)**

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ବନ୍ଧୁଗାଁ ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନତିମୂଳକ କାମର ଅଗ୍ରଗତି, ନିର୍ମାଣଧୀନ ନୂତନ ବ୍ଲକ୍ କାର୍ଯ୍ୟାଳୟର କୋଠା ବିଷୟରେ ବିଡିଓ ମିନତୀ ଜଗଦେବଙ୍କୁ ପଚାରିବୁଝିଥିଲେ। ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଗୀତାଞ୍ଜଳୀ ମହାରଣା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକାଙ୍କ ସହ ଜିଲାପାଳ ବୈଠକ କରିଥିଲେ। ଆବାସ ଗୃହ ନିର୍ମାଣ କାର୍ଯ୍ୟର ସ୍ଥିତି ପରଖି ନିର୍ମାଣାଧୀନ ଘରଗୁଡ଼ିକ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବାକୁ, ସମସ୍ତେ ଭତ୍ତା ସୁବିଧାରେ ପାଇବା, ସେବାଆଶ୍ରମ ଛାତ୍ରୀଛାତ୍ରଙ୍କ ଶୋଇବା ରୁମ୍ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଲିଥିବା ପାଣି ବିଷୟରେ ପଚାରିଥିଲେ। ଆଲମଣ୍ଡା ପଞ୍ଚାୟତର ଏଡଗୁମବାଲସାରେ ଏସଏଚଜି ପାଇଁ ନିର୍ମିତ ଶୀତଳଭଣ୍ଡାର, ମିଶନଶକ୍ତି କାଫେ, ମିଲେଟ ଶକ୍ତି ଟିଫିନ୍ ସେଣ୍ଟର ଗସ୍ତ କରିଥିଲେ। ଆଲମଣ୍ଡା ଉଚ୍ଚ ସ୍କୁଲରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ନିଲାବାଡି ସରକାରି ଉଚ୍ଚ ବାଳିକା ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଖାଦ୍ୟ ପାନୀୟ ନେଇ ପଚାରିଥିଲେ।

# ନାଟକ ଅକ୍ଟୋବର-୨ ମଞ୍ଚସ୍ଥ

**୨୭ତମ ଅନ୍ତଃ ବିଭାଗୀୟ ନାଟକ ପ୍ରତିଯୋଗିତା**

**ଦାମନଯୋଡ଼ି,୨୩।୮ (ନରସିଂହ ବ୍ରହ୍ମା)**

କୋରାପୁଟ ଜିଲା ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ୨୭ତମ ଅନ୍ତଃ ବିଭାଗୀୟ ନାଟକ ପ୍ରତିଯୋଗିତା ସେକ୍ଟର-୧ ମୁକ୍ତାକାଶ ରଙ୍ଗମଞ୍ଚରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କମ୍ୟୁନିଟି ସେଣ୍ଟର ସଭାପତି ସତ୍ୟକାମ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୧ତାରିଖରୁ ୫ଟି ବିଭାଗକୁ ନେଇ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୬ ତାରିଖରେ ପୁରସ୍କାର ବିତରଣ ସହ ଉଦ୍‌ଯାପନ ହେବ ବୋଲି ସୂଚନା ମିଳିଛି। ନାଲ୍‌କୋ ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ସରକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉତ୍ପାଦନ ବିଭାଗ ଦ୍ୱାରା ନାଟକ ଅକ୍ଟୋବର-୨ ମଞ୍ଚରେ ପରିବେଷଣ ହୋଇଥିଲା। ମନୋଜ କୁମାର ପାଢ଼ୀଙ୍କ ରଚିତ କାହାଣୀକୁ ପ୍ରଦୀପ କୁମାର ମଣ୍ଡଳ ନିର୍ଦ୍ଦେଶନା ଦେଇଥିଲେ। ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଜୟପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ ବିଶିଷ୍ଟ ଉଦ୍‌ଘୋଷକ ଉଦୟ ଶଙ୍କର ଜାନି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ ଦାସ ଓ ନାଟ୍ୟକାର ମହମ୍ମଦ ସରିଫ୍ ପ୍ରମୁଖ ବିଚାରକ ଥିଲେ। ଏନ୍‌ସିସିର ଉପସଭାପତି ସୁନୀଲ କୁମାର ଦାସ,ସାଧାରଣ ସମ୍ପାଦକ ମନୋଜ କୁମାର ପୃଷ୍ଟି ଓ ସାଂସ୍କୃତିକ ସମ୍ପାଦକ ସମୀର ବେହିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।


କଳାକାରମାନେ ମଞ୍ଚରେ ନାଟକ ପରିବେଷଣ କରୁଛନ୍ତି।

# ଦଶମନ୍ତପୁରରେ ଝାଡ଼ାବାନ୍ତି: ସପ୍ତାହକରେ ୪ ମୃତ, ୬ ଆକ୍ରାନ୍ତ

**ଦଶମନ୍ତପୁର,୨୩।୮ (ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି। ସପ୍ତାହକ ମଧ୍ୟରେ ୩ ଜଣ ପ୍ରାଣ ହରାଇଥିବା ବେଳେ ଶୁକ୍ରବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନଏନା ଗୌଡ଼(୫୦)। ଅଞ୍ଚଳର ୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୪ ଜଣଙ୍କ ମୃତ୍ୟୁ ପରେ ଗାଁରେ ଆତଙ୍କ ଖେଳିଯାଇଥିବା ସରପଞ୍ଚ ମହେଶ୍ୱର ଗାଦାବା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବ୍ଲକ ଅନ୍ତର୍ଗତ ପାଇକଫୁଲ ବେଡା ପଞ୍ଚାୟତ ଅଧୀନ ଓଡପୁର ଗାଁସ୍ଥିତ ଗୌଡ଼ ସାହିରେ ଝାଡ଼ାବାନ୍ତି ବ୍ୟାପି ଜମବତୀ ଗୌଡ଼(୪୦), ମହେନ୍ଦ୍ର ଗୌଡ଼(୩୦),ରାଜେଶ ଗୌଡ଼(୩୭)ଙ୍କ ମୃତ୍ୟୁ ହୋଇଛି। ଗ୍ରାମର ତୁଳସୀ ଗୌଡ଼, ପାର୍ବତୀ ଗୌଡ଼, କମଳା ଗୌଡ଼, ହିରାମଣି ଗୌଡ଼, ଗୋବିନ୍ଦ ଗୌଡ଼ ଓ ଖଗପତି ଗୌଡ଼ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ କଲେଜ୍ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ରହିଛି। ଖବର ପାଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ଶୁକ୍ରବାର ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସଚେତନ କରିଛନ୍ତି। କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି ତାହା ଜଣାପଡ଼ି ନ ଥିବା ଗ୍ରାମବାସୀ କହିଛନ୍ତି। ଜିଲା ସ୍ତରରୁ ସ୍ୱାସ୍ଥ୍ୟ ଟିମ୍ ଗାଁକୁ ଆସି ରୋଗ ଚିହ୍ନଟ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଭ୍ରାମ୍ୟମାଣ ବିଭାଗର ସଞ୍ଜୀବ ତ୍ରିପାଠୀଙ୍କୁ ପଚାରିବାରୁ ଶୁକ୍ରବାର ହିଁ ଜଣଙ୍କ ମୃତ୍ୟୁ ହୋଇଛି। ଖରାପ ଖାଦ୍ୟ ଖାଇ ଝାଡ଼ାବାନ୍ତି ହୋଇଥିବା ସେ କହିଛନ୍ତି।

# ଅବହେଳିତ ଅବସ୍ଥାରେ ନନ୍ଦପୁର ଐତିହ୍ୟ ଗଣେଶ ମନ୍ଦିର

**ନନ୍ଦପୁର,୨୩।୮ (ତୁଷାରକାନ୍ତ ମହାନ୍ତି)**

ଗଣେଶପୂଜା ପାଇଁ ଗାଁ ଗହଳିର ପୂଜା ମଣ୍ଡପରେ ପ୍ରସ୍ତୁତି ସରିଥିବା ବେଳେ ନନ୍ଦପୁର ବ୍ଲକ୍ ସଦର ମହକୁମାର ଐତିହାସିକ ଗଣେଶ ମନ୍ଦିର ଅବହେଳିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପୁରୀ ଗଜପତି ରାଜାଙ୍କ କାଞ୍ଚି ଅଭିଯାନର ବିଜୟ ସୂଚକ ଏହି ଐତିହ୍ୟ ମନ୍ଦିରର ଦେଖାରଖା ପ୍ରତି କାହାରି ନଜର ପଡୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦେବୋତ୍ତର ବିଭାଗ ଅଧୀନ ଏହି ମନ୍ଦିର ରାସ୍ତା ଦୁରବସ୍ଥାରେ ରହିଛି। ଏଯାଏ ମନ୍ଦିରରେ ରଙ୍ଗ ମଧ୍ୟ ଲଗାଯାଇ ନାହିଁ। ଗଣେଶ ପୂଜାରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହେବ। କିନ୍ତୁ ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନ ଏହି ମନ୍ଦିରକୁ ଦୃଷ୍ଟିଦେଉ ନ ଥିବା ନନ୍ଦପୁର ଆସୁଥିବା ପର୍ଯ୍ୟଟକ, ମାଳିଗୁଡ଼ା, ସାରିଆପୁଟ ଓ କଉଡ଼ିଖାଲ ଗ୍ରାମବାସୀ କହିଛନ୍ତି। ପୁରୀ ଗଜପତି ରାଜା କାଞ୍ଚି ଅଭିଯାନରୁ ଫେରିବା ବାଟରେ ନନ୍ଦପୁରରେ ରହିଥିଲେ। କାଞ୍ଚି ଅଭିଯାନରେ ସହଯୋଗ କରିଥିବା ବିଜୟ ଚନ୍ଦ୍ରାକ୍ଷଙ୍କୁ ନନ୍ଦପୁର ରାଜା ଭାବେ ଅଭିଷିକ୍ତ କରାଇ କାଞ୍ଚିରୁ ବିଜୟ ସୂଚକ ଚିହ୍ନ ଭାବେ ଆଣିଥିବା ଗଣେଶ ମୂର୍ତ୍ତିର ଅବିକଳ ପଥର ଖୋଦେଇ ମୂର୍ତ୍ତି ରାଜାଙ୍କ ପଥର କାରିଗର ଦ୍ୱାରା ନିର୍ମାଣ କରି ନନ୍ଦପୁରରେ ସ୍ଥାପନ କରିଥିଲେ। ମୂଳ ମୂର୍ତ୍ତିଟିକୁ ନେଇ ପୁରୀ ମନ୍ଦିରର ସମ୍ମୁଖ ଦ୍ୱାରରେ ସ୍ଥାପନ କରିଥିଲେ। ନନ୍ଦପୁର ଗଣେଶ ମନ୍ଦିରରେ ସ୍ଥାପିତ ଗଣେଶ ମୂର୍ତ୍ତି ଗୋଟିଏ ପଥରରେ ଗଢ଼ା ୮ ଫୁଟ ଉଚ୍ଚତା ବିଶିଷ୍ଟ। ନନ୍ଦପୁରର ଈଶାନ୍ୟ କୋଣରେ ସ୍ଥାପିତ ଏହି ମନ୍ଦିର ଓ ବିଗ୍ରହ ପ୍ରତି ଲୋକଙ୍କ ଆସ୍ଥା ରହିଛି। ଏହି ମନ୍ଦିର ପ୍ରତି ନନ୍ଦପୁର ପଞ୍ଚାୟତ ଓ ବ୍ଲକ୍, କୋରାପୁଟ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଦାବି ହୋଇଛି। ମନ୍ଦିର ଯିବାକୁ ପକ୍କା ରାସ୍ତା ନିର୍ମାଣ ସହ ଐତିହ୍ୟ ମନ୍ଦିରର ବିକାଶ ପ୍ରତି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**


ରାଜାଙ୍କ ଦ୍ୱାରା ସ୍ଥାପିତ ଐତିହାସିକ ଗଣେଶ ମୂର୍ତ୍ତି ।

# ଜିଲା କୃଷି ବିଜ୍ଞାନ କେନ୍ଦ୍ରର ଗାଜରଘାସ ଦମନ ସଚେତନତା

ମାଲକାନଗିରି, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗାଜରଘାସ ଦମନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ସଦର ବ୍ଲକ୍‌ର ଏମ୍‌ଭି ୯ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ମୁଣ୍ଡାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡାକ୍ତର ଦେବୀପ୍ରସାଦ ଦାସ ଓ ଉଦ୍ୟାନ କୃଷି ବୈଜ୍ଞାନିକ ଡାକ୍ତର ସିଦ୍ଧାର୍ଥକର ଛାତ୍ରୀଛାତ୍ରଙ୍କୁ ଗାଜରଘାସ ଦମନ ସମ୍ବନ୍ଧୀୟ ସଚେତନତା କରାଇଥିଲେ। ବିଶେଷକରି ଗାଜରଘାସ ଯୋଗୁ ହେଉଥିବା ହାନି, ପ୍ରଭାବ ଓ ଏହାର ନିରାକରଣ ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗାଜର ଘାସର ଯାନ୍ତ୍ରିକ, ରାସାୟନିକ ତଥା ଜୀବବିଜ୍ଞାନ କୌଶଳ ପ୍ରୟୋଗକରି ଦମନ କରିବା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର ।

# ଭାଜପାର ନୂଆ ମଣ୍ଡଳ ନେତୃତ୍ୱ ଘୋଷଣା

ଏମ୍‌ଭି ୭୯, ୨୩।୮ (ଭିକି ବାରିକ)

ପଡ଼ିଆ କଲ୍ୟାଣ ମଣ୍ଡପରେ ଭାଜପା ପକ୍ଷରୁ ନୂତନ ମଣ୍ଡଳ କମିଟିର ସ୍ୱାଗତ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗଦେବାପରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମଣ୍ଡଳ ସଭାପତି ଭାବେ କୋଟାମ୍ ବାଲାୟା, ସାଧାରଣ ସମ୍ପାଦକ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ ଓ କୋଷାଧ୍ୟକ୍ଷ ଦିଲୀପ ମଣ୍ଡଳଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ମେମ୍ବର ଅନ୍ୟାନ୍ୟ ପଦବୀଗୁଡିକ ଚୟନ କରିବେ ବୋଲି ଜଣାଯାଇଛି। ଏଥିରେ ଭାଜପା ଜିଲା ସଭାପତି ଅଶୋକ ପରିଡ଼ା, ବିଧାୟକ ପ୍ରତିନିଧି ନୀହାର ରାୟ, ଜିଲା ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ମଣ୍ଡଳ ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି ମନଦୀପନ ରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା କମଲ ମଣ୍ଡଳ ଓ କେ.ଭାସ୍କର ରାଓ ପ୍ରମୁଖ ଯୋଗ ଦେଇଥିଲେ ।


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

# ଜଙ୍ଗଲରୁ ୧୯୨ କିଲୋ ଗଞ୍ଜେଇ ଜବତ


ଜବତ ହୋଇଥିବା ଗଞ୍ଜେଇ ।

## କୋରୁକୋଣ୍ଡା ବ୍ଲକ

କୋରୁକୋଣ୍ଡା, ୨୩।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିମ୍‌ଟାପାଲ୍ଲୀ ପଞ୍ଚାୟତ କାତାପାଲି ଗ୍ରାମ ନିକଟ ଜଙ୍ଗଲରେ ୯ଟି ଜରି ବସ୍ତାରେ ଥିବା ୧ କୁଇଣ୍ଟାଲ ୯୨ କି.ଗ୍ରା. ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଗଞ୍ଜେଇ ଥିବା ନେଇ ସୂଚନା ମିଳିଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୨ ଟାରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଚଢ଼ାଉକରି ସେଠାରେ ରଖାଯାଇଥିବା ଗଞ୍ଜେଇ ଜବତ କରିଥିଲେ। ଏ ନେଇ ନଂ.୨୨୭/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ କେହି ବ୍ୟକ୍ତି ଗିରଫ ହୋଇନାହାନ୍ତି। ମାଜିଷ୍ଟ୍ରେଟ୍ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା।

# ଭାଜପା ନୂତନ ମଣ୍ଡଳ କମିଟିର ସ୍ୱାଗତ ସମ୍ବର୍ଦ୍ଧନା

ପଡିଆ, ୨୩।୮ (ଭାସ୍କର ରାଓ)

ପଡିଆ କଲ୍ୟାଣ ମଣ୍ଡପରେ ଭାଜପା ପକ୍ଷରୁ ନୂତନ ମଣ୍ଡଳ କମିଟିର ସ୍ୱାଗତ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗ ଦେବାପରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମଣ୍ଡଳ ସଭାପତି ଭାବେ କୋଟାମ୍ ବାଲାୟା, ସାଧାରଣ ସମ୍ପାଦକ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ ଓ କୋଷାଧ୍ୟକ୍ଷ ଦିଲ୍ଲୀପ ମଣ୍ଡଳଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ମେମ୍ବରମାନେ ଅନ୍ୟାନ୍ୟ ପଦବୀଗୁଡିକ ଚୟନ କରିବେ ବୋଲି ଜଣାଯାଇଛି। ଏଥିରେ ଭାଜପା ଜିଲା ସଭାପତି ଅଶୋକ ପରିଡା, ବିଧାୟକ ପ୍ରତିନିଧି ନୀହାର ରାୟ, ଜିଲା ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ମଣ୍ଡଳ ଏମ୍‌ପି ପ୍ରତିନିଧି ପି.ଭେଙ୍କେଟେଶ୍ୱର ରାଓ, ବିଧାୟକ ପ୍ରତିନିଧି ମନଦୀପନ ରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା କମଲ ମଣ୍ଡଳ ଓ କେ.ଭାସ୍କର ରାଓ ପ୍ରମୁଖ ଯୋଗ ଦେଇଥିଲେ ।


କର୍ମକର୍ତ୍ତା ଚୟନ ବୈଠକରେ ବିଧାୟକ ଓ ଭାଜପା କର୍ମୀମାନେ ।

# ୩୨୬ ନଂ. ଜାତୀୟ ରାଜପଥ ଅବରୋଧକଲେ ଚାଷୀ


ଉତ୍ତ୍ୟକ୍ତ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ମାଥିଲି, ୨୩।୮ (ସୁବାସ ଚନ୍ଦ୍ର ଖୁଲୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଲ୍ୟାମ୍ପସ୍‌ରେ ସାର ଯୋଗାଣରେ ଅନିୟମିତାକୁ ନେଇ ଚାଷୀମାନେ ଶନିବାର ୩୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ମାଥିଲି ଲ୍ୟାମ୍ପସ୍‌ରେ ସାର କଳାବଜାରରେ ବିକ୍ରି କରାଯାଉଥିବା ବେଳେ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣର ଶିକାର ହେଉଛନ୍ତି । ଏହାକୁ ବିରୋଧ ସହ ସାର ଯୋଗାଣ ଦାବିରେ ମାଥିଲି ବ୍ଲକ ଅଞ୍ଚଳରେ ଥିବା ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ମାଲକାନଗିରି–ଜୟପୁର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘଟଣାସ୍ଥଳରେ ମାଥିଲି ପୋଲିସ,ବିଡିଓ ପ୍ରମୋଦ କୁମାର ବେହେରାଙ୍କ ସହ ତହସିଲଦାର ମାନସୀ ଭୋଇ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସାର ଯୋଗାଣ ପାଇଁ ଜିଦ୍‌ରେ ଅଡି ବସିଛନ୍ତି ଚାଷୀ। ଅପରପକ୍ଷରେ କୋଟା ସରିଯାଇଥିବାରୁ ଆଉ ସାର ଯୋଗାଣ ହେବ ନାହିଁ ବୋଲି ଲ୍ୟାମ୍ପସ୍ ଏମ୍‌ଡି ସନ୍ତୋଷିନୀ ପରିଡ଼ା କହିଛନ୍ତି । ଲୋକେ ସାର ଯୋଗାଇଦେବାକୁ ବାରମ୍ବାର ଦାବି କରୁଥିଲେ । ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଆଦିବାସୀ ନେତା, ଲ୍ୟାମ୍ପସ୍‌ର ଡାଇରେକ୍ଟର ହଳଧର ପୂଜାରୀ ଆସି ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ବୁଝାଇ ଶୀଘ୍ର ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀ ଆନ୍ଦୋଳନରୁ ଓହରିଥିଲେ।

## ସାର ମିଳିବାରେ ଅନିୟମିତତା


## WATCO
## OFFICE OF THE GENERAL MANAGER, WATCO DIVISION-II, BHUBANESWAR

No.C-940

Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.21.08.2025**

| | | |
|---|---|---|
| 1 | Nos. of works | : **5 Nos of works** |
| 2 | Estimate cost | : Rs.18.54 Lakhs to Rs.84.32 lakhs |
| 3 | Period of completion | : 02 (Two) & 01 (One) Months |
| 4 | Class of contractor | : C & B Class |
| 5 | Date & Time of availability of bid document in the portal | : From 11.00 A.M. of Dt. 26.08.25 to 5.00 P.M. of 10.09.2025 |
| 6 | Last date / time of receipt of bids in the portal | : 5.00 P.M. of 10.09.2025 |
| 7 | Last date & time of seeking clarification | : 5.00 P.M. of 02.09.2025 |
| 8 | Date & time of opening of bids | : At 12.30 P.M. of 11.09.2025 |
| 9 | Name and address of the Officer Inviting Bid | : General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER
WATCO DIVISION-II, BHUBANESWAR
OIPR-13089/11/0028/2526



## OFFICE OF THE GENERAL MANAGER, WATCO DIVISION, BERHAMPUR

No.C-942

e-mail : gmwatcobam@gmail.com / Ph. No. 06802233978
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. WATCOBAM-07/2025-26 DTD. 20.08.2025**

| | | |
|---|---|---|
| 1. | Name of work | : Shifting of Water Supply Pump House inside the University from the Air Strip area in connection with Improvement to existing Airstrip at Rangailunda 2B category for the year 2023-24 under Deposit. |
| 2. | Estimated cost | : 97.27 Lakh (Approx.) |
| 3. | Period completion | : 3 (Three) months |
| 4. | Date & Time of availability of bid document in the Portal | : From 11.00 Hrs. of Dt.26.08.2025 to 17.30 Hrs. of Dt.09.09.2025 |
| 5. | Last date / Time for Bidding in the Portal | : 17.30 Hrs. of Dt.09.09.2025 |
| 6. | Date of opening of Tender | : On Dt.10.09.2025 at 11.00 Hrs. |
| 7. | Name and address of the Officer inviting tender | : General Manager, WATCO Division, Berhampur |

Further details can be seen from the e-procurement Portal : https://tendersodisha.gov.in.

Sd./- General Manager
WATCO Division, Berhampur
OIPR-13210/11/0005/2526



## झारखण्ड सरकार
## पथ निर्माण विभाग कार्यपालक अभियन्ता का कार्यालय
## पथ निर्माण विभाग, पथ प्रमण्डल, लातेहार (1st Call)

ई–प्रोक्योरमेंट सूचना
ई–टेन्डर रिफरेंस संख्या– RCD/LATEHAR /673/2025-26 दिनांक–22.08.2025

| | | |
|---|---|---|
| 1. | कार्य का नाम | महुआडांड (SH-09 पर) से लोध फॉल पथ (0.00 कि0मी0 से 16.100 कि0मी0) (कुल लम्बाई– 16.100 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2क. | प्राक्कलित राशि (रू0 में) | रू0 :– 13,06,21,231.00 (तेरह करोड़ छः लाख इक्कीस हजार दो सौ इकतीस रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–13,10,000.00 (तेरह लाख दस हजार) मात्र |
| 3. | कार्य पूर्ण करने की अवधि | 06 (छः) माह |
| 4. | वेवसाईट पर निविदा प्रकाशन की तिथि | 02.09.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 23.09.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
पथ निर्माण विभाग, पथ प्रमण्डल
लातेहार

PR 360239 (Road)25-26*D



## RANCHI MUNICIPAL CORPORATION
Kutuchery, Ranchi 834001
Contact No. : 0651-2211215, Fax: 06512211777
email: support@ranchimunicipal.com, website: www.ranchimunicipal.com

Tender Reference No:- 803 Date:- 22 /08 /2025

**Very Short Notice Inviting e-Tender – 2nd Call**

| S. No | Information | Details |
|---|---|---|
| 1 | Particulars of the work | Horticulture work at Hawai Nagar to Tupudana Chowk (Tupudana Road), OTC Ground to Pandra Pull, Aagman Banquet Hall to Kathal, Shahid Maidan to High Court with maintenance of 1 (one) year |
| 2 | Bid Validity days | 45 Days |
| 3 | Period of Work (including maintenance) | One Year |
| 4 | Location | Ranchi |
| 5 | Pin Code | 834001 |
| 6 | Pre Bid Meeting | 26/08/2025 at 1:00 pm |
| 7 | Pre Bid Meeting Address | Office of Dy. Administrator, Ranchi Municipal Corporation, Ranchi |
| 8 | Bid Opening Place | Office of Administrator, Ranchi Municipal Corporation, Ranchi |
| 9 | Tender Fee | Rs 5900/- Including all GST (Through online Payment gateway of jharkhandtenders.gov.in) |
| 10 | EMD Fee | Rs 26,200/- (Through online Payment gateway of jharkhandtenders.gov.in) |
| 11 | EMD Exemption Allowed | No |
| 12 | Tender Publishing Date on website (jharkhandtenders.gov.in) | 23 /08 / 2025 |
| 13 | Bid Submission Start Date | 23 /08 /2025 |
| 14 | Bid Submission End Date | 01 /09 /2025 till 3.00 pm |
| 15 | Bid Opening Date | 02 /09 /2025 At 3.00 pm |
| 16 | Inviting Officer | Dy. Administrator, Ranchi Municipal Corporation |
| 17 | Inviting Officer Address/email: | Ranchi Municipal Corporation, Kutchery, Ranchi – 834001 email: support @ranchimunicipal.com |

NOTE:- 1. Tender Fee and Earnest money deposit (EMD) is to be paid through online mode as per instruction of IT Dept. Govt. of Jharkhand letter no 120 dated 03.10.2023.
2. For further information please visit website:- **jharkhandtenders.gov.in &www.ranchimunicipal.com**

Sd/-
Dy. Administrator,
Ranchi Municipal Corporation, Ranchi.

PR 360274 (Ranchi Municipal Corporation) 25-26 (D)



## ODISHA HYDRO POWER CORPORATION LIMITED
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051
Phones : 06861-291058(O) / 06861-291048(R)
<E mail - bhep.balimela@gmail.com, unit.head_balimela@yahoo.com>

**TENDER CALL NOTICE NO. BHEP/31/2025-26** **DATED 20.08.2025**

**No.CAD-1560** : Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL. NO. | Description of Services | Cost of tender paper (Non-refundable) in Rs. | EMD shape of DD/ BC (Refundable in Rs.) | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF AMBULANCE (TATA WINGER) OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA | Rs.7080/- (Rupees Seven Thousand Eighty only) | Rs.19,006/- | From 26.08.2025 to up to 11.30 hrs. on 10.09.2025 | 11:30 Hrs of 10.09.2025 | 12:00 Hrs of 10.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0112/2526
Sd./- C&P Head, BHEP, Balimela



## Government of Odisha
## Higher Education Department

**Timeline for Phase-II e-Admission into U.G. Courses under SAMS in the Higher Education Institutions for the Academic Session 2025-26**

**No.N-** : Timeline for Phase-II e-Admission in all (+3) Degree HEIs including Self Financing (Degree) Colleges/ Sanskrit (Shastri) of the **State under Student Academic Management System (SAMS)** is given below. Any changes in the timeline will be published in the newspapers as well as in the website **www.samsodisha.gov.in.** Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website **www.samsodisha.gov.in** | 23-Aug-2025 (02:00 PM) |
| 2 | Last date for applying online Common Application **Form (CAF)** through **www.samsodisha.gov.in** | 03-Sept-2025 (up to 11:45 PM) |
| 3 | Editing of CAF **(if required)** for the CAF submitted earlier. No fresh CAF will be allowed during this period | 04-Sept-2025 (10.00 A.M. to 11:45 PM) |
| 4 | Publication of Provisional allotment of seats for **1st Round Selection along with the list of waitlisted applicants (for the remaining upper choice HEIs- Waiting Rank Wise) in HEI's e-Space as per the actual vacancy as on 04.09.2025** | 10-Sept-2025 (02:00 PM) |
| 5 | For First(1st) Round Admission: Reporting of selected applicants **(with the downloaded intimation letter from their Login)** and payment of admission fees at the allotted institutions, directly in online mode **(Net Banking/ Bank Challan/ NEFT/ UPI etc.)** for taking admission. | 11-Sept-2025 (10:00 AM) to 13-Sept-2025 (05:00 PM) |
| 6 | Data updation of the admitted students in the e-space by the respective Institutions **(for First Round Admission)** | 11-Sept-2025 (10:00 AM) to 13-Sept-2025 (11:45 PM) |
| 7 | **Physical Reporting of interested waitlisted applicants** for submission of CAF along with relevant documents in their **respective HEIs** for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf. | 15-Sept-2025 (10.00 AM) to 16-Sept-2025 (05:00 PM) |
| 8 | Publication of merit list among the reported waitlisted applicants at their Notice Board/HEI Website & communicate to the selected applicants via phone call/SMS. : | 17-Sept-2025 (02:00 PM) |
| 9 | Reporting of the waitlisted applicants for Validation of documents, Final Admission, Collection of Admission Fees directly **by the HEIs in online mode (Net Banking/ Bank Challan/NEFT/UPI etc.)** & Admission updation of the waitlisted applicants in their e-space | 18-Sept-2025 (10.00 AM) to 22-Sept-2025 (05:00 PM) (Except Holiday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B.** : Please go through the detailed U.G. Phase-II Guidelines available in SAMS U.G Portal

Sd./- Deputy Director
PTC Section
OIPR-11001/11/0103/2526



## Directorate of Higher Secondary Education, Odisha

**Vacant Seat e-Admission (Phase-II) in Higher Secondary Schools for the Session 2025-26**

**No.N-150** : The Phase-II e-Admission process for Class XI against vacant seats in Arts, Science, Commerce, Upashastri and Vocational streams in Higher Secondary Schools (HSSs) across the State, affiliated to CHSE (O) and Shree Jagannath Sanskrit University, Puri, Odisha will commence on **25th August 2025**. Admissions for the academic session 2025-26 will be conducted online through **www.samsodisha.gov.in**

**Eligibility Criteria :**
1. Applicants must have passed the HSC Exam of BSE, Odisha or an equivalent Board.
2. No reservation or weightage claim shall be considered for the vacant seat admission.

**Instructions :**
1. Applicants and their parents/guardians should read the **'Common Prospectus'** on the SAMS portal before submitting the online CAF.
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in the Phase-I e-Admission 2025-26 but were not selected in any Higher Secondary School may re-apply using their existing login without any additional CAF fee.**
4. **Applicants admitted in Phase-I, selected but not admitted, did not apply CAF in Phase-I, or took TC (General/Slide-up) on or before 31st August, 2025, must submit a fresh CAF with fee payment in Phase-II 1st Selection.**
5. **Applicants can edit their Common Application Form (CAF) four time.**
6. Apply and select the Higher Secondary School of your choice on your own. Never allow others to apply on your behalf.
7. Applicants are advised to fill out the online CAF carefully, as any errors may lead to rejection.
8. The list of Higher Secondary Schools with vacancies will be made available solely for preference and selection.
9. All relevant documents must be verified at the selected Higher Secondary School at the time of admission.
10. Phase-II **1st Selection** applicants admitted to their 1st choice HSS are not eligible for Phase-II SPOT selection.
11. All selected applicants **(admitted in a lower option, not admitted, or those needing error correction)** and non-selected applicants will have the opportunity to provide fresh options during the Phase-II online SPOT Selection admission choice locking process.
12. Students admitted earlier but selected in another HSS under Phase-II must bring the HSSLC from the previous institution.

**Procedures:**
1. Fresh applicants must register at **www.samsodisha.gov.in** using their mobile number and email. Previously registered applicants should use their existing login to apply afresh for admission.
2. All other processes, including application submission, will follow the provisions of the **'Common Prospectus'** available at **www.samsodisha.gov.in**.
3. In Phase-II 1st Selection, applicants will get selection details and intimation letters via **SMS/WhatsApp, SAMS login, HSS** merit list, and notice board.

**SAMS e-Admission (Vacant Seat) Schedule 2025-26 (Phase-II)**

| Sl No. | Activities | Timeline |
|---|---|---|
| 1 | Availability of On- line Common Application Form (CAF) in www.samsodisha.gov.in for Vacant Seat Admission | 25.08.2025 (03:00 PM) |
| 2 | Last date of applying on-line CAF through www.samsodisha.gov.in | 31.08.2025 (11:45 PM) |
| 3 | Publication of Phase-II 1st selection merit list | 04.09.2025 (03:30 PM) |
| 4 | Reporting of selected candidates at the Selected Higher Secondary School (HSS) for Admission | 06.09.2025 (10:00 AM) |
| 5 | Last date of reporting of selected candidates at the Selected HSS for Admission | 10.09.2025 (05:00 PM) |
| 6 | Last date for admission data updation and error correction by HSSs in SAMS e-Space login | 11.09.2025 (06:00 PM) |
| 7 | The **Choice Locking facility under Phase-II Online SPOT Selection admission** will be available for applicants to submit fresh HSS options through their respective student login. | 12.09.2025 (10:00 AM) |
| 8 | Last date for submission of **Choice Locking** for Phase-II, SPOT admission | 13.09.2025 (11:45 PM) |
| 9 | Publication of the on-line SPOT selection merit and 'waiting list (10 times to the balance sheet) | 17.09.2025 (03:00 PM) |
| 10 | Reporting & admission of candidates (merit list only) for on-line SPOT admission in the respective HSS | 18.09.2025 to 19.09.2025 (06:00 PM) |
| 11 | Registration of candidates (in form of **handwritten application**) from waiting list at selected HSSs if vacancy still exists | 22.09.2025 (09:00 AM to 03:00 PM) |
| 12 | Publication of merit list at HSS level out of the registered waiting list candidates | 22.09.2025 (04:30 PM) |
| 13 | Admission data updation of the students who took admission In the SPOT Selection by the HSSs in the e-Space | 23.09.2025 (10:00 AM) to 24.09.2025 (04:00 PM) |

**For more details, please contact Sanjog Helpline (Toll Free) Number 155335, 1800-345-6770**

Sd./- Director,
Higher Secondary Education
OIPR-11033/11/0018/2526

## ସଂକ୍ଷେପରେ

### ନ୍ୟୁୟର୍କରେ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ, ୫ ମୃତ

**ବସ୍‌ରେ ଥିଲେ ଅନେକ ଭାରତୀୟ**

ନ୍ୟୁୟର୍କ, ୨୩।୮

ଆମେରିକାର ନ୍ୟୁୟର୍କସ୍ଥିତ ବୁଫାଲୋ ଅଞ୍ଚଳରେ ଥିବା ଏକ ଜାତୀୟ ରାଜପଥରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣଙ୍କର ମୃତ୍ୟୁହୋଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ନିୟାଗାରା ଫଲ୍ସରୁ ନ୍ୟୁୟର୍କ ସିଟିକୁ ଫେରୁଥିବା ବେଳେ ଉକ୍ତ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ଜଣକ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବେଳେ ହଠାତ ନିୟନ୍ତ୍ରଣ ହରାଇଥିଲେ ଏବଂ ବସ୍‌ଟି ଓଲଟିପଡ଼ି ଏକ ଖାଲରେ ପଡ଼ିଯାଇଥିଲା। ଉକ୍ତ ବସ୍‌ରେ ଭାରତ, ଚାଇନା ଏବଂ ଫିଲିପାଇନ୍ସର ୫୪ ଜଣ ପର୍ଯ୍ୟଟକ ରହିଥିଲେ। ଘଟଣାସ୍ଥଳରୁ ରେସ୍କ୍ୟୁ ଟିମ୍ ୪୦ ଜଣଙ୍କୁ ଉଦ୍ଧାରକରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି।

### ଅନିଲ ଅମ୍ବାନୀ, ଆର୍‌କମ୍ ନାମରେ ସିବିଆଇ ମାମଲା



ନୂଆଦିଲ୍ଲୀ/ମୁମ୍ବାଇ, ୨୩।୮ (ପି.ଟି.)

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରୁ ୨୯୨୯.୦୫ କୋଟି ଟଙ୍କା ଜାଲିଆତି ମାମଲାରେ ସିବିଆଇ ରିଲାଏନ୍ସ କମ୍ୟୁନିକେଶନ ଲିଃ (ଆର୍‌କମ୍) ଓ ଏହାର ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହିତ ଶନିବାର ସିବିଆଇର ୨ଟି ଟିମ୍ ଆର୍‌କମ୍ କାର୍ଯ୍ୟାଳୟ ଏବଂ ଅନିଲଙ୍କ ମୁମ୍ବାଇସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ଏସ୍‌ବିଆଇର ଅଭିଯୋଗ ଆଧାରରେ ଆର୍‌କମ୍, ଅନିଲ ଅମ୍ବାନୀଙ୍କ ସମେତ କେତେଜଣ ସରକାରୀ ଅଧିକାରୀ ଓ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସ ଭଙ୍ଗ ଆଦି ଅଭିଯୋଗରେ ମାମଲା ରୁଜୁ ହୋଇଥିବା ସିବିଆଇ କହିଛି।

### ଟ୍ରକ୍-ଭ୍ୟାନ୍ ଧକ୍କା, ୮ ମୃତ

ପାଟନା, ୨୩।୮ (ପି.ଟି.)

ବିହାରର ରାଜଧାନୀ ପାଟନାର ଉପକଣ୍ଠସ୍ଥିତ ଶାହଜହାଁପୁର ଅଞ୍ଚଳରେ ଶନିବାର ଏକ ଟ୍ରକ୍ ଏବଂ ମିନି ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ରହିଛନ୍ତି। ଦୁର୍ଘଟଣାରେ ୪ ଆହତଙ୍କୁ ନିକଟସ୍ଥ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ପାଟନା (ଗ୍ରାମୀଣ) ଏସ୍‌ପି ବିକ୍ରମ ସିଂ କହିଛନ୍ତି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଜଣକ ଫେରାର ହୋଇଯାଇଥିବା ସେ କହିଛନ୍ତି। ଦୁର୍ଘଟଣାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକାଶ କରିଛନ୍ତି।

**ଗାଜା ଦୁର୍ଗତଙ୍କ ନାଁରେ ଚାନ୍ଦା ସଂଗ୍ରହ**

### ଗୁଜରାଟରୁ ସିରିଆ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ଗିରଫ

ଅହମଦାବାଦ, ୨୩।୮


ଗାଜା ଯୁଦ୍ଧ ଦୁର୍ଗତଙ୍କୁ ସହାୟତା ପ୍ରଦାନ ନାଁରେ ସିରିଆର ଏକ ଗ୍ୟାଙ୍ଗ୍ ବିଭିନ୍ନ ମସ୍‌ଜିଦ୍‌ରୁ ଚାନ୍ଦା ସଂଗ୍ରହ କରୁଥିବା ଅହମଦାବାଦ କ୍ରାଇମ୍‌ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଉକ୍ତ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ଗୁଜରାଟ ପୋଲିସ ଗିରଫ କରିଛି। ତାଙ୍କ ନାଁ ଅଲି ମେଘାତ ଅଲ୍-ଅଜହର। ସେ ଓ ତାଙ୍କ ସହଯୋଗୀମାନେ ଗାଜା ଦୁର୍ଗତଙ୍କ କଲ୍ୟାଣ ପାଇଁ ଗୁଜରାଟର ବିଭିନ୍ନ ମସ୍‌ଜିଦରୁ ଚାନ୍ଦା ସଂଗ୍ରହ କରୁଥିଲେ। ତେବେ ଉକ୍ତ ଅର୍ଥକୁ ସେମାନେ ବାସ୍ତବରେ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ବ୍ୟବହାର କରୁଥିବା ଅଜହର ଜେରା ବେଳେ ସ୍ୱୀକାର କରିଛନ୍ତି। ତାଙ୍କର ୩ ସହଯୋଗୀ ଫେରାର ହୋଇଯାଇଛନ୍ତି। ଭିଜା ନିୟମ ଉଲ୍ଲଂଘନ କରି ସେମାନେ ଟ୍ୟୁରିଷ୍ଟ ଭିଜାରେ ଭାରତରେ ପ୍ରବେଶ କରିଥିବା ପୋଲିସ ସନ୍ଦେହ କରୁଛି।

# ସୁଯୋଗ ହୋଇପାରେ ଟ୍ରମ୍ପଙ୍କ ଛାଟ


## ଭାରତ-ଚାଇନା-ରୁଷିଆ ବିଶ୍ୱମଞ୍ଚରେ ନୂଆ ଆର୍ଥିକ ପାୱାର ହାଉସ୍



ନରେନ୍ଦ୍ର ମୋଦି



ଶି ଜିନ୍‌ପିଙ୍ଗ୍



ଭ୍ଲାଡିମିର ପୁଟିନ୍

ନୂଆଦିଲ୍ଲୀ, ୨୩।୮

ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଆଲାସ୍କାରେ ପରସ୍ପରକୁ ସାକ୍ଷାତ୍ କରିସାରିଛନ୍ତି। ତାରିଖ ଓ ସ୍ଥାନ ନିର୍ଦ୍ଧାରିତ ହୋଇ ନ ଥିଲେ ମଧ୍ୟ ପୁଟିନ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଟାରିଫ୍‌କୁ ନେଇ ବିବାଦ ଲାଗିରହିଥିବାବେଳେ ବେଜିଂଠାରୁ ମସ୍କୋ ଓ ନୂଆଦିଲ୍ଲୀ ପର୍ଯ୍ୟନ୍ତ ପାୱାର କରିଡରରେ ବିଶ୍ୱର ଅର୍ଥନୈତିକ ସ୍ଥାପତ୍ୟକୁ ନେଇ ଏକ ରଣନୈତିକ ମହାମିଳନ ରୂପ ନେବାକୁ ଯାଉଛି। ଉପରୁ କୂଟନୈତିକ ପଦକ୍ଷେପ ବୋଲି ମନେହେଉଥିଲେ ହେଁ ବାସ୍ତବରେ ଏହାର ପରିଣାମ ଏକ ବାଣିଜ୍ୟିକ ପୁନର୍ବିନ୍ୟାସକୁ ଜନ୍ମ ଦେଇପାରେ।

ରୁଷିଆ ରାଷ୍ଟ୍ରପତି ପୁଟିନ୍ ୨୦୨୫ ଶେଷ ଆଡ଼କୁ ଭାରତ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩୧ରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ ଚାଇନା ଯିବେ। ଏହା ରୁଟିନ୍ ଡିପ୍ଲୋମାସି ନୁହେଁ, ବରଂ ଡ୍ରାଗନ୍, ଭାଲୁ ଓ ବାଘକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ପ୍ରୟାସ। ବିଶେଷଜ୍ଞଙ୍କ ମତରେ ଆମେ ଏକଧ୍ରୁବୀୟ ଅର୍ଥନୀତିରେ ବସବାସ କରୁ ନ ଥିବାରୁ ସାମ୍ପ୍ରତିକ ବୈଶ୍ୱିକ ଅର୍ଥନୀତିକୁ ଟ୍ରମ୍ପଙ୍କ ଟାରିଫ୍ ବିଶେଷ ପ୍ରଭାବିତ କରି ନ ପାରେ। ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ଜନ୍ମ ପରଠୁ ଦୀର୍ଘ ସାଢ଼େ ୩ ଦଶନ୍ଧି ଧରି ବୈଶ୍ୱିକ ଅର୍ଥନୀତି ବହୁପାକ୍ଷିକ ହୋଇଯାଇଛି। ଏଭଳି ସ୍ଥିତିରେ ଚାଇନା, ଭାରତ ଓ ରୁଷିଆ ନିଜ ରାଜନୈତିକ ଅହଂକାରକୁ ପରିତ୍ୟାଗ କରି ବର୍ତ୍ତମାନର ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟବସାୟିକ ସ୍ରୋତକୁ ଅବ୍ୟାହତ ରଖିବାକୁ ଆପାତତଃ ପ୍ରସ୍ତୁତ ହୋଇଛନ୍ତି। ତେବେ ପରିବର୍ତ୍ତିତ ଭୂରାଜନୈତିକ ବ୍ୟବସ୍ଥାରେ ଟ୍ରମ୍ପଙ୍କ ଟାରିଫ୍ ଏହି ୩ ଦେଶ ପାଇଁ ଏକ ନୂଆ ପୁନର୍ବିନ୍ୟାସର ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି। ଭାରତ-ଚାଇନା-ରୁଷିଆ ୩ ମହାଶକ୍ତି ଭାବେ ଉଭା ହୋଇପାରନ୍ତି ବୋଲି ମନେକରାଯାଉଛି। ବିଶ୍ୱ ଅର୍ଥନୀତିରେ ଆମେରିକୀୟ ଡଲାର ଉପରେ ଅତ୍ୟଧିକ ନିର୍ଭରଶୀଳତା ମଧ୍ୟ ୩ ଦେଶ ପାଇଁ ସମ୍ପର୍କ ବୃଦ୍ଧିର କାରଣ ପାଲଟିଛି।

ନିକଟରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ନୂଆଦିଲ୍ଲୀ ଗସ୍ତରେ ଆସିବା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମସ୍କୋ ଗସ୍ତ କରି ପୁଟିନ୍‌ଙ୍କୁ ଭେଟିଥିଲେ। ରୁଷିଆ ସହ ସମ୍ପର୍କକୁ ଅଧିକ ମଜଭୁତ କରିବାଠୁ ନେଇ ଚାଇନା ସହିତ ଭାରତର ସୀମା ଉପରେ ସହମତିରେ ପହଞ୍ଚିବା ଏବଂ ଟ୍ରମ୍ପଙ୍କୁ ଡିଲ୍ କରିବା ଭାରତୀୟ କୂଟନୀତି ପାଇଁ ସ୍ୱଳ୍ପ ସମୟ ଭିତରେ ଏକ ବଡ଼ ପଦକ୍ଷେପ ହୋଇପାରେ। ବେଜିଂ ଓ ମସ୍କୋରୁ ଭାରତର ସନ୍ଦେଶକୁ ଆମେରିକା କେଉଁ ଦୃଷ୍ଟିରେ ଦେଖୁଛି, ତାହା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ହଠାତ୍ କୂଟନୈତିକ ଖେଳ ଭାରତକୁ ଏକ ପରିବର୍ତ୍ତିତ କୂଟନୈତିକ ପଥରେ ଅଗ୍ରସର କରାଇଛି। ଏଭଳି ସ୍ଥିତିରେ ଭାରତ-ଚାଇନା-ରୁଷିଆ ବିଶ୍ୱମଞ୍ଚରେ କିଭଳି ଭାବେ ଏକ ମିଳିତ ପାୱାର ହାଉସ୍‌ର ଭୂମିକା ନେବେ ତାହା ଲକ୍ଷ୍ୟ କରାଯାଇପାରେ।

**୧. ଏକତାର ଶକ୍ତି:** ଭେଲମ୍ କ୍ୟାପିଟାଲ ପ୍ରତିଷ୍ଠାତା ମନୀଷ ଭଣ୍ଡାରୀ ଭାରତ-ଚାଇନା-ରୁଷିଆର ଉତ୍ଥାନକୁ ଲକ୍ଷ୍ୟକରି କହିଛନ୍ତି, ଚାଇନାର ବିନିର୍ମାଣ ଆଧିପତ୍ୟ, ରୁଷିଆର ଶକ୍ତି ପ୍ରାଧାନ୍ୟତା ଏବଂ ଭାରତର ସର୍ଭିସ୍ ଇକୋନୋମି ତଥା ବୃହତ୍ ବଜାର ପାରମ୍ପରିକ ପାଶ୍ଚାତ୍ୟ ନିୟନ୍ତ୍ରିତ ବାଣିଜ୍ୟିକ ରୁଟ୍‌ର ଏକ ବିକଳ୍ପ ରୂପେ ଉଭା ହୋଇଛି। ୮.୨ ବିଲିୟନ୍ ଜନସଂଖ୍ୟା ବିଶିଷ୍ଟ ଏବଂ ୧୬୩ ଟ୍ରିଲିୟନ୍ ଡଲାର ମୂଲ୍ୟର ସାମରିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପୃଥିବୀରେ ୩ ପୁରୁଣା ଖେଳାଳି ବିଶ୍ୱମଞ୍ଚରେ ଆଧିପତ୍ୟ ବିସ୍ତାର କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ୩ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ହେଉଛି ୫୩.୯ ଟ୍ରିଲିୟନ୍ ଡଲାର, ଯାହାକି ବିଶ୍ୱର ମୋଟ ଏକତୃତୀୟାଂଶ। ଟ୍ରମ୍ପଙ୍କ ଟାରିଫ୍ ଏହି ୩ ଦେଶକୁ ବିଶ୍ୱ ବଜାରରୁ ବାହାର କରିବାକୁ ଏକ ଉଦ୍ୟମ ରୂପେ ଦେଖାଯାଉଛି।

**୨. ରପ୍ତାନିରେ ଆଧିପତ୍ୟ:** ଭାରତ-ଚାଇନା-ରୁଷିଆର ମିଳିତ ରପ୍ତାନି ୫.୦୯ ଟ୍ରିଲିୟନ୍ ଡଲାର, ଯାହାକି ବିଶ୍ୱର ମୋଟ ରପ୍ତାନିର ଏକପଞ୍ଚମାଂଶ। ଏହି ୩ ଦେଶର ମୋଟ ବିଦେଶୀ ମୁଦ୍ରାର ପରିମାଣ ହେଉଛି ୪.୭ ଟ୍ରିଲିୟନ୍ ଡଲାର। ୩ ଦେଶର ୩.୧ ବିଲିୟନ୍ ନାଗରିକ ବିଶ୍ୱ ଜନସଂଖ୍ୟାର ୩୭.୮%। ଏହି ପୃଷ୍ଠଭୂମିରେ ଭାରତ-ଚାଇନା-ରୁଷିଆ ମାନବ ଇତିହାସର ସବୁଠୁ ବୃହତ୍ ଓ କ୍ଷୁଧାର୍ଥ ଉପଭୋକ୍ତା ବଜାରକୁ ନିୟନ୍ତ୍ରଣ କରୁଛନ୍ତି।

**୩. ଡଲାର ଉପରେ ଅତ୍ୟଧିକ ନିର୍ଭରଶୀଳତା:** ବାସବ କ୍ୟାପିଟାଲ ସହପ୍ରତିଷ୍ଠାତା ସନ୍ଦୀପ ପାଣ୍ଡେ କହିଛନ୍ତି, ବର୍ତ୍ତମାନର ବ୍ୟବସାୟିକ ପୃଷ୍ଠଭୂମିରେ ଡଲାର ଉପରେ ନିର୍ଭରଶୀଳତା ବଢ଼ିଯାଇଛି। ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ବଜାରରେ ସ୍ଥିତାବସ୍ଥା ବଜାୟ ରଖିବା ପାଇ ଉଦ୍ଦିଷ୍ଟ। ଟ୍ରମ୍ପ ପ୍ରଶାସନ ସମସ୍ତ ଦେଶକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଡଲାରରେ ବିନିମୟ କରନ୍ତୁ ବୋଲି ଚାହେଁ। ଡିଡଲାରାଇଜେଶନ୍ ଉଦ୍ୟମ ବଢୁଥିବାବେଳେ ରୁଷିଆ ଉପରେ କଟକଣା ଭାରତ ଓ ଚାଇନାକୁ ନିଜ ମୁଦ୍ରାରେ ତୈଳ କିଣିବା ସୁଯୋଗ ଦେଇଛି। ଏହି ଧାରା ଜାରି ରହିଲେ ଡଲାର ଦୁର୍ବଳ ହେବ ବୋଲି ସେ ମତ ଦେଇଛନ୍ତି।

**୪. ପ୍ରତିରକ୍ଷା ଓ ଶକ୍ତି:** ଭାରତ-ଚାଇନା-ରୁଷିଆ କେବଳ ବଢୁନାହାନ୍ତି, ବରଂ ନମନୀୟ ହେଉଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ୫୪୯ ବିଲିୟନ୍ ଡଲାର ଖର୍ଚ୍ଚ କରୁଛନ୍ତି, ଯାହାକି ବିଶ୍ୱ ପ୍ରତିରକ୍ଷା ବଜେଟର ୨୦.୨%। ସେହିପରି ବିଶ୍ୱ ଶକ୍ତି ବ୍ୟୟର ୩୫% ଏହି ୩ ଦେଶର ବଜାର, ମେଗା ସିଟି ଓ ଚିନ୍ତାଧାରାକୁ ପ୍ରଭାବିତ କରିଛି ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

### ସର୍ଜିୟୋ ଗୋର୍ ଭାରତରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ



ୱାଶିଂଟନ, ୨୩।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଗତ ହ୍ୱାଇଟ୍ ହାଉସ୍ ପର୍ସୋନେଲ୍ ଡାଇରେକ୍ଟର ସର୍ଜିୟୋ ଗୋର୍ ଭାରତ ପାଇଁ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଛନ୍ତି। ବାଣିଜ୍ୟ ପ୍ରସଙ୍ଗକୁ ନେଇ ଭାରତ-ଆମେରିକା ସମ୍ପର୍କରେ ତିକ୍ତତା ଦେଖାଦେଇଥିବାବେଳେ ୩୮ ବର୍ଷୀୟ ଗୋର୍‌ଙ୍କୁ ପ୍ରମୁଖ ରାଷ୍ଟ୍ରଦୂତ ପଦବୀରେ ଅବସ୍ଥାପିତ କରାଯାଉଥିବା ଟ୍ରମ୍ପ ଘୋଷଣା କରିଛନ୍ତି। ସେ ମଧ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ବ୍ୟାପାର ପାଇଁ ସ୍ୱତନ୍ତ୍ର ଦୂତ ଭାବେ କାର୍ଯ୍ୟ କରିବେ। ୨୦୨୪ ରାଷ୍ଟ୍ରପତି ନିର୍ବାଚନ ବେଳେ ଟ୍ରମ୍ପଙ୍କ ପ୍ରଚାର ପାଇଁ ଥିବା ପଲିଟିକାଲ ଆକ୍ସନ କମିଟି (ପିଏସି)ରେ ଗୋର୍ ପ୍ରମୁଖ ଭୂମିକା ତୁଲାଇଥିଲେ। ନୂଆ ପ୍ରଶାସନରେ ତାଙ୍କୁ ରାଜନୈତିକ ନିଯୁକ୍ତିଗୁଡ଼ିକର ଯାଞ୍ଚ ଦାୟିତ୍ୱ ଦିଆଯିବାରୁ ତାଙ୍କ ପ୍ରଭାବ ବହୁଗୁଣିତ ହୋଇଥିଲା। ଗତ ଜାନୁଆରୀରେ ଭାରତ ପାଇଁ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ଇସ୍ତଫା ଦେବା ପରେ ନୂଆ ରାଷ୍ଟ୍ରଦୂତ ନିଯୁକ୍ତି ଲାଗି ଟ୍ରମ୍ପ ପ୍ରଶାସନକୁ ସୁଯୋଗ ମିଳିଥିଲା।

# ଚମୋଲିରେ ବାଦଲଫଟା ବର୍ଷା

**ଭୂସ୍ଖଳନରେ ବହୁ ଘର, ଗାଡ଼ି କ୍ଷତିଗ୍ରସ୍ତ**

ଡେରାଡୁନ୍, ୨୩।୮



ଉତ୍ତରାଖଣ୍ଡର ଚମୋଲି ଜିଲାରେ ଶନିବାର ଭୋର ସମୟରେ ବାଦଲଫଟା ବର୍ଷା ଯୋଗୁ ହଠାତ୍ ବନ୍ୟା ଆସିବା ସହ ଭୂସ୍ଖଳନ ଘଟି ବହୁ ଘର ଓ ଗାଡ଼ି ମାଟି ଅତଡ଼ା ତଳେ ପୋତିହୋଇଯାଇଛି। କବିତା ନାମ୍ନୀ ଜଣେ ୨୦ ବର୍ଷୀୟା ଯୁବତୀ ଭଗ୍ନାବଶେଷ ତଳେ ରହିଯାଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫର ଉଦ୍ଧାରକାରୀ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ହଠାତ୍ ବନ୍ୟା ଯୋଗୁ ରାସ୍ତା ଅବରୋଧ ହୋଇଯାଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କ ରହିବା ପାଇଁ ରିଲିଫ୍ କ୍ୟାମ୍ପ ଖୋଲାଯାଇଥିବାବେଳେ ଘଟଣାସ୍ଥଳରେ ଜିଲାପାଳ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଭୂସ୍ଖଳନ ଯୋଗୁ ଥାଲ୍-ମୁନସ୍ୟାରି ଏବଂ ମୁନ୍‌ସ୍ୟାରି-ମିଲନ ରାସ୍ତା ଅବରୋଧ ହୋଇଛି। ବର୍ଷା ଓ ଭୂସ୍ଖଳନପ୍ରବଣ ଅଞ୍ଚଳରେ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ୨୫ରୁ ଆମେରିକାକୁ ପାର୍ସଲ ସେବା ସ୍ଥଗିତ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଅଗଷ୍ଟ ୨୫ରୁ ଆମେରିକାକୁ ଅଧିକାଂଶ ଅନ୍ତର୍ଜାତୀୟ ଡାକ ସେବା ସ୍ଥଗିତ ରଖିବାକୁ ଡାକ ବିଭାଗ ଶନିବାର ଘୋଷଣା କରିଛି। ଆମେରିକା ସରକାର ଆଣିଥିବା କେତେକ ନିୟାମକ ଅନ୍ତର୍ଜାତୀୟ ପରିବହନକୁ ପ୍ରଭାବିତ କରିବାକୁ ଥିବାରୁ ତାହାର ପ୍ରତିବାଦରେ ଡାକ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ନିୟାମକରେ ସ୍ପଷ୍ଟତା ନ ଥିବାରୁ ଆମେରିକା ଚଳାଚଳ କରୁଥିବା ବିମାନଗୁଡ଼ିକ ମାଲ୍ ପରିବହନ ପାଇଁ ମନା କରିଦେଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଚିଠି ଓ ଦସ୍ତାବିଜ୍ ପ୍ରେରଣ ଏବଂ ୧୦୦ ଡଲାର ପର୍ଯ୍ୟନ୍ତ ଉପହାର ସାମଗ୍ରୀ ପାର୍ସଲ ସେବା ଜାରି ରହିବ। ଆମେରିକାରେ ୧୦୦ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଉପରେ ଅଗଷ୍ଟ ୨୯ରୁ ସୀମା ଶୁଳ୍କ ଲାଗୁ ହେବ ବୋଲି ଗତ ଜୁଲାଇ ୩୦ରେ ଟ୍ରମ୍ପ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଥିଲା। ଅନ୍ତର୍ଜାତୀୟ ପୋଷ୍ଟାଲ ନେଟ୍‌ୱର୍କ କିମ୍ବା ଆମେରିକା ସୀମାଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ଯୋଗ୍ୟ ସଂସ୍ଥା ଦ୍ୱାରା ସାମଗ୍ରୀ ପ୍ରେରଣ ପାଇଁ ପୋଷ୍ଟାଲ ଶିପ୍‌ମେଣ୍ଟ ଶୁଳ୍କ ସଂଗ୍ରହ ଓ ପୈଠ କରିବାକୁ ହେବ ବୋଲି ଏଥିରେ କୁହାଯାଇଥିଲା। ପୂର୍ବରୁ ୮୦୦ ଡଲାର ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ବ୍ୟବସ୍ଥା ଥିବାବେଳେ ତାହାକୁ ପ୍ରତ୍ୟାହାର କରାଯାଇଛି।

### ବିସ୍ତୃତ ମହାକାଶ ଗବେଷଣା ପାଇଁ ପ୍ରସ୍ତୁତ ହୁଅ

**ଜାତୀୟ ମହାକାଶ ଦିବସରେ ବୈଜ୍ଞାନିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ**

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଦ୍ୱିତୀୟ ଜାତୀୟ ମହାକାଶ ଦିବସକୁ ଶନିବାର ଦେଶବ୍ୟାପୀ ପାଳନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ମହାକାଶ ବୈଜ୍ଞାନିକମାନଙ୍କୁ ଭିଡିଓ ମାଧ୍ୟମରେ ସମ୍ବୋଧନ କରି କହିଛନ୍ତି, ମାନବଜାତିର ଭବିଷ୍ୟତକୁ ଉଜ୍ଜ୍ୱଳ କରୁଥିବା ରହସ୍ୟଗୁଡ଼ିକୁ ଉନ୍ମୋଚନ କରିବା ଦିଗରେ ଏକ ବିସ୍ତୃତ ମହାକାଶ ଗବେଷଣା ମିଶନର ଆବଶ୍ୟକତା ରହିଛି। ଏଥିପାଇଁ ବୈଜ୍ଞାନିକମାନେ ପ୍ରସ୍ତୁତ ହୁଅନ୍ତୁ। ଆଗାମୀ ଦିନରେ ବିସ୍ତୃତ ମହାକାଶ ଗବେଷଣା କ୍ଷେତ୍ରରେ ବୈଜ୍ଞାନିକମାନେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭବିଷ୍ୟତର ବିଭିନ୍ନ ମିଶନ ପାଇଁ ମହାକାଶଚାରୀଙ୍କ ଏକ ଦଳ ଗଠନ କରିବା ଦିଗରେ ଭାରତ ପ୍ରସ୍ତୁତ ହେଉଥିବା ସେ କହିଛନ୍ତି। ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ବଳରେ ଆଗାମୀ ଦିନରେ ଭାରତ ଗଗନୟାନ ମିଶନ ଲଞ୍ଚ୍ କରିବା ସହ ନିଜସ୍ୱ ମହାକାଶ ଷ୍ଟେଶନ ନିର୍ମାଣ କରିବ ବୋଲି ମୋଦି କହିଛନ୍ତି। ସେହିପରି ଆଗାମୀ ୧୫ ବର୍ଷ ମଧ୍ୟରେ ୧୦୦ରୁ ଅଧିକ ସାଟେଲାଇଟ ଉତ୍କ୍ଷେପଣ କରିବାକୁ ଭାରତର ଯୋଜନା ରହିଥିବା ନେଇ ଏହି ଅବସରରେ କେନ୍ଦ୍ର ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ।

**ବେଆଇନ ବେଟିଂ ମାମଲା**

### କର୍ନାଟକ କଂଗ୍ରେସ ବିଧାୟକ ବୀରେନ୍ଦ୍ର ଗିରଫ

ନୂଆଦିଲ୍ଲୀ, ୨୩।୮

ବେଆଇନ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବେଟିଂରେ ସମ୍ପୃକ୍ତ ଥିବା ଅଭିଯୋଗରେ କର୍ନାଟକର କଂଗ୍ରେସ ବିଧାୟକ କେ.ସି. ବୀରେନ୍ଦ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଗ୍ୟାଙ୍ଗ୍‌ଟକରୁ ଗିରଫ କରିଛି। ବିଧାୟକ ଓ ତାଙ୍କ ସହଯୋଗୀମାନେ ଏକ କାସିନୋ ପାଇଁ ଜମି ଲିଜ୍‌ରେ ନେବାକୁ ସିକିମ୍‌ର ଗ୍ୟାଙ୍ଗ୍‌ଟକ ଯାଇଥିଲେ। ମନିଲଣ୍ଡରିଂ ନିରୋଧୀ ସଂସ୍ଥା ଶୁକ୍ରବାର ବୀରେନ୍ଦ୍ରଙ୍କ ସହ ସମ୍ପୃକ୍ତ ୩୦ଟି ସ୍ଥାନରେ ଚଢ଼ାଉ କରି ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ସମେତ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର, ୧୦ କିଲୋଗ୍ରାମ ରୁପା ସାମଗ୍ରୀ ଏବଂ ୪ଟି କାର୍ ଜବତ କରିଥିଲା। ବୀରେନ୍ଦ୍ରଙ୍କ ୧୭ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୨ଟି ବ୍ୟାଙ୍କ ଲକରକୁ ଇଡି ଅଚଳ କରିଛି। ବୀରେନ୍ଦ୍ରଙ୍କ ଭାଇ କେ.ସି. ନାଗରାଜ ଏବଂ ପୁଅ ପୃଥ୍ୱୀ ଏନ୍. ରାଜଙ୍କ ଘରୁ ବହୁ ସମ୍ପତ୍ତି ଦସ୍ତାବିଜ୍ ଜବତ ହୋଇଛି। ତାଙ୍କ ଅନ୍ୟ ସହଯୋଗୀଙ୍କ ମଧ୍ୟରେ ଭାଇ କେ.ସି. ଥିପ୍ପେସ୍ୱାମୀ ଏବଂ ପୃଥ୍ୱୀ ଏନ୍. ରାଜ ଦୁବାଇରୁ ଅନ୍‌ଲାଇନ ଗେମିଂ ପରିଚାଳନା କରୁଥିଲେ। ଚଢ଼ାଉ ବେଳେ ଆପରାଧିକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ବୀରେନ୍ଦ୍ରଙ୍କୁ ଗ୍ୟାଙ୍ଗ୍‌ଟକ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଛି। ବିଧାୟକଙ୍କର ଗୋଆରେ ଥିବା ୫ଟି କାସିନୋ ଉପରେ ଚଢ଼ାଉ କରାଯାଇଥିଲା। କିଙ୍ଗ୍୫୬୭, ରାଜା୫୬୭, ପପ୍ପି୦୦୩ ଏବଂ ରତ୍ନ ଗେମିଂ ନାମରେ ବିଧାୟକ ବୀରେନ୍ଦ୍ର ଅନେକ ଅନ୍‌ଲାଇନ ବେଟିଂ ସାଇଟ୍ ଚଳାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।



କେ.ସି. ବୀରେନ୍ଦ୍ର

**ନଗଦ ୧୨ କୋଟି ଟଙ୍କା, ୬ କୋଟିର ସୁନା ଜବତ**

**ଫୁରସତ୍**

### ‘ଏମ୍‌ଏସ୍‌ଭିଜି’ରେ ଚିରଞ୍ଜୀବୀ, ଭେଙ୍କଟେଶ ଏକାଠି



ଚିରଞ୍ଜୀବୀ

ହାଇଦ୍ରାବାଦ

ଖୁବ୍‌ଶୀଘ୍ର ‘ମନ ଶଙ୍କର ବରପ୍ରସାଦ ଗାରୁ (ଏମ୍‌ଏସ୍‌ଭିଜି)’ ଫିଲ୍ମରେ ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ଏବଂ ଭେଙ୍କଟେଶଙ୍କୁ ଏକାଠି ଦେଖିବାକୁ ମିଳିବ। ଶୁକ୍ରବାର ଫିଲ୍ମର ଟାଇଟଲ ଲଞ୍ଚିଂ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅନିଲ ରବିପୁଡ଼ି ଏହି ଘୋଷଣା କରିଛନ୍ତି। ଏହି ସୂଚନା ସାମ୍ନାକୁ ଆସିବା ପରେ ଉଭୟ ଚିରଞ୍ଜୀବୀ ଏବଂ ଭେଙ୍କଟେଶଙ୍କ ପ୍ରଶଂସକ ଫିଲ୍ମକୁ ନେଇ ଉତ୍ସାହିତ ହୋଇପଡ଼ିଛନ୍ତି। ଗତ କିଛିଦିନ ଧରି ଏନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା, ଯାହା ଉପରେ ଅନିଲ ମୋହର ଲଗାଇଛନ୍ତି। ‘ଏମ୍‌ଏସ୍‌ଭିଜି’ ଫିଲ୍ମରେ ଭଏସ୍ ଓଭର ଦେବା ସହ ଅଭିନୟ କରିବା ନେଇ ଭେଙ୍କଟେଶ ରାଜି ହୋଇଥିବା ନେଇ ଅନିଲ ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ଚିରଞ୍ଜୀବୀଙ୍କ ବିପକ୍ଷରେ ଅଭିନେତ୍ରୀ ନୟନତାରା ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସେହିପରି ଭେଙ୍କଟେଶଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ‘ଏମ୍‌ଏସ୍‌ଭିଜି’ ଏକ କମେଡି ଆକ୍ସନ ଫିଲ୍ମ ହୋଇଥିବାବେଳେ ଏଥିରେ ଚିରଞ୍ଜୀବୀଙ୍କ ଲୁକ୍ ଉପରୁ ପୂର୍ବରୁ ପରଦା ଉଠିସାରିଛି।

### ଅପରାଧ କମାଉଛି ହୋଲୋଗ୍ରାଫିକ୍ ପୋଲିସ

ସିଓଲ

ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଏକ ପାର୍କରେ ସ୍ଥାନୀୟ ପୋଲିସ ପକ୍ଷରୁ ଲୋକଙ୍କ ମଧ୍ୟରେ ସୁରକ୍ଷା ଭାବନା ବୃଦ୍ଧି କରିବା ଏବଂ ଅପରାଧ କମାଇବା ଦିଗରେ ପରୀକ୍ଷାମୂଳକ ଭାବେ ଏକ ହୋଲୋଗ୍ରାଫିକ୍ ପୋଲିସକୁ ନିୟୋଜନ କରାଯାଇଛି। ଏହି ପୋଲିସ ଲୋକମାନଙ୍କୁ ସୁରକ୍ଷା ସମ୍ବନ୍ଧିତ ଆବଶ୍ୟକ ସୂଚନା ଦେବା ସହ ବିଭିନ୍ନ ଅପରାଧରୁ ରକ୍ଷା ପାଇବାର ଉପାୟଗୁଡ଼ିକ ବିଷୟରେ ସତର୍କ କରାଉଛି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ମଧ୍ୟରେ, ୧୭୦ ସେ.ମି. (୫ ଫୁଟ ୬ ଇଞ୍ଚ) ଉଚ୍ଚତା ବିଶିଷ୍ଟ ଏକ ୟୁନିଫର୍ମ ପିନ୍ଧା ହୋଲୋଗ୍ରାଫିକ୍ ପୋଲିସ ବ୍ୟସ୍ତବହୁଳ କେନ୍ଦ୍ରୀୟ ସିଓଲର ଜୁଡୋଙ୍ଗ ନମ୍ବର-୩ ପାର୍କରେ ଉପସ୍ଥିତ ହୋଇ ଲୋକଙ୍କୁ ଅପରାଧ ସମ୍ପର୍କିତ ବିଭିନ୍ନ ସୂଚନା ଏବଂ ନିର୍ଦ୍ଦେଶ ଦେଉଛି।



ଜରୁରିକାଳୀନ ପରିସ୍ଥିତିରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଏହି ହୋଲୋଗ୍ରାଫିକ ପୋଲିସ ଲୋକଙ୍କୁ ଆଶ୍ୱାସନା ଦେଉଛି। ସେହିପରି ଅପରାଧ କମାଇବା ପାଇଁ ସହରର ସବୁ ସ୍ଥାନରେ ନିରୀକ୍ଷଣ କ୍ୟାମେରା ଲଗାଯାଇଥିବା ନେଇ ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନଙ୍କୁ ଏହି ହୋଲୋଗ୍ରାଫିକ ପୋଲିସ ସୂଚନା ଦେଉଛି। ଯଦିଓ ଏହି ପ୍ରଯୁକ୍ତି ସିଧାସଳଖ ଅପରାଧୀଙ୍କୁ ଗିରଫ କରିପାରିବ ନାହିଁ, ତଥାପି ଏହା ଅଞ୍ଚଳରେ ଅପରାଧ କମାଇବା ଏବଂ ସୁରକ୍ଷା ଭାବନାକୁ ସୁଦୃଢ଼ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥିବା ନେଇ ସିଓଲ ପୋଲିସ କହିଛି। ଏହି ପୋଲିସ ମଡେଲକୁ ହୋଲୋଗ୍ରାମିକା ନାମକ ଏକ ଟେକ୍ନୋଲୋଜି କମ୍ପାନୀ ପ୍ରସ୍ତୁତ କରିଛି। ଗତ ବର୍ଷ ଅକ୍ଟୋବରରେ ଏହି ପ୍ରଯୁକ୍ତିକୁ ପରୀକ୍ଷାମୂଳକ ଭାବରେ ସ୍ଥାପନ କରାଯାଇଥିଲା। ଏହାପରଠାରୁ ଜୁଡୋଙ୍ଗ୍ ନମ୍ବର-୩ ପାର୍କ ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଧ୍ୟା ୭ଟାରୁ ରାତି ୧୦ଟା ମଧ୍ୟରେ ଅପରାଧ ପ୍ରାୟ ୨୨% ପର୍ଯ୍ୟନ୍ତ ହ୍ରାସ ପାଇଥିବା ନେଇ ସିଓଲ ପୋଲିସ ସୂଚନା ଦେଇଛି।

# ୨୦ ବର୍ଷ ପୁରୁଣା ଗାଡ଼ି ପଞ୍ଜୀକରଣ ନବୀକରଣ ଖର୍ଚ୍ଚ ଦ୍ୱିଗୁଣିତ

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

କେନ୍ଦ୍ର ସରକାର ଦେଶରେ ୨୦ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକର ପଞ୍ଜୀକରଣ ନବୀକରଣ ଖର୍ଚ୍ଚକୁ ଦ୍ୱିଗୁଣିତ କରିଛନ୍ତି। ତେବେ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏହି ନିୟମ ଲାଗୁ ହେବନାହିଁ। ନିକଟରେ ପ୍ରକାଶିତ ଏକ ଗେଜେଟ ବିଜ୍ଞପ୍ତି ଅନୁଯାୟୀ, ୧୫ ବର୍ଷରୁ ଅଧିକ ପୁରୁଣା ମୋଟରସାଇକେଲ, ତିନିଚକିଆ ଗାଡ଼ି ଏବଂ ହାଲୁକା ମୋଟର ଯାନର ପଞ୍ଜୀକରଣ ନବୀକରଣ ଖର୍ଚ୍ଚ ଯଥାକ୍ରମେ ୨,୦୦୦ ଟଙ୍କା, ୫,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କା ହେବ। ଏହା ବ୍ୟତୀତ ୨୦ ବର୍ଷରୁ ଅଧିକ ପୁରୁଣା ଇମ୍ପୋର୍ଟେଡ୍ ଦୁଇ କିମ୍ବା ତିନିଚକିଆ ଗାଡ଼ି ପାଇଁ ୨୦,୦୦୦ ଟଙ୍କା ଏବଂ ଇମ୍ପୋର୍ଟେଡ୍ ଚାରିଚକିଆ ଗାଡ଼ି ପାଇଁ ୮୦,୦୦୦ ଟଙ୍କା ଖର୍ଚ୍ଚ ହେବ। ଏହି ସମସ୍ତ ଦେୟରେ ଜିଏସ୍‌ଟି ରହିଛି। ଏହି



ପରିବର୍ତ୍ତନ ସେଣ୍ଟ୍ରାଲ ମୋଟର ଭେହିକଲ୍ସ ରୁଲ୍ସ, ୧୯୮୯ରେ ସଂଶୋଧନ କରାଯାଇ କାର୍ଯ୍ୟକାରୀ ହୋଇଛି। ଫେବୃଆରୀରେ ଏ ସମ୍ପର୍କିତ ଏକ ଡ୍ରାଫ୍ଟ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ନିୟମ ପୁରୁଣା ଗାଡ଼ି ମାଲିକମାନଙ୍କୁ ନୂଆ ଏବଂ କମ୍ ପ୍ରଦୂଷଣକାରୀ ଯାନକୁ ପରିବର୍ତ୍ତନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଦିଲ୍ଲୀ ଏନ୍‌ସିଆର୍‌ରେ ୨୦୧୮ରେ ସୁପ୍ରିମକୋର୍ଟ ଏନ୍‌ଜିଟିର ଏକ ନିର୍ଦ୍ଦେଶକୁ ବଳବତ୍ତର ରଖିଥିଲେ, ଯାହା ଅନୁଯାୟୀ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଗାଡ଼ି ଏବଂ ୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ ଗାଡ଼ିକୁ ବ୍ୟାନ୍ କରାଯାଇଥିଲା। ବର୍ତ୍ତମାନ ଏହି ବିଷୟ ପୁନର୍ବାର ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି। ଏକ ଅନ୍ତରୀଣ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ କର୍ତ୍ତୃପକ୍ଷଙ୍କୁ କୌଣସି ଜୋରଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟମାସରୁ ଅନେକ ଗାଡ଼ି ମାଲିକ ଏବଂ ଡ୍ରାଇଭିଂ ଲାଇସେନ୍ସଧାରୀଙ୍କୁ ବାହନ ଓ ସାରଥୀ ଡାଟାବେସ୍‌ରେ ଆଧାର ପ୍ରାମାଣୀକରଣ ମାଧ୍ୟମରେ ମୋବାଇଲ ନମ୍ବର ଅପ୍‌ଡେଟ୍ ଓ ନିଶ୍ଚିତ କରିବା ପାଇଁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଏହାକୁ ନେଇ ଅନେକ ନାଗରିକ ଏହାର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ ଅଫିସ ମେମୋରାଣ୍ଡମ ଅନୁଯାୟୀ, ଅନେକ ଗାଡ଼ି ମାଲିକ ଓ ଡ୍ରାଇଭିଂ ଲାଇସେନ୍ସଧାରୀ ବାହନ ଓ ସାରଥୀ ଡାଟାବେସ୍‌ରେ ନିଜର ମୋବାଇଲ ନମ୍ବର ଅପ୍‌ଡେଟ୍ କରିନାହାନ୍ତି। ଫଳରେ ଗୁରୁତ୍ୱପୂର୍ଣ୍ଣ ସେବା ସମ୍ପର୍କିତ ସୂଚନା, ବାର୍ତ୍ତା ଏବଂ ବୈଧାନିକ ନୋଟିସ ଠିକ୍ ସମୟରେ ପହଞ୍ଚିପାରୁନାହିଁ। ଏହାର ସମାଧାନ କରିବା ପାଇଁ ଜାତୀୟ ସୂଚନା ପ୍ରଯୁକ୍ତି କେନ୍ଦ୍ର (ଏନ୍‌ଆଇସି)କୁ ମୋବାଇଲ ନମ୍ବର ଅପ୍‌ଡେଟ୍ କରିବାର ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ସଫ୍ଟୱେର ଫ୍ରିଡମ ଲ' ସେଣ୍ଟର ପରିବହନ ମନ୍ତ୍ରଣାଳୟକୁ ଚିଠି ଲେଖି ଆଧାର ପ୍ରାମାଣୀକରଣ ବିନା ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବାକୁ ଅନୁରୋଧ କରିଛି। ସେମାନେ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ ନ କରିବାକୁ ଏବଂ ଏହାକୁ ସ୍ୱେଚ୍ଛାକୃତ ରଖିବାକୁ ଅନୁରୋଧ କରିଛନ୍ତି।

# ଖାଦିମ୍‌ର ଦୁର୍ଗାପୂଜା କଲେକ୍ସନ

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଦୁର୍ଗାପୂଜା କଲେକ୍ସନ-୨୦୨୫ (ଟ୍ରେଣ୍ଡି ଫୁଟ୍‌ୱେର କଲେକ୍ସନ)ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏହି ନୂତନ କଲେକ୍ସନ ବ୍ରାଣ୍ଡର ସମସ୍ତ ରିଟେଲ ଆଉଟ୍‌ଲେଟରେ ଉପଲବ୍ଧ। ସେହିଭଳି ବ୍ରାଣ୍ଡ ଏହି ନୂତନ ସମ୍ଭାର ମହିଳା, ପୁରୁଷ ଏବଂ ଶିଶୁଙ୍କ ପାଇଁ ଡିଜାଇନ କରାଯାଇଛି। ଆସନ୍ତା ପାର୍ବଣ (ଦୁର୍ଗାପୂଜା-୨୦୨୫) ଋତୁରେ ବ୍ରାଣ୍ଡର ଏହି ନୂତନ ରେଞ୍ଜ ଉଭୟ ଗ୍ରାହକ ଓ ବଜାରର ଆବଶ୍ୟକତା ସହ ଚାହିଦା ପୂରଣ କରିବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଖାଦିମ ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ରିତ୍ୱିକ୍ ରୟ ବର୍ମନ କହିଥିଲେ, ଆମେ ଆମର ନୂତନ ପୂଜା କଲେକ୍ସନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଓ ଗ୍ରାହକଙ୍କ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଉଥିଲାବେଳେ ପୁରୁଷବର୍ଗର ରେଞ୍ଜ ପାଇଁ ପ୍ରାରମ୍ଭିକ ୨୯୯ ମୂଲ୍ୟ ଏବଂ ମହିଳା ବର୍ଗଙ୍କ ଉତ୍ପାଦର ପ୍ରାରମ୍ଭିକ ମୂଲ୍ୟ ୧୯୯ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ଆସନ୍ତା ପାର୍ବଣର ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ଆମେ ସବୁ ପ୍ରକାର ପ୍ରୟାସ କରୁଥିଲାବେଳେ ଆମର ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ପୂରଣକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଉଲ୍ଲେଖଯୋଗ୍ୟ,ସାରା ଦେଶରେ ବ୍ରାଣ୍ଡର ୮୦୦ ଷ୍ଟୋର ରହିଥିଲାବେଳେ ୨୭ଟି ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳରେ କମ୍ପାନୀ କାରବାର କରୁଛି।

# ୧୪ତମ କଟନଫ୍ୟାବ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୮

ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ୧୪ତମ କଟନଫ୍ୟାବ-୨୦୨୫ର ରେଶମ ଓ ସୂତା ବସ୍ତ୍ରକୁ ସମ୍ଭାର କରି ଏକ ବିରାଟ ପ୍ରଦର୍ଶନୀ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମସି ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାଏ ମେଳାର ଉଦଘାଟନ କରିଛନ୍ତି । ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ସକାଳ ୧୦ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ଖୋଲାରହିବ। ଏଠାରେ ୧୨ଟି ରାଜ୍ୟର ୧୨୨ଜଣ ହସ୍ତଶିଳ୍ପୀ ଏହି ତାଙ୍କର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରିବେ।

# ଟ୍ରେଣ୍ଡସ୍ ପକ୍ଷରୁ 'ସ୍ୱାଗତମ ଶ୍ରୀଗଣେଶ'ର ଶୁଭାରମ୍ଭ

ଭୁବନେଶ୍ୱର,୨୩।୮




ଗଣେଶ ପୂଜା ଉତ୍ସବ ପାଳନ ଅବସରରେ ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ ସ୍ପେଶାଲିଟି ଚେନ ଟ୍ରେଣ୍ଡସ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବ ଅଭିଯାନ 'ସ୍ୱାଗତମ ଶ୍ରୀଗଣେଶ' ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର କ୍ରୟ ସହିତ ଗ୍ରାହକମାନେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। ଟ୍ରେଣ୍ଡସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲଭ୍ୟ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ ଆଗରେ ରହିଛି। ଗ୍ରାହକମାନେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ ଆସେସୋରିଜ ଇତ୍ୟାଦିର ଏକ ଆନନ୍ଦଦାୟକ ଉତ୍ସବ ସପିଂ ଅନୁଭୂତି ନେଇପାରିବେ ବୋଲି ଆଶା କରାଯାଉଛି।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ

ଭୁବନେଶ୍ୱର,୨୩।୮

ବର୍ତ୍ତମାନ ସମୟର ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଡିଶା କଳା ଓ ହସ୍ତଶିଳ୍ପ ସମିତି ପକ୍ଷରୁ ଭୁବନେଶ୍ୱରର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆରମ୍ଭ ହୋଇଛି। ପ୍ରଦର୍ଶନୀରେ ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ କଲେକ୍ସନ୍'ର ଥିମ୍ ସହିତ ଆସନ୍ତା ପାର୍ବଣ ଚାହିଦାକୁ ପୂରଣ କରିବା ପାଇଁ ବ୍ୟବସାୟୀମାନେ ଏଥିନିକ୍ ୱେଭର୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦକୁ ଏଠାରେ ପ୍ରଦର୍ଶିତ କରୁଛନ୍ତି।

# ଆର୍‌ଆର୍ କେବୁଲର ନୂତନ ସିରିଜ୍

ଭୁବନେଶ୍ୱର,୨୨।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ୱାୟାର ଆଣ୍ଡ କେବୁଲର ଅଗ୍ରଣୀ ନିର୍ମାତା ଆର୍‌ଆର୍ କେବୁଲର ନୂତନ ସିରିଜ୍ ଫ୍ଲେମ୍ ଏକ୍ସ ଏଚ୍‌ଆର୍+ଏଫ୍‌ଆର୍, ସୁପରଏକ୍ସ ଗ୍ରୀନ୍ ଏଚ୍‌ଆର୍+ଏଫ୍‌ଆର୍ ଏବଂ ଫାୟାର ଏକ୍ସ ଏଲ୍‌ଏସ୍‌ଓଏଚ୍-ଇବିଏକ୍ସଏଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ବର୍ଦ୍ଧିତ ତାପମାତ୍ରା ଏବଂ ବର୍ଦ୍ଧିତ ବୈଦ୍ୟୁତିକ ଭାର ଏବଂ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ଚାହିଦାକୁ ସମାଧାନ କରିବା ପାଇଁ ଏହା ପ୍ରସ୍ତୁତ ହୋଇଛି। ଏପରିକି ଏକ ପରବର୍ତ୍ତୀ ପିଢ଼ିର ତାର ସମାଧାନ ପ୍ରଦାନ କରୁଛି। ସେହିଭଳି ପ୍ରତ୍ୟେକଟି ତାର ସିରିଜ୍‌କୁ ବିଭିନ୍ନ ପ୍ରୟୋଗରେ ଉତ୍କୃଷ୍ଟ ସୁରକ୍ଷା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟିତ୍ୱ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଆର୍‌ଆର୍ କେବୁଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜେଶ କାବ୍ରା କହିଛନ୍ତି, ଯେତେବେଳେ ଘରଗୁଡ଼ିକ ସ୍ମାର୍ଟ ହୋଇ ନିର୍ମାଣ କରାଯାଏ ଏବଂ ବିଶ୍ୱ ଉଷ୍ମତା ଯୋଗୁ ତାପମାତ୍ରା ବୃଦ୍ଧିପାଏ ଓ ତାରଗୁଡ଼ିକ ମଧ୍ୟ ସେହି ଅନୁପାତରେ ବିକଶିତ ହେବା ଆବଶ୍ୟକ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-15/2025-26**
**Letter No.6154/KGM/Date.21.08.2025**

**No.C-948** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in single cover system through e-Procurement.

1. Nature of work : **Civil Work and Electrical Work**
2. No. of work : **05 Nos.**
3. Value of works : **Rs.4,50,000/- to 19,99,300/-**
4. Date & Time of availability of Bid document in the portal : From **25.08.2025** at 11.00 A.M. up to **06.09.2025** at 5.30 P.M.
5. Date of opening of bid in portal : **10.09.2025** at 11.00 A.M.
6. Name & address of the Officer in Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

Sd./- Executive Officer
Keonjhargarh Municipality

OIPR-13115/11/0048/2526

## Bhubaneswar Municipal Corporation

No.41548/ Date: 21.08.2025
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in

**ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସାଧାରଣ ସୂଚନା**

No.C-953: ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏସନ୍ (RWA) ଓ ବେସରକାରୀ ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲିଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ । ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ- ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ । ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି ।

ସ୍ୱା./-ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-534

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-10/2025-26**

| | | | |
|---|---|---|---|
| 1 | Name of work | : | Drainage works (Under **D.I.P.** Scheme) |
| 2 | Total No. of project | : | 1 No. of Individual work |
| 3 | Estimated cost of individual works | : | Rs.2,49,22,575/- (Excluding G.S.T) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | **ACEDCBLS/DDJPR-01-10/2025-26** |
| 6 | Date & Time of availability of Bid document in the Portal | : | From Dt.22.08.2025 at 10.00 hours to Dt.08.09.2025 at 17.00 hours |
| 7 | Date of Opening of technical bid | : | Dt.09.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | "B" & "A" Class |
| 10 | Bid Security/EMD | : | Rs.2,49,226.00 |
| 11 | Cost of Tender Paper | : | Rs.10,000.00 |
| 12 | Date of Lottery (if required) | : | To be notified |
| 13 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

**Further details can be seen from the Govt. Website www.tendersorissa.gov.in**

Sd./- Additional Chief Engineer
Drainage Circle, Balasore

OIPR-32190/11/0026/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 6023/PSC., Dt. 21.08.2025**
**(1E-08-2024/25)(DR-II)**
Website - http://www.opsc.gov.in

**No.D-182** : It is for information of all concerned that the Written Examination for recruitment to the posts of Assistant Professor (Super Speciality) of Government MCHs under Health & Family Welfare Department, Odisha pursuant to Advertisement No. 34 of 2023-24 will be held **on 25.09.2025 (Thursday)** as per the programme indicated below. The detailed programme along with venue shall be notified later.

**PROGRAMME OF EXAMINATION**

| Date | Time | Disciplines |
|---|---|---|
| 25.09.2025 (Thursday) | 10.00 A.M. to 1.00 P.M. | 1. Cardiology |
| | | 2. C.T.V.S. |
| | | 3. Endocrinology |
| | | 4. Hepatology |
| | | 5. Urology |
| | | 6. Endocrine Surgery |
| | | 7. Clinical Immunology and Rheumatology |
| | | 8. Pulmonary Medicine |

The concerned candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0297/2526 Sd./- Secretary

## Government of Odisha
## Department of Social Security & Empowerment of Persons with Disabilities

SSEPD-SS1-MISC-0007-2021 No.9646/SSEPD Dt.22.08.2025

**Extension of last date for submission of Expression of Interest (EoI)**

**No.gg-22** : The last date of submission of Expression of Interest (EoI) invited from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency in this Department Notice No. 6712/SSEPD, Dated 20.06.2025 and Corrigendum Notice No. 7919/SSEPD, Dated 18.07.2025 is hereby extended to 31.08.2025 (4.00 PM).

All other terms and conditions of the EoI will remain unaltered.

Sd./- Director, SSEPD
SSEPD Department

OIPR-46001/11/0062/2526

## ZILLA SWASTHYA SAMITI, KANDHAMAL

Office of the CDM&PHO-cum-District Mission Director, NHM, Kandhamal, Odisha, 762001

**Advt. No. 10344/NHM/25** **Dt. : 21.08.2025**

**TENDER CALL NOTICE**

**No.E-339** : Sealed tenders are invited from the interested eligible bidders for supply of vehicles under RBSK-MHT/ MHU/ /DMPU/BPMU/ Hiring of Muilti Utility vehicle and Hiring of Passenger carriage vehicle on day basis under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **5.00 P.M. of 15 .09.2025** through Regd. / Speed Post/ Courier and the same will be opened on **17.09.2025 at 11.30 A.M.** The undersigned reserves the right to reject any or all the tender(s) without assigning any reason thereof.

Sd./- CDM & PHO cum District Mission Director
Kandhamal

OIPR-10015/11/0032/2526

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

*(AN AUTONOMOUS INSTITUTE OF GOVERNMENT OF ODISHA)*
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail : imagebbsr@rediffmail.com

**WALK-IN-INTERVIEW**

**No.CAD-1580** : Walk-in-Interview will be conducted for the position of **SPMU-State Technical Coordinator** under Green-Ag Project, Odisha at **IMAGE, Bhubaneswar** on **10.09.2025** as per the schedule. For details of advertisement, the departmental website : **www.agri.odisha.gov.in** / **www.image.odisha.gov.in** may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discreation of the authority to cancel / reject / modify the selection process at any point of time without assigning any reason thereof.

OIPR-01408/11/0023/2526 Sd./- Director, IMAGE

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**Plot No.N-17/2, Nayapalli, Bhubaneswar-751012**
**Phone No.:(0674) 2390195 (Off), Fax No.(0674) 2395844**
**E-Mail ID:olicltd123@bsnl.in, olicltd@ymail.com, http://odishalift.com**

**NATIONAL COMPETITIVE BIDDING THROUGH e-Procurement (Re-Bid)**

**No.IT-107/2025-6805/OLIC, Dated 19.08.2025**

**No.CAD-1515:** The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha State. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. Brief Description of Work: Installation, electrification, energisation & commissioning of Deep Borewells in Kalahandi, Nabarangpur & Koraput districts (05 Packages).
B. Estimated Cost of Works : Varies from Rs.1260.80 Lakhs to Rs.1627.65 Lakhs.
C. Date and Time of availability of bid document in the Portal : From dt.25.08.2025 to dt.16.09.2025 upto 17.00 Hours.
D. Last date/time for receipt of bid in the Portal : Dt.16.09.2025 upto 17.00 Hours.
E. Last date of seeking clarification : Dt.03.09.2025 upto 17.00 hours

F. Technical Bid will be opened on- Dt.17.09.2025 at 11.00 Hours.

Any Addendum/ Corrigendum/ Cancellation of tender will be available in the said website. Authority reserves the right to accept/ reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- Managing Director
OLIC LTD., Bhubaneswar

OIPR-32135/11/0062/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1760 / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-14/RWCRGDA/2025-26 invited vide this office letter No.1565 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0030/2526 Sd./- Chief Construction Engineer, RW Circle, Rayagada

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1769, / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-15/RWCRGDA/2025-26 invited vide this office letter No.1576 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0029/2526 Sd./- Chief Construction Engineer, RW Circle, Rayagada

See Career Appointment on every Wednesday & Saturday

## OFFICE OF THE EXECUTIVE ENGINEER
## BRUTANG IRRIGATION DIVISION: DASAPALLA, NAYAGARH

ଓଡିଶା ସରକାର

E-mail: eebiddasapalla@gmail.com
No.982, Date:21.08.2025

**NOTICE INVITING TENDER**

**Bid Identification No.EE-BID-BIP-04 (01) of 2025-26, Dt.21.08.2025**
**'e' Procurement Notice No.EE-BID-04(01)/ 2025-26, Dt.21.08.2025**

No.A-541: Invites online percentage rate tender in single cover through e-procurement for execution of the P.H. & Sanitary works. The bid should be submitted by eligible class of contractors mentioned below.

1. Type of Work: P.H. & Sanitary works of administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony, District-Nayagarh. 2. Total No. of Works: 01 No. 3. Approximate value of Work: Rs.30.99 lakh/- (Excluding GST). 4. Tender Paper Cost: Rs.6,000/-. 5. Bid Security/ E.M.D.: Rs.31,000/-, 6. Period of Completion: 04 (Four Calendar Months). 7. Class of Contractor: C & B Class of Contractor

| | e-Procurement Notice No. | Approximate Value | Availability of online viewing of Tender prior to Bidding | | Submission & Availability bid online | Date & Time of Opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Brutang Irrigation Division, At/PO-Dasapalla, Dist-Nayagarh, Odisha, Pin-752084 | EE, BID-04 (01)/2025-26 | Rs.30.99/- (Excluding GST) | 01.09.2025 (10.00 AM) | 15.09.2025 (Upto 5.00 P.M.) | 01.09.2025 (10.00 AM) to 15.09.2025 (upto 5.00 PM) | 16.09.2025 at 11.00 AM |

Date of Opening of Bid: **Dt.16.09.2025 at 11.00 AM** in the O/o The Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084. Further details can be seen from the Govt. Website **www.tendersorissa.gov.in.**
The **Corrigendum/ Cancellation** of Tender, if any, will be uploaded and can be seen from the above website only.

OIPR-32553/11/0002/2526 Sd./- Executive Engineer, Brutang Irrigation Division, Dasapalla

## OFFICE OF THE REGISTRAR
## VIKRAM DEV UNIVERSITY, JEYPORE, KORAPUT, ODISHA

**No.1071/VDU/25** **DATE. : 22.08.2025**

**WALK IN INTERVIEW**

**No.CAD-1570** : A walk-in-interview for engagement of Assistant Professors in the Department of Computer Science and Business Administration of Vikram Dev University, Jeypore on contractual basis for the session 2025-2026 will be held on 04.09.2025 and 06.09.2025 respectively . Candidates having First Class in Master in Computer Application /Master in Computer Science/Master of Technology in Computer Science are eligible to apply for the post of the Assistant Professors. (Preference will be given to candidates having specialization in AI & ML, Cyber Security and Software Engineering).

Candidates having First Class in Master of Business Administration are eligible to apply for the Post of Assistant Professor of Business Administration (Preference will be given to candidates having specialization in Operation Management and Logistic & Supply Chain Management).

Preference will be given to the candidates having NET/Ph.D.

The candidates must submit filled in Bio-data proforma with all relevant documents in original and self attested photocopies before the Board failing which the applicant will not be allowed to appear in the interview. No TA/DA will be paid for attending the interview. The interview will be held as per the date and time mentioned below, for more details, please visit the University website. http//vikramdevuniversity.ac.in.

| Date & Time | Subjects | No. of Faculty Required | Venue |
|---|---|---|---|
| 04.09.2025 10.00 A.M. | Master of Computer Science | 03 | Vice-Chancellor's Office Chamber |
| 06.09.2025 10.00 A.M. | Master in Business Administration | 03 | Vice-Chancellor's Office Chamber |

Sd./- REGISTRAR
VIKRAM DEV UNIVERSITY, JEYPORE

OIPR-11133/11/0012/2526

## ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଖୋଜ

ମୋରଡ଼ା,୨୩।୮ (ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ହରିରାମ ମୁର୍ମୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ବାପା ନୟନ ମୁର୍ମୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହରିରାମଙ୍କ ଘର ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଇଦର ଗ୍ରାମରେ ହୋଇଥିବାବେଳେ ଅଗଷ୍ଟ ୬ରୁ ସେ ଘରକୁ ଆସିନାହାନ୍ତି। ହରିରାମଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୫୭/୨୫) ରୁଜୁକରି ତଦନ୍ତ କରୁଛି।


## ଜନ୍ମଦିନର ଶୁଭେଚ୍ଛା



ବିନାୟକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବସ୍‌ଷ୍ଟାଣ୍ଡରେ ଛାତ୍ରୀଙ୍କୁ ଚୁଟି ଘୋଷାରି ମାଡ଼

## ଭିଡିଓ ଭାଇରାଲ ପରେ ନାବାଳକଙ୍କୁ ଧରିଲା ପୋଲିସ

ବିନିକା,୨୩।୮ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବସ୍‌ଷ୍ଟାଣ୍ଡରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଚୁଟି ଘୋଷାରି ମାଡ଼ ମରାଯାଇଛି। ଏହାର ଭିଡିଓ ଭାଇରାଲ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଶନିବାର ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ ପଠାଇଛି। ଛାତ୍ର ଜଣକ ନାବାଳିକାଙ୍କ ସହପାଠୀ। ସେମାନେ ସ୍ଥାନୀୟ ଏକ କଲେଜରେ ଯୁକ୍ତ ୨ ପଢୁଛନ୍ତି। ତେବେ ଏହିଭଳି ଘଟଣାର କାରଣ ଜଣାପଡ଼ିନାହିଁ। ଭିଡିଓରେ ଆଉ ଦୁଇ ଜଣ ସମ୍ପୃକ୍ତ ଥିବା ଜଣାପଡୁଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଧରିନାହିଁ। ତଦନ୍ତ ଚାଲିଛି, ସେମାନଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଲେ ଧରାଯିବ ବୋଲି ବିନିକା ଥାନା ଏସ୍‌ଆଇ ଅନୀଲ ବେହେରା କହିଛନ୍ତି।

ଘଟଣା ପରେ ନାବାଳିକା ଛାତ୍ରୀ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ତାଙ୍କୁ ବର୍ତ୍ତମାନ ଜିଲା ଶିଶୁ ମଙ୍ଗଳ କମିଟି ନିଜ ପାଖରେ ରଖି କାଉନସେଲିଂ କରୁଛି। ଭାଇରାଲ ଭିଡିଓରେ ନାବାଳିକା ଛାତ୍ରୀଙ୍କୁ ଜଣେ ନାବାଳକ ଛାତ୍ର ଓ ତାଙ୍କର ୨ ସହଯୋଗୀ ଯେଉଁଭଳି ସର୍ବସାଧାରଣ ସ୍ଥାନରେ ଆକ୍ରମଣ କରିଛନ୍ତି ତାହାକୁ ଅନେକେ ନିନ୍ଦା କରିଛନ୍ତି। ଏହି ଘଟଣା ଗତ ୧୯ତାରିଖରେ ଘଟିଥିବାବେଳେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଘଟଣାରେ ସମ୍ପୃକ୍ତ ୩ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ସେହିଦିନ ପୋଲିସ ପରିବାର ଲୋକଙ୍କୁ ଡକାଇ ନୋଟିସ ଦେଇ ଛାଡ଼ି ଦେଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ତଥା ଛାତ୍ରୀଜଣକ ମାନସିକ ଚାପରେ ଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ପ୍ରଶ୍ନ ଉଠିଥିଲା। ଭିଡିଓ ଭାଇରାଲ ପରେ ସମ୍ପୃକ୍ତ ଛାତ୍ରମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଥିଲା। ଫଳରେ ବାଧ୍ୟହୋଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ପ୍ରଶ୍ନ ଉଠୁଛି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କାହିଁକି ବିଳମ୍ବ କଲା।

ସୂଚନାନୁଯାୟୀ, ବିନିକା ସିଂଘିଜୁବା ଅଞ୍ଚଳର ଛାତ୍ରୀ ଜଣକ ଗତ ୧୯ତାରିଖରେ କଲେଜରୁ ଘରକୁ ଫେରିବାକୁ ବିନିକା



ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ୩ଜଣ ନାବାଳକ ଛାତ୍ର ସେଠାରେ ପହଞ୍ଚିଥିଲେ। ସେଥିରୁ ୨ଜଣ ଛାତ୍ରୀଙ୍କ ହାତକୁ ଧରିବା ପରେ ଅନ୍ୟ ଜଣେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। କୌଣସିମତେ ସେ ନିକଟସ୍ଥ ବିନିକା ଥାନାକୁ ଦୌଡ଼ି ପଳାଇଥିଲେ। ସେଠାରେ ପହଞ୍ଚିବା ପରେ ଛାତ୍ରୀ ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଉପସ୍ଥିତ ପୋଲିସ କର୍ମଚାରୀ ତାଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ଚାଇଲ୍ଡ ହେଲ୍ପଲାଇନ କର୍ମଚାରୀ ବିନିକା ଥାନାରେ ପହଞ୍ଚିବା ପରେ ପୀଡ଼ିତା ଛାତ୍ରୀଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ୩ ଛାତ୍ରଙ୍କ ନାମରେ ଏତଲା ଦିଆଯାଇଥିଲା।

# ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ହାଣିଲେ



ସିସିଟିଭିରେ କଏଦ ହୋଇଥିବା ଆକ୍ରମଣ ସମୟର ଦୃଶ୍ୟ।

## ପ୍ରେମ ଘଟଣାକୁ ନେଇ ପ୍ରତିଶୋଧ

■ ଜୀବନ ବଞ୍ଚାଇବାକୁ ଥାନାରେ ପଶିଗଲେ ଚନ୍ଦନ

■ ଅଭିଯୁକ୍ତ ଅଟକ, ଲହାଚାପଡ଼ ଜବତ

ଜଟଣୀ,୨୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଟାଉନ ହଲ୍ ନିକଟରେ ଶନିବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ଜଣେ ବ୍ୟକ୍ତି ରାସ୍ତାରେ ଗୋଡ଼ାଇ ହାଣିଛନ୍ତି। ଟାଉନ ହଲ (ସ୍ରଷ୍ଟା) ମାର୍ଗ ପଛପଟୁ ସମ୍ପୃକ୍ତ ବ୍ୟକ୍ତି ଏକ ଲୁହାଚାପଡ଼ ଧରି ଗୋଡ଼ାଇ ଆକ୍ରମଣ କରିଥିଲେ। ତେବେ ଜୀବନ ବଞ୍ଚାଇବାକୁ ଯୁବକ ଜଣକ ଦୌଡ଼ି ଦୌଡ଼ି ନିକଟସ୍ଥ ଜଟଣୀ ଥାନା ଭିତରେ ପଶିଯାଇଥିଲେ। ଯୁବକ ଜଣକ ହେଲେ ବାଛରାପାଟଣା ମାଉସୀମା ମନ୍ଦିର ଅଞ୍ଚଳର ଚନ୍ଦନ ନାଏକ (୩୩)। ତାଙ୍କ ବେକ ଓ ପିଠିରେ ଗୁରୁତର ଆଘାତ ଲାଗିଛି। ପୋଲିସ ତାଙ୍କୁ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ରଙ୍ଗମାଟିଆ ନୂଆଗାଁ ଅଞ୍ଚଳର ସୁଶାନ୍ତ ନାଏକ (୩୮)ଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସର ସୂଚନା ଅନୁଯାୟୀ, ଆକ୍ରମଣକାରୀ ସୁଶାନ୍ତଙ୍କ ସ୍ତ୍ରୀଙ୍କୁ ଚନ୍ଦନ ପ୍ରେମଜାଲରେ ଫସାଇ ଆଣି ନିଜ ପାଖରେ ରଖିଥିଲେ। ଏଥିଯୋଗୁ ସୁଶାନ୍ତ କ୍ଷୁବ୍ଧ ହୋଇପଡ଼ିଥିଲେ। ସେ ପ୍ରତିଶୋଧପରାୟଣ ହୋଇ ଚନ୍ଦନଙ୍କୁ ଜୀବନରୁ ମାରିଦେବାକୁ ଯୋଜନା ରଚି ଏଭଳି ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୁଶାନ୍ତଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଏକ ଲୁହାଚାପଡ଼ ଜବତ କରାଯାଇଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସିସିଟିଭିରେ ଆକ୍ରମଣ ସମୟର ଦୃଶ୍ୟ କଏଦ ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୧୫ରେ ଏହି ଥାନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଜଣେ ସାଙ୍ଗକୁ ଅନ୍ୟ ସାଙ୍ଗମାନେ ହତ୍ୟା କରିଥିଲେ।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ବିନାୟକ ମହାରଣା**

ଜନ୍ମ ତା. ୨୪।୦୮।୨୦୨୪

(ସନ୍ତରା, କୁଜଙ୍ଗ, ଜଗତ୍‌ସିଂହପୁର)

ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ବାପା, ବୋଉ, ଅଜା, ଆଇ, ପିଉସୀ, ମାଉସୀ

ଧ-1740


# ଦିଲ୍ଲୀରୁ ସ୍କର୍ପିଓ ଚାଳକଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା ଭି୨ ମଲ୍ ନିକଟ ଜାତୀୟ ରାଜପଥରେ ଘଟିଥିବା ହିଟ୍ ଆଣ୍ଡ ରନ୍ ଘଟଣାରେ ଆଉ ୨ ଜଣଙ୍କୁ ପୋଲିସ ଦିଲ୍ଲୀରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଗ୍ରାମର ସାନୁ ଓରଫ ରୋହନ ରଞ୍ଜନ ରାଉତ (୨୫) ଓ ୟୁନିଟ-୧ରେ ରହୁଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ସୋହମରାଜ ତ୍ରିପାଠୀ ଓରଫ ଲିପୁନ (୨୭)। ଥାର୍ ସହ ଦ୍ରୁତଗତିରେ ଆସିଥିବା ସ୍କର୍ପିଓ ଗାଡ଼ିକୁ ସୋହମରାଜ ଚଳାଉଥିଲେ ଓ ସେଥିରେ ରୋହନ ରଞ୍ଜନ ବସିଥିଲେ। ଅଭିଯୁକ୍ତଦ୍ୱୟ ଗିରଫ ଭୟରେ ପଶ୍ଚିମବଙ୍ଗ, ହରିୟାଣା ଓ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ଘୂରି ବୁଲୁଥିଲେ। ସେମାନଙ୍କ ହେପାଜତରୁ ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଛି। ଶନିବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟକୁ ଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଉକ୍ତ ସ୍କର୍ପିଓ ଗାଡ଼ିରେ ବସିଥିବା ଅଙ୍କିତ ଶ(୨୨) ଓ ଅଭିଯୁକ୍ତମାନଙ୍କୁ ଆଶ୍ରୟ ଦେଇଥିବା ତଥା ଫେରାର କରାଇବା ଅଭିଯୋଗରେ କୃଷ୍ଣଚନ୍ଦ୍ର ପ୍ରଧାନ (୪୨)ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଥାର୍ ଚାଳକ ଜଟଣୀ କୁସୁମାତିର ସୋମନାଥ ବେହେରାଙ୍କୁ ପୋଲିସ ଏଯାଏ ଧରିପାରି ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଜବତ ସ୍କର୍ପିଓ ସହ ଗିରଫ ରୋହନ ରଞ୍ଜନ ରାଉତ ଓ ସୋହମରାଜ ତ୍ରିପାଠୀ।

## ପାତ୍ରପଡ଼ା ହିଟ୍ ଆଣ୍ଡ୍ ରନ୍ ମାମଲା

■ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଲା

■ ମୁଖ୍ୟ ଅଭିଯୁକ୍ତ ଥାର୍ ଚାଳକଙ୍କ ପତ୍ତାପାଉନି ପୋଲିସ

ସୂଚନାଯୋଗ୍ୟ, ଅଗଷ୍ଟ ୯ ରାଖୀ ପୂର୍ଣ୍ଣିମାରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣାରେ ମା’ ରେବତୀ ନାୟକ ଓ ଝିଅ ରେଶମାଙ୍କ ଜୀବନ ଯାଇଥିବା ବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇଥିଲେ। ସେମାନେ ଏକ ବସ୍‌ରେ ଆସି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱରୀ ବସ୍ତିସ୍ଥିତ ଘରକୁ ଯିବା ପାଇଁ ଜାତୀୟ ରାଜପଥ ପାରି ହେଉଥିବାବେଳେ ସ୍କର୍ପିଓ ଗାଡ଼ି ସହ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡିଟି ସେମାନଙ୍କୁ ଧକ୍କା ଦେଇଥିଲା। ଅଗଷ୍ଟ ୧୦ରେ ଜଟଣୀ ଅଞ୍ଚଳରୁ ଖଣ୍ଡଗିରି ପୋଲିସ ଉକ୍ତ ଥାର୍ ଗାଡ଼ିକୁ ଜବତ କରିଥିଲା। ତେବେ ଘଟଣାକୁ ସପ୍ତାହ ବିତିଥିବା ବେଳେ ଥାର୍ ଚାଳକ ଧରା ପଡ଼ି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ତେବେ ଦୁର୍ଘଟଣାଦିନ ଉକ୍ତ ଦୁଇ ଗାଡିରେ ୫ଜଣ ସାଙ୍ଗ ପଟିଆରୁ ଖୋର୍ଦ୍ଧା ଯାଉଥିବା ତଦନ୍ତରୁ ଜଣାପଡିଛି।

# ବିମାନବନ୍ଦରରୁ ପୁଣି ୪ କୋଟିର ମାରିଜୁଆନା ଜବତ

## ବ୍ୟାଙ୍କକ୍‌ରୁ ଆସିଥିବା ପ୍ରେମୀ ଯୁଗଳ ଅଟକ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଶନିବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ପ୍ରେମୀ ଯୁଗଳଙ୍କୁ ଡିଆର୍‌ଆଇ ଅଟକ ରଖି ପଚରାଉଚରା କରୁଛି। ସେମାନେ ପଞ୍ଜାବର ବୋଲି ସୂଚନା ମିଳିଛି। ଅଭିଯୁକ୍ତଦ୍ୱୟ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଭୁବନେଶ୍ୱରରେ ଆସିଥିଲେ। ସେମାନଙ୍କ ଲଗେଜ ଚେକିଂ ବେଳେ ସେଥିରେ ମାରିଜୁଆନା ଥିବା ଜଣାପଡ଼ିଥିଲା। ତେବେ ଅଭିଯୁକ୍ତଦ୍ୱୟ କିଛିଦିନ ତଳେ ଥାଇଲାଣ୍ଡ ଯାଇ ଏହାକୁ ଆଣିଥିଲେ ବୋଲି ସୂଚନା ମିଳିଛି। ଏହି ଲିଙ୍କ୍‌ରେ ଡିଆର୍‌ଆଇ ଅଧିକ



ଖୋଳତାଡ଼ ଚଳାଇଛି। ଏହା ପୂର୍ବରୁ ଅଗଷ୍ଟ ୨ରେ ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଦେଶୀ ଗଞ୍ଜେଇ ଜବତ କରାଯାଇଥିବାବେଳେ ଡିଆର୍‌ଆଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ଜୁଲାଇ ୨୯ରେ ବ୍ୟାଙ୍କକ୍‌ରୁ ଆସିଥିବା ୩୦କୋଟି ଟଙ୍କା ମୂଲ୍ୟର ମାରିଜୁଆନା ବିମାନବନ୍ଦରରୁ ଧରାପଡ଼ିଥିଲା।

# ଆୟ ଅପେକ୍ଷା ଠୁଳ କରିଛନ୍ତି ୨୦୧% ସମ୍ପତ୍ତି

## ଭିଜିଲାନ୍ସ ଦ୍ୱାରା ବନ୍ଧା ହେଲେ ସିଟି ହସ୍ପିଟାଲ ବରିଷ୍ଠ ସହାୟକ

କଟକ,୨୩।୮ (କାର୍ତ୍ତିକ ସାହୁ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ମାମଲାରେ କଟକ ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର କୁମାର ସାହାଣୀଙ୍କୁ ଓଡ଼ିଶା ଭିଜିଲାନ୍ସ ଶନିବାର ଗିରଫ କରିଛି। ସାହାଣୀଙ୍କ ଆୟ ଅପେକ୍ଷା ୨୦୧% ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଚଢ଼ାଉ ବେଳେ ଜାଣିବାକୁ ପାଇଛି। ସେ ଏହି ସମ୍ପତ୍ତି ବାବଦରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଭିଜିଲାନ୍ସ ଚଢ଼ାଉ ବେଳେ ୨ଟି ବିଲଡିଂ, ୧୯ଟି ମୂଲ୍ୟବାନ ପ୍ଲଟ, ନଗଦ ୩.୩୦ ଲକ୍ଷ ଟଙ୍କା, ୧୩୫ ଗ୍ରାମ ସୁନା ଓ ବ୍ୟାଙ୍କ ଜମା ୫୫.୪୮ରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ଜଣାପଡ଼ିଛି। ଏ ନେଇ ସାହାଣୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ମାମଲା (ନଂ. ୨୫/୨୦୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ହାଜର କରିଛି।

ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ସାହାଣୀଙ୍କ ସରକାରୀ ଅଫିସ, ପୈତୃକ ବାସଗୃହ ସମେତ ୫ଟି ସ୍ଥାନରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ତନ୍ମଧ୍ୟରେ କଟକ



କିଶୋର କୁମାର ସାହାଣୀ

ଯୋବ୍ରା ନୂଆସାହିରେ ୨୫୦୦ ବର୍ଗଫୁଟର ୩ ମହଲା କୋଠାଘର, ଚୌଦ୍ୱାର ପଳାସିଆରେ ୨.୫ ଏକର ଜମିରେ ବିଲଡିଂ ଓ କୁକୁଡ଼ା ଫାର୍ମ, ଖୋର୍ଦ୍ଧାର ଜଟଣୀରେ ଗୋଟିଏ ଓ କଟକ ସହର ଆଖପାଖ ଅଞ୍ଚଳରେ ଥିବା ୧୮ଟି ମୂଲ୍ୟବାନ ପ୍ଲଟ ସହିତ ନଗଦ ୩.୩୦,୮୦୦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ୫୫,୪୮,୪୦୬ ଟଙ୍କା, ଗୋଟିଏ ୪ ଚକିଆ ଓ ୩ଟି ଦୁଇଚକିଆ ଯାନ, ୧୦.୫୭ ଲକ୍ଷ ଟଙ୍କାର ଗୃହସାମଗ୍ରୀ ଭିଜିଲାନ୍ସ ଠାବ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୩।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଶନିବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତ ତେଲକୋଇ ଥାନା ଅନ୍ତର୍ଗତ ଝର୍କିପୋଷି ଗ୍ରାମର ସାଗର ମହାନ୍ତ(୨୮)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ମାମଲାରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ରେ ସାଗର ମହାନ୍ତ ବାହାଘରର ପ୍ରଲୋଭନ ଦେଖାଇ ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର କରିଥିଲେ। କିନ୍ତୁ ପରେ ପୀଡ଼ିତାଙ୍କୁ ବାହା ନ ହୋଇ ଅନ୍ୟ ଜାଗାରେ ବାହାଘର ଠିକ୍ କରିଥିଲେ। ପୀଡ଼ିତା ଅଭିଯୁକ୍ତଙ୍କ ଘରକୁ ଯାଇ ପଚାରିବାରୁ ତାଙ୍କୁ ଖରାପ ବ୍ୟବହାର କରାଯାଇ ବାହାର କରିଦିଆଯାଇଥିଲା। ଘଟଣାକୁ ନେଇ ପୀଡ଼ିତା ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୦୭/୨୦୧୮) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଆଇନସେବା ପ୍ରାଧୀକରଣଙ୍କୁ ସୁପାରିସ କରିଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ପୋଖରୀ ମାଲିକଙ୍କୁ ହତ୍ୟା

କେନ୍ଦୁଝର,୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଉପର ରାଇଗୋଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବୁଧୁରାମ ମୁଣ୍ଡା(୫୭)। ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅମିତ କୁମାର ଭୂୟାଁ କହିଛନ୍ତି। ପ୍ରକାଶ ଯେ, ବୁଧୁରାମଙ୍କ ଗ୍ରାମ ନିକଟରେ ଏକ ପୋଖରୀ ଅଛି। ସେଠାରେ ସେ ମାଛ ଛାଡ଼ିଥିବା ବେଳେ ସବୁଦିନ ରାତିରେ ଜଗିବାକୁ ଯାଉ ରାତି ୧୦ଟାରେ ଫେରନ୍ତି। ଶୁକ୍ରବାର ନ ଫେରିବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ଜମି ନିକଟରେ ଜଗିବା ପାଇଁ ଥିବା ଏକ ଅସ୍ଥାୟୀ ପଲା ଘରୁ ତାଙ୍କର ରକ୍ତାକ୍ତ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ.୪୮୧/୨୦୨୫) ରୁଜୁ ହୋଇଛି।


# Classified Everyday 0674-2580101, 9692975378





**BRIDE WANTED**

Wanted suitable bride for Handsome (41,11/5) Khandayat Divorcee, B.tech, MBA working in MNC at Bangalore in high position. Father retired Government Servant based at Bhubaneswar. Tel.- 7077277888. D-76078

ସୌମ୍ୟ, ସୁନ୍ଦର ୩୪ବର୍ଷ MBA, ଏଲ୍.ଏଲ୍.ବି. ପୁରୀ ଟାଉନରେ ଘରବାଡ଼ି ଥାଇ Lawyer ଭାବେ ଭଲ ରୋଜଗାର କରୁଥିବା ବ୍ରାହ୍ମଣ ପୁଅ ପାଇଁ ଶିକ୍ଷିତ, ସଂସ୍କାରୀ ବ୍ରାହ୍ମିନ ପାତ୍ରୀ ଦରକାର, ଶୀଘ୍ର ବିବାହ ପାଇଁ ଫଟୋ ଓ biodata ସହିତ ଯୋଗାଯୋଗ କରନ୍ତୁ- ୭୯୭୮୬୨୬୪୬୨. ଧ-୧୭୨୪

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଅବଶ୍ୟକ। 7326056138. D-1741

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com





**REAL ESTATE**

**SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

Prime plot 3000sqft. (60’50’) Nuagaon, Samantarapur only 5KMs from Rajmahal sqr. Bhubaneswar. Perfect for dream home/ future investment. Contact- 9040013345. D-76072

**2150sqft. Plot area & 2250sqft. Construction area with BDA Approved Individual house near Naveen Nivas, Aerodrome area, Bhubaneswar cost@2.15crore, Contact: 7978090773.** D-1715

**Book 3BHK premium flat at Pokhariput, Near Govt. Hospital & LIC zonal office. 6000/- per sqft. 7978584549.** D-1725

Gharabari plot 2000sqft. near Lingaraj Temple, direct owner with boundarywall, No Litigation. Phone-9178924698. D- 1689

One bounded commercial plot touching to NH (Nakhara to NIALI) 10KM from Nakhara 6500 sft@ 2500/ sft, 3sides road. 7809525452. D-76484





Cuttack CDA Sector-9, 1st floor near Jugal Kishore Mohanty Park two bed room set 16’x15’ and 15’x12’ two Balcony, two toilets, one hall 22’x12’ space for washing machine, refrigerator, wash basin separate power line, wide windows, selves carved wall. Call- 9937525295, 8280092799. D-1743





Newly open health benefits SPA by expert therapist Contact 9114559830. D-1661

**AFFIDAVIT**

By virtue of an affidavit sworn before Notary Public, Balangir dated-22.08.2025. I, Niranjan Meher, resident of Plot No 1271/3004, Near Chaska Bakery, Rajib Nagar, Balangir Odisha declare that I have changed my name from Niranja Meher to Niranjan Meher. Henceforth, I shall be known as Niranjan Meher for all purposes. D-1739

By virtue of an affidavit sworn before Executive Magistrate, Basudevpur, I, Puguli Senapati (41 years), W/o- Bijay Senapati, Vill- Jagannathpur, P.O.- Matipaka, P.S.- Naikanidihi, Dist.- Bhadrak, PIN- 756125, Odisha declare that I have changed my name in my LIC Policy bearing No.- 588859476 from Minati Senapati to Puguli Senapati for all purposes. D-1742

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।


T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଫେକ୍ ଆପ୍


ବର୍ତ୍ତମାନ ପାଠପଢ଼ା, ବ୍ୟାଙ୍କିଙ୍ଗ୍, ମନୋରଞ୍ଜନଠୁ ଆରମ୍ଭ କରି ସମସ୍ତ ଡିଜିଟାଲ୍ ସେବା ପାଇଁ ଅଧିକାଂଶ ବିଭିନ୍ନ ସ୍ମାର୍ଟଫୋନ୍ ଆପ୍ ଉପରେ ନିର୍ଭର କରୁଛନ୍ତି । ହେଲେ ଏବେ ଅଧିକାଂଶ ଅସଲି ଆପର ନକଲି କପି ବା ଫେକ୍ ଆପ୍ ଉପଲବ୍ଧ, ଯାହାକି ଏଆଇ ଜେନେରେଟେଡ୍ କ୍ଲୋନ୍ ଭଳି ଯାହାକୁ ସହଜରେ ଚିହ୍ନିବା ଏକପ୍ରକାର ଅସମ୍ଭବ। ଯାହାଦ୍ୱାରା ବର୍ତ୍ତମାନ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି...



ବର୍ତ୍ତମାନ ସମୟରେ ସମାଜର ଏକ ବଡ଼ ବର୍ଗ ସ୍ମାର୍ଟଫୋନ୍‌ରେ ବିଭିନ୍ନ ଆପ୍ ଉପରେ ନିର୍ଭରଶୀଳ। କାରଣ ଘରେ ବସି ଏହାଦ୍ୱାରା ପଢ଼ିବା, ବାଙ୍କିଙ୍ଗ୍, ଶପିଙ୍ଗ୍, ଏଣ୍ଟରଟେନ୍‌ମେଣ୍ଟ ଏମିତିକି ଅନ୍‌ଲାଇନ୍ ଜବ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ସହଜରେ କରିପାରୁଛନ୍ତି। ହେଲେ ଏହା ଯେତିକି ସୁବିଧାଜନକ ଏଥିପାଇଁ ଅନ୍‌ଲାଇନ୍ ଠକେଇ ସମସ୍ୟା ବି ଦିନକୁ ଦିନ ସେତିକି ବଢ଼ୁଥିବା ଦେଖିବାକୁ ମିଳୁଛି। ଏମିତିକି ୨୦୨୫ରେ ଏହି ଫେକ୍ ଆପ୍ ଦ୍ୱାରା ଲୋକଙ୍କୁ ଠକେଇ କରି ଅନେକ ଇ-କମର୍ସ, ଗେମିଂ, ଇନ୍‌ଭେଷ୍ଟମେଣ୍ଟ, କ୍ରିପ୍ଟୋ, ଲୋନ୍ ସ୍କାମ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ହୋଇଛି। ଏକ ରିପୋର୍ଟ ମୁତାବକ ଆମ ଦେଶର କେବଳ ମୁମ୍ବାଇ ସହରରେ ୪ ମାସ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ଫ୍ରଡ୍‌ରେ ୨୩୦ପ୍ରତିଶତ ବୃଦ୍ଧି ହୋଇଛି।

**କାହିଁକି ହେଉଛି ବିପଦପୂର୍ଣ୍ଣ:** ପୂର୍ବରୁ କୌଣସି ଆପ୍‌ର ଫେକ୍ ଭର୍ସନ ବାହାର କରିବା ଏତେ ସହଜ ନ ଥିଲା। ତେଣୁ ଫେକ୍ ଆପ୍‌କୁ ଚିହ୍ନଟ କରିହେଉଥିବାରୁ କମ୍ ଠକେଇ ହେଉଥିଲା। ହେଲେ ଏଆଇ ବ୍ୟବହାର ବଢ଼ିବା ପରେ ଯେକୌଣସି ଆପ୍‌ର ଅବିକଳ ନକଲ ପ୍ରସ୍ତୁତ କରିବା ସମ୍ଭବ ହୋଇପାରୁଛି। ଏମିତିକି ଏଥିରେ ଫେକ୍ ରିଭ୍ୟୁ, ଅଧିକ ରେଟିଂ, ଫିଡ୍‌ବ୍ୟାକ୍ ଏବଂ ଆଲଗରିଦମ୍‌କୁ ବି ଏଭଳି ଭାବେ ଏପଟସେପଟ କରିଦିଆଯାଉଛି, ଯାହାକି ଅଟୋମେଟେଡ୍ ସିକ୍ୟୁରିଟି ସିଷ୍ଟମ ଦ୍ୱାରା ବି ସହଜରେ ଚିହ୍ନଟ କରାଯାଇପାରୁନି। ଏଆଇ ଏବଂ ମେଶିନ୍ ଲର୍ନିଂର ବଢ଼ୁଥିବା ଦୂରୁପଯୋଗ ଦ୍ୱାରା ଫେକ୍ ଆପ୍‌ଗୁଡିକ ଅଧିକ ବିପଦପୂର୍ଣ୍ଣ ହେବାରେ ଲାଗିଛି। ବର୍ତ୍ତମାନ ସବୁଠୁ ଅଧିକ ବ୍ୟବହାର ହେଉଥିବା ତଥା ଉପଭୋକ୍ତାଙ୍କର ବିଭିନ୍ନ ସମ୍ବେଦନଶୀଳ ତଥ୍ୟ ଅଧିକ ଆବଶ୍ୟକ ହେଉଥିବା ଆପ୍ ଯେମିତିକି ହ୍ୱାଟ୍ସଆପ୍, ବ୍ୟାଙ୍କିଙ୍ଗ୍ ଆପ୍, କ୍ରିପ୍ଟୋ ଇନ୍‌ଭେଷ୍ଟମେଣ୍ଟ ଆପ୍, ହେଲ୍‌ଥ୍ ଆଣ୍ଡ ଫିଟ୍‌ନେସ୍ ଆପ୍‌ଗୁଡିକର ଫେକ୍ ଭର୍ସନ ବାହାରୁଛି। ତେଣୁ ଏଭଳି ଆପ୍ ଡାଉନ୍‌ଲୋଡ୍ କରିବା ବେଳେ ୟୁଜର୍‌ମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ।





**କିଭଳି କରେ କାମ:** ବର୍ତ୍ତମାନ ସାଇବର ଅପରାଧୀମାନେ ଠକାମି ଉଦ୍ଦେଶ୍ୟରେ ଅନେକ ବାସ୍ତବିକ ଆପ୍‌ର ଫେକ୍ ଆପ୍ ଡେଭେଲପ୍ କରୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ବାସ୍ତବ ଭଳି ମନେହେଉଛି। ଫଳରେ ୟୁଜରମାନେ ସହଜରେ ଧୋକାର ଶିକାର ହୋଇ ଡାଉନଲୋଡ୍ କରିନେଉଛନ୍ତି। ହେଲେ ସ୍ମାର୍ଟଫୋନ୍‌ରୁ ଫଟୋ, ମେସେଜ, ଲଗ୍‌ଇନ୍ କେଡେନ୍ସିଆଲ୍, ଲୋକେଶନ୍ ଟ୍ରାକିଂ ଏବଂ କି-ଷ୍ଟ୍ରୋକ୍ ଆଦି ଉପରେ ନଜର ରଖିଥାଏ। ଏମିତିକି ସାଇବର ଠକମାନେ ଏତେ ଧୂର୍ତ୍ତ ଯେ, ସେମାନଙ୍କଦ୍ୱାରା ପ୍ରସ୍ତୁତ କେତେକ ଫେକ୍ ଆପ୍ ବେଳେ ବେଳେ ଗୁଗଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋର୍‌ର ରିଭ୍ୟୁ ସିଷ୍ଟମ୍‌ଠୁ ବି ଧରା ନ ପଡି ୟୁଜର୍‌ଙ୍କ ଫୋନ୍ ପର୍ଯ୍ୟନ୍ତ ପହଞ୍ଚିଯାଉଛି।

**ନିବେଶ ନାମରେ ଜାଲିଆତି:** ଫେକ୍ ବ୍ୟାଙ୍କିଙ୍ଗ୍ ଆପ୍‌ଗୁଡିକରେ ବର୍ତ୍ତମାନ ଅନେକ ସ୍କାମ୍ ହେଉଥିବା ଦେଖିବାକୁ ମିଳୁଛି। ଏହା ଜରିଆରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ମିଡିଆରେ ୟୁଜର୍‌ଙ୍କୁ ଟାର୍ଗେଟ୍ କରାଯାଉଛି। ବିଭିନ୍ନ ଆକର୍ଷଣୀୟ ପଲିସି ଅଫର, ଅଧିକ ଟଙ୍କା ରୋଜଗାରର ପ୍ରଲୋଭନ ଦିଆଯାଇ ଟ୍ରେଡିଂ ଏବଂ ଅନ୍ୟ ଆପ୍ ଡାଉନ୍‌ଲୋଡ୍ କରାଯାଉଛି ଏବଂ ନିବେଶ ନାମରେ ଠକାଯାଉଛି। ଏହା କେବଳ ଏତିକିରେ ସୀମିତ ନାହିଁ ବରଂ ପର୍ସନାଲ୍ ଲୋନ୍, କ୍ରିପ୍ଟୋ କରେନ୍ସି, ଗେମିଂ, ଇ-କମର୍ସ ସ୍କିମ୍ ଏବଂ ଅଫର୍ ଜରିଆରେ ୟୁଜରଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ହଡପ କରିଦିଆଯାଉଛି।

## କିପରି ଚିହ୍ନିବେ

❖ଡାଉନ୍‌ଲୋଡ୍ କରିବା ପୂର୍ବରୁ ପ୍ରଥମେ ଆପ୍‌ର ଆଇକନ୍‌କୁ ଭଲ ଭାବେ ଦେଖନ୍ତୁ। ଯେକୌଣସି ପ୍ଲାଟ୍‌ଫର୍ମରୁ ଡାଉନ୍‌ଲୋଡ୍ ନ କରି ଏହା ପ୍ଲେଷ୍ଟୋରରେ ଉପଲବ୍ଧ ଅଛି କି ନାହିଁ ଚେକ୍ କରିବା ନିହାତି ଜରୁରୀ।


❖ ରିଭ୍ୟୁ ଦେଖିଲେ ମଧ୍ୟ ଜଣାପଡିଥାଏ ତାହା ଫେକ୍ କି ନୁହେଁ। କାରଣ ଏଥିରେ ଥିବା କମ୍ପ୍ଲେନ୍ ଏତେଟା ହାନିକାରକ ହୋଇ ନ ଥାଏ। ସେହିପରି ଅଧିକରୁ ଅଧିକ ଏକାପରି ପଜିଟିଭ୍ ଫିଡ୍‌ବ୍ୟାକ୍ ଆସିଥାଏ।

❖ ଅରିଜିନାଲ୍ ଆପ୍‌ର ଡାଉନଲୋଡ୍ ସଂଖ୍ୟା ଲକ୍ଷାଧିକ ହୋଇଥିବା ବେଳେ ଫେକ୍ ଆପ୍‌ର ସଂଖ୍ୟା ମାତ୍ରେ କେତେ ଶହ କିମ୍ବା ହଜାର ହୋଇଥାଏ, ଯାହାକି ସନ୍ଦେହର କାରଣ ହୋଇଥାଏ।

❖ଫେକ୍‌ଆପ୍‌ଗୁଡିକ ଅତିରିକ୍ତ ଡାଟା ଆବଶ୍ୟକ କରିଥାଏ। ହେଲେ ଅରିଜିନାଲ୍ ଆପ୍‌ରେ କମ୍ ଡାଟା ଖର୍ଚ୍ଚ ହୋଇଥାଏ।

❖ଯଦି ଅଜାଣତରେ ଫେକ୍ ଆପ୍ ଡାଉନ୍‌ଲୋଡ୍ ହୋଇଯାଇଛି ତେବେ ତା'କୁ ଚିହ୍ନିବାର ସହଜ ଉପାୟ ହେଉଛି ବାରମ୍ବାର ଅପ୍‌ଡେଟ୍ ମାଗିବା। କାରଣ ଅରିଜିନାଲ୍ ଆପ୍‌ଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅପ୍‌ଡେଟ୍ ମାଗୁଥିବା ବେଳେ ଫେକ୍‌ରେ ଖୁବ୍ ଶୀଘ୍ର ଏବଂ ବାରମ୍ବାର ଅପ୍‌ଡେଟ୍ ମାଗିଥାଏ।

**ସାଇବର ସୁରକ୍ଷା ପ୍ରତି ସତର୍କ:** ହ୍ୱାଟ୍ସଆପ୍ ଭଳି ବିଶ୍ୱସନୀୟ ପ୍ଲାଟ୍‌ଫର୍ମ ଦ୍ୱାରା ସାଇବର ଅପରାଧୀମାନେ ନିଜକୁ ସରକାରୀ ଏଜେନ୍ସି ପରିଚୟ ଦେଇ ଫେକ୍ ଏପିକେ ଫାଇଲ୍ସ ଡିଷ୍ଟ୍ରିବ୍ୟୁଟ୍ କରିଥାନ୍ତି। ଏବେ ଫେକ୍ ଟ୍ରାଫିକ୍ ଆପ୍‌କୁ ହତିଆର ଭାବେ ବ୍ୟବହାର କରି ୟୁଜରଙ୍କୁ ନୋଟିଫିକେଶନ୍ ପଠାଇ ଠକୁଛନ୍ତି। ତେବେ ଯଦିଓ ଏଆଇ ଟୁଲ୍ସ ବ୍ୟବହାର କରି ଏଭଳି ସୋସିଆଲ୍ ଇଞ୍ଜିନିୟରିଂ ଆଟାକ୍‌କୁ ଚିହ୍ନଟ କରାଯାଇପାରୁଛି ତଥାପି ଆପ୍ ଡାଉନ୍‌ଲୋଡ୍ ପୂର୍ବରୁ ସତର୍କ ରହିବା ଆବଶ୍ୟକ।





## ଏ ସପ୍ତାହର ପ୍ରଶ୍ନ

୧- ଜେପି ସେନାନି ପେନ୍‌ସନ ସ୍କିମ୍ ........... ରାଜ୍ୟରେ ଆରମ୍ଭ କରାଯାଇଛି ?
୨- ଆସାମରେ ଥିବା ବାରାକ ଉପତ୍ୟକା........... ଚାଷ ପାଇଁ ପ୍ରସିଦ୍ଧ ?
୩- ପାଲାମାଉ ଟାଇଗର୍ ରିଜର୍ଭ .......... ରାଜ୍ୟରେ ଅବସ୍ଥିତ ?
୪- ବାଲ୍ମୀକ ରାମାୟଣର ତାମିଲ୍ ଅନୁବାଦ ରାମାବତାରମ୍‌ର ରଚୟିତା ............. ?
୫- ଜିକା ଭାଇରସ୍‌ର ବାହକ ................. ?

## ଗତ ଥରର ଉତ୍ତର

୧ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍ସ
୨ ନ୍ୟାଶନାଲ କମିଶନ୍ ଫର୍ ଓମେନ୍
୩ ତାଞ୍ଜାନିଆ
୪ ଉତ୍ତରାଖଣ୍ଡ
୫ ୩ୟ ସ୍ଥାନ

## ଉତ୍ତର ଦାତା



ରୁପାଲୀ ମଲିକ୍, କେନ୍ଦ୍ରାପଡ଼ା



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ଟେନ୍ ୧୦

### ୟଙ୍ଗେଷ୍ଟ ୱାର୍ଲ୍ଡ ଚେସ୍ ଚାମ୍ପିୟନ୍



୧. ଗୁକେଶ ଡମାରାଜୁ..............୧୮ବର୍ଷ
୨- ଗ୍ୟାରୀ କାସ୍ପାରୋଭ୍ .......... ୨୨ ବର୍ଷ
୩- ମ୍ୟାଗ୍ନସ୍ କାର୍ଲସେନ୍ ........... ୨୨ ବର୍ଷ
୪- ମିଖେଲ୍ ଟାଲ୍ ................. ୨୩ ବର୍ଷ
୫- ଆନାଟୋଲ୍ କାର୍ପୋଭ୍ ......... ୨୩ ବର୍ଷ
୬- ଇମାନୁଏଲ୍ ଲାସ୍କର୍ .......... ୨୫ ବର୍ଷ
୭- ଭ୍ଲାଡିମିର୍ କ୍ରାମ୍‌ନିକ୍ .............. ୨୫ ବର୍ଷ
୮- ବବି ଫିଶ୍ଚର୍ ................ ୨୯ ବର୍ଷ
୯- ଡିଙ୍ଗ୍ ଲିରେନ୍ ................ ୩୦ ବର୍ଷ
୧୦- ଜୋସ୍ ରଲ୍ କାପାବ୍ଲାଙ୍କା ............ ୩୨ ବର୍ଷ

### ୟୁଥ୍ ଆଲର୍ଟ

# ହାଡ଼କୁ କ୍ଷତି ପହଞ୍ଚାଏ ଏହି ଖାଦ୍ୟ

ନିଜକୁ ଆକ୍ଟିଭ୍ ଏବଂ ଫିଟ୍ ରଖିବା ଲାଗି ଶରୀରର ହାଡ଼ ବି ମଜଭୁତ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହେଲେ ଆମେ ଖାଉଥିବା କେତେକ ଖାଦ୍ୟ ଅଜାଣତରେ ଆମ ହାଡ଼କୁ କ୍ଷତି ପହଞ୍ଚାଇଥାଏ ଏବଂ ଧୀରେ ଧୀରେ ଏହାକୁ ଦୁର୍ବଳ ଏବଂ ପାପରା କରିଦେଇଥାଏ। ତେଣୁ ହାଡ଼କୁ ମଜଭୁତ ରଖିବା ଲାଗି ନିଜ ଖାଦ୍ୟ ତାଲିକାରେ କେଉଁସବୁ ଖାଦ୍ୟ ସାମିଲ ନ କରିବା ଦରକାର ଜାଣି ରଖନ୍ତୁ ...

**ଅଧିକ ଲୁଣ:** ଯେଉଁ ଖାଦ୍ୟ ଖାଇବା ପରେ ଶରୀରରେ କ୍ୟାଲ୍‌ସିୟମ ଶ୍ଳେଷଣ ଭଲ ଭାବେ ହୋଇପାରି ନ ଥାଏ ସେଭଳି ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। ସେଭଳି ଖାଦ୍ୟ ହେଉଛି ଅଧିକ ଲୁଣ। ପ୍ୟାକେଜ୍‌ଡ ଫୁଡ୍ ଯେମିତିକି ଚିପ୍ସ, ବିଭିନ୍ନ ନମ୍‌କିନ୍ ସ୍ନାକ୍ସ ଏବଂ ଆଚାର ଆଦି ଖାଇବା ଦ୍ୱାରା ପରିସ୍ରାରେ ଅଧିକ ସୋଡିଅମ୍ ଓ କ୍ୟାଲ୍‌ସିୟମ ନିର୍ଗତ ହୋଇଥାଏ। ବାରମ୍ବାର ଏପରି ହେବାଦ୍ୱାରା ହାଡ଼ରେ କ୍ୟାଲ୍‌ସିୟମର ଅଭାବ ଦେଖାଯାଇଥାଏ ଏବଂ ତାହା ଦୁର୍ବଳ ହୋଇଯାଏ।

**ଅଧିକ ମିଠା:** ଅଧିକ ମିଠାଜାତୀୟ ଖାଦ୍ୟ ଯଥା କେକ୍, ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା ଆଦି ଖାଇଲେ ଶରୀରରେ ଏସିଡିଟି ଏବଂ ଇନ୍‌ଫ୍ଲାମେଶନ୍ ବଢ଼ିଥାଏ। ଏଥିପାଇଁ ଶରୀର ହାଡ଼ରୁ କ୍ୟାଲ୍‌ସିୟମ ଏବଂ ମିନେରାଲ୍ସ ନେଇଥାଏ, ଯଦ୍ୱାରା ହାଡ଼ର ସାନ୍ଦ୍ରତା ହ୍ରାସ ପାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ ବା କାର୍ବୋନେଟେଡ୍ ଡ୍ରିଙ୍କ୍ସ:** ଏଥିରେ ଫସ୍ଫୋରିକ ଏସିଡ୍‌ର ମାତ୍ରା ବହୁତ ଥାଏ। ଯାହାକି ରକ୍ତରେ କ୍ୟାଲ୍‌ସିୟମ ସ୍ତରକୁ ବାଲାନ୍ସ କରିବା ଲାଗି ହାଡ଼ରୁ କ୍ୟାଲ୍‌ସିୟମ ଶୋଷିଥାଏ। ତେଣୁ ଏପରି ଡ୍ରିଙ୍କ୍ସ ଅଧିକ ପିଇଲେ ହାଡ଼ରେ କ୍ୟାଲ୍‌ସିୟମ ମାତ୍ରା କମିଯିବା ଦ୍ୱାରା ଏହା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପୁଜିଥାଏ।





**କ୍ୟାଫିନ୍‌ଯୁକ୍ତ ଡ୍ରିଙ୍କ୍ସ:** ଅଧିକ ମାତ୍ରାରେ ଚା, କଫି ଏବଂ ଏନର୍ଜି ଡ୍ରିଙ୍କ୍ସ ପିଇବାର ବଦଭ୍ୟାସ କେତେକଙ୍କର ରହିଛି। ହେଲେ ଏହାକୁ ଅଧିକ ପିଇଲେ ପରିସ୍ରାରେ ଶୀରରରୁ ଅଧିକ କ୍ୟାଲ୍‌ସିୟମ ନିର୍ଗତ ହୋଇଥାଏ। ଫଳସ୍ୱରୂପ ହାଡ଼ ଦୁର୍ବଳ ହୋଇଯାଏ।

**ପ୍ୟାକେଜ୍ଡ ଫୁଡ୍:** ଯେକୌଣସି ପ୍ୟାକେଜ୍‌ଡ ଓ ଫ୍ରୋଜେନ୍ ଫୁଡ୍‌ରେ ନା କେବଳ ଲୁଣ ମାତ୍ରା ଅଧିକ ବରଂ ଏହାକୁ ଅଧିକ ଦିନ ରଖାଯିବା ଲାଗି ପ୍ରିଜର୍ଭେଟିଭ୍ ମଧ୍ୟ ବ୍ୟବହାର କରାଯାଇଥାଏ, ଯାହାକି ଶରୀରର ପ୍ରାକୃତିକ ମିନେରାଲ ବାଲାନ୍ସକୁ ବିଗାଡି ଦେଇଥାଏ। ଫଳରେ ହାଡ଼ଜନିତ ସମସ୍ୟା ଦେଖାଦେଇଥାଏ।


**ଆଲ୍‌କହଲ୍:** ହାଡ଼କୁ ଗଠନ କରୁଥିବା ସେଲ୍ ଏବଂ ଅଷ୍ଟିଓବ୍ଲାଷ୍ଟର କାର୍ଯ୍ୟକ୍ଷମତାକୁ ଆଲ୍‌କହଲ୍ ପ୍ରଭାବିତ କରିଥାଏ। ଏହା ମଧ୍ୟ କ୍ୟାଲ୍‌ସିୟମ ଏବଂ ଭିଟାମିନ୍ ଡି' ଶୋଷଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସେବନ କରୁଥିବା ବ୍ୟକ୍ତିଙ୍କଠାରେ ଶୀଘ୍ର ହାଡ଼ଜନିତ ସମସ୍ୟା ଦେଖା ଦେଇଥାଏ।

### ଜାଣନ୍ତୁ ଦୁନିଆ

# ଅଜବ ପ୍ରାଣୀ


ପୃଥିବୀରେ ଅନେକ ପ୍ରକାର ପ୍ରାଣୀ ଅଛନ୍ତି । ହେଲେ ଏମିତି କେତେକ ପ୍ରାଣୀ ଅଛନ୍ତି, ଯାହାର ଅଜବ ଶାରୀରିକ ଗଠନ ଦେଖିଲେ ଅବାସ୍ତବ ଭଳି ମନେହୁଏ ଅବା ମନରେ କିଛି ଭିନ୍ନ ପ୍ରକାର ଭ୍ରମ ସୃଷ୍ଟି କରେ। ଜାଣନ୍ତୁ ସେଭଳି କେତେକ ଅଜବ ପ୍ରାଣୀଙ୍କ ସମ୍ପର୍କରେ...

**ଲିପ୍‌ଷ୍ଟିକ୍ ଲଗା ମାଛ:** ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ଝିଅମାନେ ସାଧାରଣତଃ ବିଭିନ୍ନ ରଙ୍ଗର ଲିପ୍‌ଷ୍ଟିକ୍ ଲଗାଇଥା'ନ୍ତି। ହେଲେ ମାଛଟିଏ ଲିପ୍‌ଷ୍ଟିକ୍ ଲଗାଇଲେ କେମିତି ଲାଗିବ ! ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଗାଲାପାଗୋସ୍ ଆଇସ୍‌ଲାଣ୍ଡରେ ଦେଖାଯାଉଥିବା ରେଡ୍ ଲିପ୍ ବ୍ୟାଟ୍ ଫିଶ୍ ଏକ ପ୍ରକାରର ମାଛ ପ୍ରଜାତି, ଯାହାର ଓଠ ପ୍ରକୃତରେ ଲାଲ୍, ଯାହାକି ଲାଲ୍ ଲିପ୍‌ଷ୍ଟିକ୍ ଲଗାଇବାର ଭ୍ରମ ସୃଷ୍ଟି କରିଥାଏ। ଏହି ମାଛର ଆଗ ଦୁଇ ପକ୍ଷ ପରି ପାଦ କାର୍ଯ୍ୟ କରିଥାଏ। ଫଳରେ ଏମାନେ ପାଣିରେ ନ ପହଁରି ତଳ ଭାଗରେ ଚାଲିଥା'ନ୍ତି।



**ଶୁଖିଲା ପତ୍ର ଭଳି ଜୀବ:** ମାଡାଗାସ୍କାର ଆଇସ୍‌ଲାଣ୍ଡରେ ଥିବା ଜଙ୍ଗଲରେ ଦେଖିବାକୁ ମିଳିଥାଏ ସାଟାନିକ ଲିଫ୍ ଟେଲ୍‌ଡ ଜେକୋ ନାମକ ଏକ ଜୀବ। ଯାହାର ମୁଣ୍ଡ ଶିଙ୍ଗଯୁକ୍ତ ହୋଇଥିବା ବେଳେ ଆଖିର ରଙ୍ଗ ଲାଲ୍ ଏବଂ ଲାଞ୍ଜ ଶୁଖିଲା ପତ୍ର ଭଳି ଦେଖାଯାଇଥାଏ। ଏହା ଲାଲ୍, ଧୂସର, ଟ୍ୟାନ୍ ଏବଂ ବାଇଗଣି ଭଳି ବିଭିନ୍ନ ରଙ୍ଗର ହୋଇଥା'ନ୍ତି। ଏମାନଙ୍କ ଓଜନ ମାତ୍ର ୪-୬ ଗ୍ରାମ ହୋଇଥିବା ବେଳେ ଲମ୍ବ ପ୍ରାୟ ୯୦ ମିଲିମିଟର ହୋଇଥାଏ। ଏମାନେ ଛୋଟ ଛୋଟ ପୋକ ଖାଇଥା'ନ୍ତି। ଏମାନେ ଗଛ ଉପରେ ବସିଥିବା ବେଳେ ଶୁଖିଲା ପତ୍ରର ଭ୍ରମ ସୃଷ୍ଟି କରିଥାଏ।





**ପଥର ଭଳି ଦିଶୁଥିବା ମାଛ:** ପୃଥିବୀର ସବୁଠୁ ବିଷାକ୍ତ ମାଛ ହେଲେ ଷ୍ଟୋନ୍ ଫିଶ୍। ଏହା ଦେଖିବାକୁ ଖଣ୍ଡେ ଅପରିଷ୍କାର ପଥର ଭଳି। ହେଲେ ଏହି ମାଛ ଏତେ ବିଷାକ୍ତ ଯେ, ଏହାକୁ ଖାଇବା ତ ଦୂରର କଥା, ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ୩୦ରୁ ୪୦ ସେଣ୍ଟିମିଟର ଲମ୍ବବିଶିଷ୍ଟ ଏହି ମାଛ ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଇଥାଏ। ଏହାର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁ ଥିବା ଥଳି। ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାରୁ ସହଜରେ ଜଣାପଡ଼ି ନ ଥାଏ। ତେଣୁ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖିଦିଅନ୍ତି ଏବଂ ଏହାର ଶିକାର ହୋଇଥା'ନ୍ତି। ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ ପାଦରେ ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେବେଳେ ମୃତ୍ୟୁର କାରଣ ସାଜିଥାଏ।

# ୧୦ ପଦକ ସହ ଓଡ଼ିଶା ରନରଅପ୍

## ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଉଦ୍‌ଯାପିତ

ଶ୍ରୀନଗର, ୨୩।୮

ଶ୍ରୀନଗରର ଡାଲ ହ୍ରଦରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ମୋଟ ୧୦ଟି ପଦକ ପାଇ ରନରଅପ୍ ହୋଇଛି। କଟକ ଜଗତପୁରସ୍ଥିତ ସାଇ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ଜଳକ୍ରୀଡ଼ା କେନ୍ଦ୍ରର ପ୍ରତିଯୋଗିଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଓଡ଼ିଶାକୁ ଏହି ସଫଳତା ମିଳିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ପ୍ରଥମ ଏବଂ କେରଳ (ସାଇ-ଅଲାପୁଝା) ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ମୋଟ ୨୪ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରେ ୧୪ କାୟାକିଂ ଆଣ୍ଡ କାନୋଇଂ ଏବଂ ୧୦ ରୋଇଂ।

ଓଡ଼ିଶାର ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ସି୨ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ରଶ୍ମିତା ଓ ଆଚୋଇବାମ୍ ଦେବୀ (୨:୧୧.୦୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି କେ୪ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, କେ.ୟିଫାଟୋମ୍ବି ଦେବୀ ଓ ସୋନିଆ ଦେବୀ ୧:୫୦.୮୯ ସେକେଣ୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ପୁରୁଷ ସିଙ୍ଗଲ ସ୍କଲ (୧୦୦୦ ମିଟର) ଇଭେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅଭିରାଜ ୨:୨୭.୫୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏ କ୍ଷେତ୍ରରେ ସେ ଦିଲ୍ଲୀରୁ ପ୍ରତିନିଧିତ୍ୱ କରିଥିବା ଟୋକିଓ ଅଲିମ୍ପିଆନ ଆର୍ମି ରୋୟର ଅର୍ଜୁନ ଲାଲ ଜାଟ୍‌ଙ୍କୁ ପଛରେ ପକାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସଂଘର୍ଷପୂର୍ଣ୍ଣ ଲଢ଼େଇରେ ଜାଟ ୩:୨୮.୬୮ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଲାଇଟୱେଟ ମହିଳା ଡବଲ ସ୍କଲ (ଏଲଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ସ୍ୱିଟି ଓ ଅନିସ୍କା ଭାରତୀ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ ସ୍କଲ (ଡବ୍ଲ୍ୟୁ୨ଏକ୍ସ)ରେ ମଧ୍ୟ ଓଡ଼ିଶାର ଭାଗ୍ୟଶ୍ରୀ ଘୁଲେ ଓ ଗୁରୁଶରନପ୍ରୀତ କୌର ରୌପ୍ୟ ପଦକ ହାସଲ କରିଛନ୍ତି।



ପୁରୁଷ ସିଙ୍ଗଲ ସ୍କଲ (୧୦୦୦ ମିଟର) ଇଭେଣ୍ଟରେ ପ୍ରଥମସ୍ଥାନ ଅଧିକାର କରିବାପରେ ଉଲ୍ଲସିତ ଅଭିରାଜ।





ସି୨ଡବ୍ଲ୍ୟୁ-୫୦୦ ମିଟରରେ ସ୍ୱର୍ଣ୍ଣ ବିଜୟିନୀ ଆଚୋଇବାମ୍ ଦେବୀ ଓ ରଶ୍ମିତା ସାହୁ।

### ରଶ୍ମିତା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍

ଶୁକ୍ରବାର ଓଡ଼ିଶାକୁ ୨ଟି ରୌପ୍ୟ ପଦକ ମିଳିଥିଲା। ନାଓରେମ ଜେମ୍ସ ସିଂ ଓ ସନ୍ତୋଷ ଖ୍ୱାଇରାକପାମ କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ସେହିପରି ଓଇନମ ଦେବୀ ଓ ଶ୍ରୁତି ଚୌଗୁଲେ କେ୨ଏମ୍-୫୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ରାଜ୍ୟକୁ ଗର୍ବିତ କରିଥିଲେ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହାଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ନାଓରେମ ଜେମ୍ସ ସିଂ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଓଡ଼ିଶାରୁ ୬

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

ଅହମଦାବାଦଠାରେ ଚଳିତ ମାସ ୨୪ରୁ ୩୦ ପର୍ଯ୍ୟନ୍ତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ପ୍ରତିଯୋଗିତା ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୟୁଥ୍ ବାଳିକା ବିଭାଗର ୪୪ କେଜି ବର୍ଗରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜି ବର୍ଗରେ ଟିକି ମୋହିନୀ ମଲିକ, ଜୁନିୟର ମହିଳା ବିଭାଗର ୫୮ କେଜିରେ ମୀନା ସାନ୍ତା (ଏ), ୬୩ କେଜିରେ ବିଦୁସ୍ମିତା ଭୋଇ ଓ ପୁରୁଷ ୮୮ କେଜିରେ ହୃଦାନନ୍ଦ ଦାସ ଏବଂ ସିନିୟର ମହିଳା ୫୩ କେଜି ବର୍ଗରେ ସ୍ନେହା ସୋରେନ ଅଂଶଗ୍ରହଣ କରିବେ। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପର୍‌ଫର୍ମାନ୍ସ ସେଣ୍ଟର (କଳିଙ୍ଗ ଷ୍ଟାଡିୟମ) ଓ ସବ୍ ସେଣ୍ଟର (ଢେଙ୍କାନାଳ)ରେ ଅଭ୍ୟାସ କରି ଜାତୀୟ ସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ଜାତୀୟ ଚୟନ ଶିବିର ପାଇଁ ମନୋନୀତ ହୋଇଥିଲେ ଏବଂ ସେଠାରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ ଚୟନ ହୋଇଛନ୍ତି। ଏକାବେଳକେ ୬ ପ୍ରତିଯୋଗୀ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ କର୍ମକର୍ତ୍ତା ଏବଂ ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ରାଜ୍ୟ ସଂଘ କର୍ମକର୍ତ୍ତାମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ସ୍ନେହା ସୋରେନ



ମୀନା ସାନ୍ତା



ବିଦୁସ୍ମିତା ଭୋଇ



ପ୍ରୀତିସ୍ମିତା ଭୋଇ



ଟିକି ମୋହିନୀ ମଲିକ



ହୃଦାନନ୍ଦ ଦାସ

## ଆର୍ଜେଣ୍ଟିନା ନଭେମ୍ବରରେ କେରଳରେ ଖେଳିବ

କୋଚି, ୨୩।୮ (ପି.ଟି.)

ଆସନ୍ତା ନଭେମ୍ବରରେ କେରଳରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏ ନେଇ ଆର୍ଜେଣ୍ଟିନା ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍ ନଭେମ୍ବର ୧୦ରୁ ୧୮ ମଧ୍ୟରେ କୋଚି କିମ୍ବା ଥିରୁଭାନନ୍ତପୁରମରେ ଖେଳାଯାଇପାରେ। ମ୍ୟାନେଜର ଲିଓନେଲ ସ୍କାଲୋନିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଜାତୀୟ ଦଳ ଚଳିତ ବର୍ଷ ଦୁଇ ପର୍ଯ୍ୟାୟରେ ଫିଫା ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ। ପ୍ରଥମ ପର୍ଯ୍ୟାୟ ଅକ୍ଟୋବରରେ ୬ରୁ ୧୪ ମଧ୍ୟରେ ଆମେରିକାରେ ଖେଳାଯିବ। ଏହି ମ୍ୟାଚ୍‌ଗୁଡ଼ିକ ଲାଗି ପ୍ରତିପକ୍ଷ ଦଳ ଓ କେଉଁ ସହରରେ ମ୍ୟାଚ୍ ଖେଳାଯିବ ତାହା ନିର୍ଦ୍ଧାରଣ ହୋଇପାରି ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଫ୍ରେଣ୍ଡଲୀ ମ୍ୟାଚ୍ ନଭେମ୍ବରରେ ୧୦ରୁ ୧୮ ମଧ୍ୟରେ ଲୁଆଣ୍ଡା, ଆଙ୍ଗୋଲା ଓ କେରଳରେ ହେବ। ଏଥିଲାଗି ଏପର୍ଯ୍ୟନ୍ତ ପ୍ରତିପକ୍ଷ ଦଳ ଧାର୍ଯ୍ୟ ହୋଇ ନାହାନ୍ତି। ଏ ସମ୍ପର୍କରେ କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରହିମାନ କହିଛନ୍ତି, ଲିଓନେଲ ମେସିଙ୍କ ନେତୃତ୍ୱରେ ବିଶ୍ୱକପ୍ ଜିତିଥିବା ଆର୍ଜେଣ୍ଟିନା ଦଳ କେରଳରେ ନଭେମ୍ବରରେ ଏକ ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ।

## ଖେଲୋ ଇଣ୍ଡିଆ ପେନ୍‌ଚାକ୍ ସିଲାଟ ଲିଗ୍ ଉଦ୍‌ଘାଟିତ



ଖେଲୋ ଇଣ୍ଡିଆ ପେନ୍‌ଚାକ ସିଲାଟ ଲିଗ୍‌ରେ ଭାଗ ନେଇଥିବା ଖେଳାଳିମାନେ।

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ୍ ଆନୁକୂଲ୍ୟରେ ୨ ଦିନିଆ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ ସିଲାଟ ଲିଗ୍ ଝାରସୁଗୁଡା ଓଏସ୍‌ଏପି ସେକେଣ୍ଡ ବାଟାଲିୟନରେ ଶନିବାର ଉଦ୍‌ଘାଟିତ ହୋଇଛି। ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରମ୍ ଚୋୱାନ, ଝାରସୁଗୁଡା ଓଏସ୍‌ଏପି ସେକେଣ୍ଡ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ପ୍ରସାଦ ତାମଙ୍ଗ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ନାୟକ, ଓଡ଼ିଶା ପେନ୍‌ଚାକ୍ ସିଲାଟ ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପା, ଉପସଭାପତି ମନୋରଞ୍ଜନ ଭଞ୍ଜ ଓ କୋଷାଧ୍ୟକ୍ଷ ଭବାନୀ କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ୨୧ବର୍ଷ ପରେ ମୁଖ୍ୟ ଡ୍ର'ରେ ଇଣ୍ଡୋନେସୀୟ ଖେଳାଳି

ନ୍ୟୁୟର୍କ, ୨୩।୮ (ଏପି)

ମହିଳା ଟେନିସ ଖେଳାଳି ଜାନିସ ଟିଜେନ ୟୁଏସ୍ ଓପନ୍ ଟେନିସ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ୨୦୦୪ ପରେ ଅର୍ଥାତ ୨୧ବର୍ଷରେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ମୁଖ୍ୟ ଡ୍ର ସ୍ଥାନ ପାଇବାରେ ଇଣ୍ଡୋନେସିଆର ସେ ପ୍ରଥମ ଖେଳାଳି ହୋଇଛନ୍ତି। ପୂର୍ବରୁ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ମୁଖ୍ୟ ଡ୍ରରେ ସ୍ଥାନ ପାଇଥିବା ଇଣ୍ଡୋନେସୀୟ ଖେଳାଳି ହେଲେ ଆଞ୍ଜେଲିକ୍ ୱିଡ୍‌ଜାଜା।

# ଜାତୀୟ ଜୁନିୟର ହକି : ଓଡ଼ିଶା ଉପବିଜେତା

ଜଳନ୍ଧର, ୨୩।୮ (ପି.ଟି.)

ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ହରିୟାଣା ୩-୨ ଗୋଲ୍‌ରେ ହରାଇ ଦେଇଛି। ଏହି ମ୍ୟାଚରେ ଓଡ଼ିଶା ପ୍ରଥମେ ୨-୦ରେ ଅଗ୍ରଣୀ ରହିଥିବା ବେଳେ ଶେଷ କ୍ୱାର୍ଟରରେ ହରିୟାଣା ତିନୋଟି ଗୋଲ୍ ସ୍କୋର କରି ମ୍ୟାଚ ଜିତି ନେଇଥିଲା। ଓଡ଼ିଶା ତରଫରୁ ଦୀପକ ପ୍ରଧାନ (୧୭ତମ ମିନିଟ) ଓ ପ୍ରତାପ ଟପ୍ପୋ (୧୯ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ଓଡ଼ିଶାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟର ଖେଳ ଗୋଲ୍‌ଶୂନ୍ୟ ରହିବା ପରେ ହରିୟାଣା ତରଫରୁ ଚିରାଗ (୫୦ତମ) ପ୍ରଥମ ଗୋଲ କରିଥିବା ବେଳେ ପରବର୍ତ୍ତୀ ସମୟରେ ସାଥୀ ଖେଳାଳି ନୀତିନ (୫୧ତମ ଓ ୬୦ତମ) ଦୁଇଟି ଗୋଲ ସ୍କୋର କରି ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଅନ୍ୟପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପଞ୍ଜାବ ୪-୩ ପେନାଲ୍ଟି ଶୁଟ୍‌ଆଉଟରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି।





ଜାତୀୟ ଜୁନିୟର ହକିରେ ରନରଅପ୍ ଓଡ଼ିଶା ଦଳ।

# ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଶାରାପୋଭା, ବ୍ରାଏନ ବ୍ରଦର୍ସ

ଲଣ୍ଡନ, ୨୩।୮ (ଏପି)

ଟେନିସ ଖେଳରେ ଉଲ୍ଲେଖନୀୟ ଅବଦାନ ପାଇଁ ମାରିଆ ଶାରାପୋଭା ଏବଂ ବବ୍ ଓ ମାଇକ୍ ବ୍ରାଏନ ବ୍ରଦର୍ସ ଯୋଡ଼ି ଇଣ୍ଟରନ୍ୟାଶନାଲ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଯେଉଁ ୧୦ ମହିଳା ଖେଳାଳି ବ୍ୟକ୍ତିଗତ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି ତନ୍ମଧ୍ୟରେ ଶାରାପୋଭା ଅନ୍ୟତମ। ୨୦୦୪ ୱିମ୍ବଲଡନ ଜିତିବା ପରେ ସେ ଷ୍ଟାର ଖେଳାଳି ହୋଇଯାଇଥିଲେ। ସେତେବେଳେ ସେ ଦୁଇଥର ଚାମ୍ପିୟନ ସେରେନା ୱିଲିୟମ୍ସଙ୍କୁ ଫାଇନାଲରେ ହରାଇ ଦେଇଥିଲେ। ୨୦୦୬ରେ ସେ ୟୁଏସ୍ ଓପନ, ୨୦୦୮ରେ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୨ ଓ ୨୦୧୪ରେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ। ସେ ପ୍ରଥମ ରୁଷୀୟ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ର୍‍ୟାଙ୍କିଂ ନମ୍ବର-୧ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ୨୦୦୮ରେ ବିଲି ଜିନ୍ କିଙ୍ଗ କପ୍‌ରେ ରୁଷିଆକୁ ଚାମ୍ପିୟନ କରିବାରେ ଶାରାପୋଭାଙ୍କ ବିଶେଷ ଭୂମିକା ରହିଥିଲା। ୨୦୧୨ ଅଲିମ୍ପିକ୍ସରେ ସେ ରୌପ୍ୟ ଜିତିଥିଲେ। ଫାଇନାଲରେ ସେ ୱିଲିୟମ୍ସଙ୍କଠାରୁ ହାରିଯାଇଥିଲେ। ଶାରାପୋଭାଙ୍କର ପୁରସ୍କାର ରାଶି ଅପେକ୍ଷା ବିଜ୍ଞାପନରୁ ଆୟ ଅଧିକ। ରୁଷିଆର ଏହି ଟେନିସ ଖେଳାଳି ତାଙ୍କ ୧୫ ବର୍ଷ କ୍ୟାରିୟର ପରେ ୨୦୨୦ରେ ୩୨ବର୍ଷ ବୟସରେ ଅବସର ନେଇଥିଲେ। ସେ ତାଙ୍କ କ୍ୟାରିୟରରେ ଅନେକଥର ଇଞ୍ଜୁରୀ ସମସ୍ୟାରେ ରହିଥିଲେ। ୨୦୧୬ ଅଷ୍ଟ୍ରେଲିଆନ ଓପନ ବେଳେ ନୂତନ ଭାବେ ନିଷିଦ୍ଧ କରାଯାଇଥିବା ଡ୍ରଗ୍ ମେଲୋଡିୟମ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ି ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇଥିଲେ। ବବ୍ ଓ ମାଇକ୍ ବ୍ରାଏନ ଯମଜ ରେକର୍ଡ ୧୬ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେମାନେ ଆହୁରି ମଧ୍ୟ ୪୩୮ ସପ୍ତାହ ଧରି ନମ୍ବର ୱାନ ରହିପାରିଥିଲେ। ମାଇକ ବ୍ରାଏନ ପ୍ରକୃତରେ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ବବ୍ ଆଘାତଜନିତ ସମସ୍ୟାରେ ଥିବା ବେଳେ ସେ ୨୦୧୮ରେ ଜ୍ୟାକ୍ ସକ୍‌ଙ୍କ ସହିତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

# ୨୦୨୬ ଫିଫା ବିଶ୍ୱକପ୍ ଡ୍ର' ଘୋଷଣା ୱାଶିଂଟନରେ ହେବ: ଟ୍ରମ୍ପ

ୱାଶିଂଟନ, ୨୩।୮ (ଏପି)

ଆସନ୍ତା ବର୍ଷ ହେବାକୁ ଥିବା ଫିଫା ବିଶ୍ୱକପ୍ ଲାଗି ଡିସେମ୍ବର ୫ ତାରିଖରେ ୱାଶିଂଟନସ୍ଥିତ କେନେଡି ସେଣ୍ଟରଠାରେ ଡ୍ର' ଘୋଷଣା କରାଯିବ। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଓଭାଲ କାର୍ଯ୍ୟାଳୟରେ କହିଛନ୍ତି। ଏହି ଅବସରରେ ତାଙ୍କ ସହିତ ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଓ ଉପ ରାଷ୍ଟ୍ରପତି ଜେ ଡି ଭାନ୍ସ ଉପସ୍ଥିତ ଥିଲେ। ଆସନ୍ତା ବର୍ଷ କାନାଡା ଓ ମେକ୍ସିକୋ ସହ ମିଶି ଆମେରିକା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏଥିରେ ୪୮ ଦଳ ଭାଗ ନେବେ। ଗତ ସଂସ୍କରଣରେ ଭାଗ ନେଇଥିବା ଦଳ ସଂଖ୍ୟା ୩୨ରେ ସୀମିତ ରହିଥିଲା। ଡ୍ର' ଉଠାଣ କାର୍ଯ୍ୟକ୍ରମରେ ବିଶ୍ୱକପ୍ ଲାଗି ଗ୍ରୁପ୍ସ ଓ ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ କେତୋଟି ଲେଖାଏ ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହେବ। ବିଶ୍ୱକପ୍ ଜୁନ ୧୧ ତାରିଖରେ ମେକ୍ସିକୋ ସହରର ଆଜଟେକା ଷ୍ଟାଡିୟମରେ ଆରମ୍ଭ ହୋଇ ଜୁଲାଇ ୧୯ ତାରିଖରେ ମେଟଲାଇଫ୍ ଷ୍ଟାଡିୟମରେ ଶେଷ ହେବ।

### ଏସିଆନ ଶୁଟିଂ ଚାମ୍ପିୟନଶିପ୍

## ଅର୍ଜୁନ-ଏଲାଭେନିଲ ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

ସିମ୍‌କେଣ୍ଟ (କାଜାଖସ୍ତାନ), ୨୩।୮ (ପି.ଟି.)

ଭାରତର ଅର୍ଜୁନ ବବୁତା ଓ ଏଲାଭେନିଲ ଭାଲରିଭାନ ଶନିବାର ଏଠାରେ ଅନୁଷ୍ଠିତ ୧୬ତମ ଏସିଆନ ଶୁଟିଂ ଚାମ୍ପିୟନଶିପ୍ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଯୋଡ଼ି ଚାଇନାର ଡିଙ୍ଗ୍‌କେ ଲୁ' ଓ ଜିନ୍‌ଲୁ ପେଙ୍ଗ୍‌ଙ୍କୁ ୧୭-୧୧ରେ ପରାସ୍ତ କରି ପୋଡିୟମ ଶୀର୍ଷରେ ରହିଥିଲେ।

# ଉତ୍କଳ ସ୍ପୋର୍ଟ୍ସ ମିଟ୍ କରାଟେ ପ୍ରତିଯୋଗିତା

ଭୁବନେଶ୍ୱର, ୨୩।୮ (ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୩୫ତମ ଜନ୍ମବାର୍ଷିକୀ ଅବସରରେ ଦୁଇ ଦିନିଆ ଉତ୍କଳ ସ୍ପୋର୍ଟ୍ସମିଟ୍ କରାଟେ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏହା ଭୁବନେଶ୍ୱର ଓ କଟକ ଶାଖା ଉତ୍କଳ କରାଟେ ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ ଅନୁଷ୍ଠିତ ହେଉଛି। ଏଥିରେ ୪୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରବିବାର ଏହା ଉଦ୍‌ଯାପିତ ହେବ। ପ୍ରଥମ ଦିବସ ପ୍ରତିଯୋଗିତା ଶେଷରେ ଦୁଇଥର ବିଶ୍ୱ ଚାମ୍ପିୟନ ସେନ୍‌ସେଇ ଆମିର ମେହେଦିଜାଦେ ଓ ସେନ୍‌ସେଇ ତଥା ମହାରାଷ୍ଟ୍ର କରାଟେ ସଂଘ ସମ୍ପାଦକ ସନ୍ଦୀପ ଗାଡ଼େ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।





ଉତ୍କଳ ସ୍ପୋର୍ଟ୍ସ ମିଟ୍‌ରେ ଭାଗ ନେଇଥିବା କରାଟେକାମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।









Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ